R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୫
ତିଥି : ସପ୍ତମୀ
୦୨ ଜୁଲାଇ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 265
02 July 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ୪୬ ପଞ୍ଚାୟତରେ ବନ୍ୟା ପ୍ରକୋପ

■ ବାହ୍ୟ ଜଗତରୁ ବହୁ ଗାଁ ବିଚ୍ଛିନ୍ନ
■ ଜଳକାରେ ଜଳସ୍ତର ବଢ଼ୁଛି
■ ବୁଢ଼ାବଳଙ୍ଗ ବିପଦସଂକେତ ତଳେ



ବାଲେଶ୍ୱର, ୧।୭ (ସବ୍ୟୁ) : ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ଧୀରେଧୀରେ ହ୍ରାସ ପାଇବାରେ ଲାଗିଛି ଏବଂ ବନ୍ୟାର ପ୍ରକୋପ ମଧ୍ୟ କମୁଛି । ତେବେ, ବନ୍ୟା ଯୋଗୁ ଉତ୍ତର ବାଲେଶ୍ୱରର ବହୁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ହଜାର ହଜାର ଏକର ଚାଷ ଜମିରେ ପାଣିର ସୁଅ ଚାଲିଛି । ଆଜି କେନ୍ଦ୍ରାଞ୍ଚଳ ଆରଡ଼ିସି ବି. ପରମେଶ୍ୱରନ ଏଠାରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ସୁବର୍ଣ୍ଣରେଖା ନଦୀର ଜଳପଉନ ରାଜଘାଟଠାରେ ଆଜି ଅପରାହ୍ନ ୨ଟା ସୁଦ୍ଧା ୧୧.୫୬ ମିଟରରେ ସ୍ଥିର ରହିଥିଲା । ଜାତୀୟ ରାଜପଥ ପୋଲ ନିକଟରେ ପ୍ରତି ସେକେଣ୍ଡରେ ୫୦୧୮୫.୦୬ କ୍ୟୁସେକ ପାଣି ନିଷ୍କାସିତ ହେଉଥିଲା । ଅପରାହ୍ନ ୪ଟା ସମୟରେ ଜଳପଉନ ହ୍ରାସ ପାଇ ୧୧.୫୩ ମିଟରରେ ପ୍ରବାହିତ ହେଉଥିଲା । ନଦୀର ଉପର ମୁଣ୍ଡରେ ଆଉ ବର୍ଷା ନହେଲେ ସୁବର୍ଣ୍ଣରେଖା ବନ୍ୟା ପରିସ୍ଥିତିରେ ସୁଧାର ଆସିବ ବୋଲି ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ ଚିଫ (ସର୍ବୋଚ୍ଚ ଯନ୍ତ୍ରୀ) ମୁକୁଲ ଚନ୍ଦ୍ର ବେରା କହିଛନ୍ତି ।ଅନ୍ୟପକ୍ଷରେ, ବନ୍ୟା ଯୋଗୁ ଉତ୍ତର ବାଲେଶ୍ୱରର ଅନେକ ପଞ୍ଚାୟତ ପ୍ରଭାବିତ ହୋଇଛି । ଜିଲ୍ଲାର ୪୬ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ୨୯୧୬ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ସେଥିମଧ୍ୟରୁ ବସ୍ତା ବ୍ଲକ୍ର ୧୪ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ଜଳେଶ୍ୱରର ୧୦ଟି ପଞ୍ଚାୟତ ଓ ପେରାଞ୍ଚଳର ୭ଟି ଓ୍ୱାର୍ଡ, ବାଲିଆପାଳ ବକର ୨ପଞ୍ଚାୟତ, ଭୋଗରାଇ ବ୍ଲକରେ ୧୩ଟି ପଞ୍ଚାୟତ, ରେମୁଣା ଓ ସୋର ବ୍ଲକରେ ଗୋଟିଏ ଲେଖାଏଁ ପଞ୍ଚାୟତ ପ୍ରଭାବିତ ହୋଇଛି । ଏସବୁ ପଞ୍ଚାୟତର ହଜାର ହଜାର ଏକର ଚାଷ ଜମିରେ ପାଣିର ସୁଅ ଚାଲିଥିବା ଦେଖିବାକୁ ମିଳିଛି । କେନ୍ଦ୍ରାଞ୍ଚଳ ଆରଡ଼ିସି ବି. ପରମେଶ୍ୱରନ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ବନ୍ୟା ମୁକାବିଲା ପାଇଁ ପୌର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ । ଏହାପରେ ଶାସନବା ସୁବର୍ଣ୍ଣରେଖା ନଦୀ କୂଳକୁ ଯାଇ ବନ୍ୟା ସ୍ଥିତି ଓ ନନ୍ଦୀକା ନିକଟରେ ଜଳ ନିଷ୍କାସନ ସମସ୍ୟାର ଅନୁଧ୍ୟାନ (୯ ପୃଷ୍ଠାରେ)

## ବୈତରଣୀରେ ପ୍ରଥମ ବନ୍ୟା

ଭଦ୍ରକ/ଧାମନଗର, ୦୧।୭ (ସବ୍ୟୁ): ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ନଦୀରେ ଏବର୍ଷର ପ୍ରଥମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରବିବାର ଦିନ ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆ ସୋମପାଟଣା,ଠାକୁରମୁଣ୍ଡା,କେନ୍ଦୁଝର ଓ ଆନନ୍ଦପୁର ଆଦି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାରୁ ନଦୀରେ ବନଯା ପରିସ୍ଥିତି ସୃଷ୍ଟି ହୋଇଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ନିକଟତର ହୋଇ (୯ ପୃଷ୍ଠାରେ)

# ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧।୭ : ଆସନ୍ତା ୧୪ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ । ଏହି ଦୁଇଦିନିଆ ଓଡ଼ିଶା ଗସ୍ତ କ୍ରମରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୧୪ ତାରିଖ ସନ୍ଧ୍ୟା ୫ଟାରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ପହଞ୍ଚିବେ। ସିଧାସଳଖ ଏମ୍ସ ଯାଇ ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ରାଜଭବନରେ ରାତ୍ରୀ ଯାପନ କରିବେ। ଜୁଲାଇ ୧୫ରେ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେଯୋଗେଦେବେ। ରେଭେନ୍ସ (୯ ପୃଷ୍ଠାରେ)

# ୧୧ରେ ରାହୁଲଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୧।୭ (ସବ୍ୟୁ) : ଆସନ୍ତା ୧୧ ତାରିଖରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ସହ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡଗେ, ସାଧାରଣ ସମ୍ପାଦକ କେ. ଭେନୁ ଗୋପାଳ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ପ୍ରଦେଶ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଆୟୋଜନ କରାଯିବ। ଏଥିରେ ରାହୁଲ ଗାନ୍ଧି ଯୋଗ ଦେବେବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଏଥବନେଇ କଂଗ୍ରେସ ଭବନରେ ପରିବର୍ଦ୍ଧିତ ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପିସିସି ସଭାପତିଙ୍କ ସହ ଦଳର ବହୁ (୯ ପୃଷ୍ଠାରେ)

# ହେରାପଞ୍ଚମୀ ନୀତି ସମ୍ପନ୍ନ, ରଥ ଭାଙ୍ଗିଲେ ମା' ଲକ୍ଷ୍ମୀ



ପୁରୀ, ୧।୭ (ସବ୍ୟୁ) : ଆଷାଢ଼ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ପାରମ୍ପରିକ ବିଧି ଅନୁଯାୟୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ହେରା ପଞ୍ଚମୀ ନିତି ସମ୍ପର୍ଣ୍ଣ ହୋଇଛି । ବିଳମ୍ବିତ ରାତିରେ ମା ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଥିଲେ । କିନ୍ତୁ ସେଠାରେ ମହାପ୍ରଭୁଙ୍କ ଦର୍ଶନ ପାଇ ନ ଥିଲେ।

ମହାପ୍ରଭୁଙ୍କ ଦର୍ଶନ ନପାଇ ଅଭିମାନିନି ମହାଲକ୍ଷ୍ମୀ ରଥ ଭାଙ୍ଗିଛନ୍ତି । ରାଗ ଜର୍ଜରିତ ହୋଇ ଫେରି ଆସି ଥିଲେ ଶ୍ରୀମନ୍ଦିରକୁ। ଆଜି ଠାରୁ ଆରମ୍ଭ ହୋଇଛି ବାହୁଡା ପ୍ରସ୍ତୁତି। ତିନି ରଥର ଦକ୍ଷିଣ ମୋଡ ହୋଇଚି। ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହୋଇଛି ପବିତ୍ର ହେରାପଞ୍ଚମୀ ନିତି । ବିଧି ପରମ୍ପରା ଅନୁଯାଇ ଆଡପମଣ୍ଡପରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ରୁକ୍ମଣୀ ହରଣ ଏକାଦଶୀ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀଙ୍କ ବିବାହ ହୋଇଥିଲା । ଗଇଁଠାଳ ଫିଟି ନ ଥିବା ବେଳେ ମହାପ୍ରଭୁ ଅସୁସ୍ଥ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ । ସୁସ୍ଥ ହେବା ପରେ ନବବିବାହିତା ଧର୍ମପତ୍ନୀ ମହାଲକ୍ଷ୍ମୀଙ୍କୁ ଛାଡି ବଡ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମ ବେଦୀକୁ (୯ ପୃଷ୍ଠାରେ)

## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବୈଠକ

# ବାହୁଡା, ସୁନାବେଶ ଲାଗି ଆଗୁଆ ଭିଡ଼ ଆକଳନକୁ ଗୁରୁତ୍ୱ



ପୁରୀ, ୧।୭ (ସବ୍ୟୁ) : ଆଜି ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସୁରକ୍ଷାର ତିନୋଟି ଦିଗ ଉପରେ ଯଥା ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱଆରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ଚାରିଗୋଟି ଉତ୍ସବ ମଧ୍ୟରୁ ଏବେବି ଆଉ ତିନୋଟି ବଡ ଓ ମହତ୍ୱପୂର୍ଣ୍ଣ ଉତ୍ସବ ବାହୁଡ଼ା, ସୁନାବେଶ ଓ ନୀଳାଦ୍ରୀ ବିଜେ ବାକି ଅଛି। ଅନୁକୂଳ ପାଗ ଯୋଗୁଁ ଏହି ତିନି ଦିନ ବହୁତ ଭକ୍ତ ଆସିବେ। ବିଶେଷ କରି ସୁନାବେଶ ଦିନ। ଏଣୁ ଏହି ବଡ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଏବଂ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରୀ।

ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ନିର୍ଭୁଲ କ୍ରାଉଡ଼ ଏସ୍ଟିମେଶନ ହେଉଛି ପ୍ରଥମ ଷ୍ଟେଜ। ତେଣୁ ଆଗାମୀ ତିନିଗୋଟି ବଡ ଉତ୍ସବକୁ ନିର୍ଭୁଲ ଭାବେ ଆଗୁଆ ଭିଡ ସମ୍ପର୍କରେ

**ମହାପ୍ରଭୁଙ୍କ କାମ ଆମ ପାଇଁ ଡ୍ୟୁଟି ନୁହେଁ, ସୌଭାଗ୍ୟର ବିଷୟ : ମୁଖ୍ୟମନ୍ତ୍ରୀ**

ସମୟ ଅନୁଯାୟୀ ଆକଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ଷ୍ଟାଣ୍ଡାର୍ଡ ଏସଓପି ରହିଛି। ଏହି ଏସଓପିକୁ କଡାକଡି ଭାବେ ପାଳନ (୯ ପୃଷ୍ଠାରେ)

## ବିଏମ୍‌ସି ଅଫିସରଙ୍କୁ ଆକ୍ରମଣ ଘଟଣାରେ ଜିଦ୍‌ରେ ଅଟଳ ଓଏଏସ୍ ସଂଘ

# କାର୍ଯ୍ୟାନୁଷ୍ଠାନ ନିଅ, ନଚେତ୍ ଅନିର୍ଦ୍ଦିଷ୍ଟକାଳ ଛୁଟିରେ ଯିବୁ



- ସମୂହ ଛୁଟିରେ ଗଲେ ୩୦ ଜିଲ୍ଲାର ଓଏଏସ୍
- ବଦଳିଲା ଓଏଏସ୍ ସଂଘର ସ୍ଥଗିତ ନିଷ୍ପତ୍ତି
- ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବାକୁ ଦାବି
- ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି ଅତିରକ୍ତ କମିଶନର

ଭୁବନେଶ୍ୱର, ୧।୭ (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ରାଜ୍ୟର ୧୭ଟି ଜିଲ୍ଲାରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି । ସମସ୍ତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିବା ସହିତ କଲମ ଛାଡ଼ିଛନ୍ତି । ସେହିପରି ଆଜି ରାତି ସୁଦ୍ଧା ୩୦ ଜିଲ୍ଲାର ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ବିଏମସି କାର୍ଯ୍ୟରତ ଓଏଏସ୍ ଅଧିକାରୀ ଓ କର୍ମଚାରୀମାନେ କଲମଛାଡ଼ ସହ କଳାବ୍ୟାଚ ପିନ୍ଧି ଆନ୍ଦୋଳନ କରିଥିଲେ । ଏହି ଆକ୍ରମଣ ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ଛୁଟିରେ ରହିବେ ବୋଲି ଓଏଏସ୍ ସଂଘ ରାଜ୍ୟ ସରକାରଙ୍କ ୨୪ ଘଣ୍ଟିଆ ଚେତାବନୀ ଦେଇଥିବା ସଂଘର ସଭାପତି ଜ୍ୟୋତି ରଞ୍ଜନ ମିଶ୍ର କହିଛନ୍ତି ।

ମଙ୍ଗଳବାର କଟକ, ଜଗତସିଂହପୁର, ଭଦ୍ରକ, ରାୟଗଡ଼ା, ଦେବଗଡ଼, ସୋନପୁର, ବାଲେଶ୍ୱର, ଗଞ୍ଜାମ, ନବରଙ୍ଗପୁର, ବଲାଙ୍ଗିର, ସମ୍ବଲପୁର, କେନ୍ଦୁଝର, ଯାଜପୁର, ଝାରସୁଗୁଡ଼ା, (୯ ପୃଷ୍ଠାରେ)

## ଆଉ ଦୁଇ ଗିରଫ, ଏନଏଚଆରସିରେ ଅଭିଯୋଗ

ଭୁବନେଶ୍ୱର, ୧।୭ (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଦୁର୍ବୃତ୍ତମାନେ ତାଙ୍କ ଅଫିସ୍‌ରେ ପଶି ମାଡ ମାରିଥିଲେ । ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ସଞ୍ଜୀବ ମିଶ୍ର, ସଚ୍ଚିକାନ୍ତ ସ୍ୱାଇଁ । ମାଡ ମାରିବାକୁ ଯାଇଥିବା ୫ଜଣ ଅଭିଯୁକ୍ତ ଗିରଫ ହୋଇସାରିଥିବା ବେଳେ ଖାରବେଳନଗର ଥାନା ପୋଲିସ ତଦନ୍ତ ଜାରି ରଖିଛି ।

ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ୍ ଭିତରେ ମାଡ ମାରିବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନରେ ଓକିଲ ଅନୁପ କୁମାର ସାହୁ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ଜାତୀୟ ମାନବାଧିକାର କମିଶନ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ କରିଛନ୍ତି ଯେ, ଶ୍ରୀ ସାହୁ କିପରି ନ୍ୟାୟ ପାଇବେ ସେ ସମ୍ପର୍କରେ (୯ ପୃଷ୍ଠାରେ)

## ଗିରଫ ୫ଙ୍କୁ ନିଲମ୍ବନ କଲା ବିଜେପି

ଭୁବନେଶ୍ୱର, ୧।୭ (ସବ୍ୟୁ) : ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ହିଂସାକାଣ୍ଡରେ ସଂପୃକ୍ତି ଅଭିଯୋଗ ଆଧାରରେ ୫ଜଣଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ରାଜ୍ୟ ସଭାପତି ମନମୋହନ ସାମଲ ନିଲମ୍ବନ କରିଛନ୍ତି । ସେମାନେ ହେଲେ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ, ସଂଜୀବ ମିଶ୍ର ।

## ତେଲେଙ୍ଗାନା ଫାର୍ମା ପ୍ଲାଣ୍ଟ ବିସ୍ଫୋରଣ

# ମୃତ୍ୟୁ ସଂଖ୍ୟା ୩୯କୁ ବୃଦ୍ଧି

ନୂଆଦିଲ୍ଲୀ, ୧।୭।୬ : ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଫାର୍ମା ପ୍ଲାଣ୍ଟରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। ବିସ୍ଫୋରଣର କାରଣ ଏବେବି ଜଣାପଡିନାହିଁ। ବର୍ତ୍ତମାନ ସୁଦ୍ଧା ମଧ୍ୟ ଅନେକ ଶ୍ରମିକ ନିଖୋଜ ଅଛନ୍ତି। ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣ ସ୍ଥଳରୁ ଧ୍ୱଂସାବଶେଷକୁ ସଫା କରିବାରେ ଲାଗିଛନ୍ତି। ୯୦ ଦିନ ଲାଗି ଏହି କାରଖାନାର ସାମଗ୍ରିର ଉତ୍ପାଦନକୁ ବନ୍ଦ କରିଦିଆଯାଇଛି।

ତେଲେଙ୍ଗାନା ସରକାର ୫

**ମୃତକଙ୍କ ମଧ୍ୟରେ ଓଡ଼ିଆ ଥିବା ସୂଚନା**

**ମୃତକଙ୍କୁ କୋଟିଏ ଟଙ୍କାର ସହାୟତା ରାଶି**

ସଦସ୍ୟ ବିଶିଷ୍ଟ କମିଟି ଗଠନ କରି ଘଟଣାର ଅନୁସନ୍ଧାନ କରୁଛନ୍ତି। ବର୍ତ୍ତମାନସୁଦ୍ଧା କମ୍ପାନୀ ପକ୍ଷରୁ ବିସ୍ଫୋରଣର କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। ତେଲେଙ୍ଗାନା ଅଗ୍ନି ବିପର୍ଯ୍ୟୟ ପ୍ରଶମନ ସେବାର ନିର୍ଦ୍ଦେଶକ ଜିଭି ନାରାୟଣ ରାଓ କହିଛନ୍ତି ଯେ (୯ ପୃଷ୍ଠାରେ)

# ପୁରୁଣା ଗାଡ଼ିକୁ ଦିଲ୍ଲୀରେ ତେଲ ମନା

ନୂଆଦିଲ୍ଲୀ, ୧।୭ : ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ରୋକିବା ଲାଗି ସରକାର ନୂଆ ନିୟମ ଲାଗୁ କରିଛନ୍ତି। ଆଜିଠାରୁ ଦିଲ୍ଲୀରେ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡି ଓ ୧୦ ବର୍ଷର ଡିଜେଲ ଗାଡିକୁ ତେଲ ଦିଆଯାଉନାହିଁ। ପେଟ୍ରୋଲ ପମ୍ପରେ ଏକ କ୍ୟାମେରା ଲଗାଯାଇଛି, ଯାହା ଗାଡି କେତେ ବର୍ଷର ବୋଲି ଜଣାପଡୁଛି। ଯଦି କେହି ପୁରୁଣା ଗାଡି ଧରି ବାହାରକୁ ବାହାରୁଛନ୍ତି ତେବେ ସେମାନଙ୍କ ଜରିମାନା ଦେବାକୁ ପଡୁଛି। କାର ଚାଳକଙ୍କୁ ୧୦ ହଜାର ଫାଇନ ଦେବାକୁ ଥିବାବେଳେ ବାଇକ୍ ଚାଳକଙ୍କ ପାଇଁ ୫ ହଜାର ଟଙ୍କା ଜରିମାନା କରାଯାଇଛି।

ଦିଲ୍ଲୀର ସମସ୍ତ ପେଟ୍ରୋଲ ପମ୍ପ ଆଜି ପୁରୁଣା ଗାଡିକୁ ତେଲ ଦେବା ମନା କରିଦେଇଛନ୍ତି। ବାୟୁ ମାନ ପରିଚାଳନା କମିଶନ ପ୍ରଦୂଷଣ ରୋକିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ପରିବହନ ବିଭାଗ, ଟ୍ରାଫିକ ପୋଲିସ, ଦିଲ୍ଲୀ ମହାନଗର ନିଗମ ୩୫୦ ଟିମ୍ କରି ଯାଞ୍ଚ କରିବା ଆରମ୍ଭ କରିଛନ୍ତି। ପୁରୁଣା ଗାଡିକୁ ସ୍କ୍ରାପ୍ କରିବା ପାଇଁ ୧୩ ପଞ୍ଜୀକୃତ ସ୍କ୍ରାପିଂ ସେଣ୍ଟର କରାଯାଇଛି। ଦିଲ୍ଲୀରେ ପଞ୍ଜୀକୃତ ଗାଡି ସ୍କ୍ରାପିଂ ସୁବିଧା ରାଜ୍ୟ ପରିବହନ ବିଭାଗ ପକ୍ଷରୁ କରାଯାଇଛି। ପଡୋଶୀ ରାଜ୍ୟ ଉତ୍ତରପ୍ରଦେଶ ଓ ହରିୟାଣାରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯାଇଛି। ବିଶେଷକରି ଯେଉଁ ଗାଡି ଗୁଡ଼ିକ ଦିଲ୍ଲୀର ତାହାକୁ ସ୍କ୍ରାପିଂ କରିବା ପାଇଁ (୯ ପୃଷ୍ଠରେ)

## ଇତିହାସ

୧୭୫୭– ବେଙ୍ଗଲର ଅନ୍ତିମ ନବାବ ସିରାଜ୍ ଉଦ୍ଦୌଲାଙ୍କ ହତ୍ୟା ।

୧୮୪୩– ହୋମିଓପାଥିର ଆବିଷ୍କାର କରିଥିବା ସାମୁଏଲ ହାନେମାନ୍ଙ୍କ ପରଲୋକ ।

୧୮୯୭– ନୋବେଲ୍ ପୁରସ୍କାରପ୍ରାପ୍ତ ମାର୍କୋନୀ ରେଡିଓର ଉଦ୍ଭାବନ କଲେ ।

୧୯୧୬– ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ସ୍ଥାପନା କରାଗଲା ।

୧୯୪୦– ବ୍ରିଟିଶ ସରକାର ନେତାଜୀ ସୁବାଷ ଚନ୍ଦ୍ର ଭୋଷଙ୍କୁ ଗିରଫ କଲା ।

୧୯୬୬– ପ୍ରଶାନ୍ତ ମହାସାଗରରେ ଫ୍ରାନ୍ସ ପରମାଣୁ ପରୀକ୍ଷଣ କଲା ।


୧୯୮୩– ସ୍ୱଦେଶ ନିର୍ମିତ ପରମାଣୁ ବିଜୁଳି କେନ୍ଦ୍ରର ପ୍ରଥମ ୟୁନିଟ୍ ମାଡ୍ରାସ୍ ନିକଟରେ କାର୍ଯ୍ୟ କଲା ।

୨୦୦୧– ଫାଷ୍ଟ ଆଣ୍ଡ ଫ୍ୟୁରିୟସ୍ ସିରିଜ୍ର ପ୍ରଥମ ଫିଲ୍ମ ରିଲିଜ୍ ହେଲା ।

୨୦୦୨– ସ୍ଟିଭ୍ ଫୋସେଟ୍ ପ୍ରଥମକରି ବେଲୁନ୍ରେ ବିଶ୍ୱ ଭ୍ରମଣ କଲେ ।

୨୦୦୪– ଭାରତ ଓ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଜାକର୍ତ୍ତାରେ ପରସ୍ପର ମଧ୍ୟରେ ଆଲୋଚନା କଲେ ।

୨୦୧୫– ଫିଲିପିନ୍ସ ଡଙ୍ଗାବୁଡିରେ ୬୨ ଲୋକଙ୍କ ପ୍ରାଣହାନୀ ।



# ରହସ୍ୟମୟ ଶ୍ରୀଜଗନ୍ନାଥ–୧

**କେବଳ ଭାରତର ଚତୁର୍ଦ୍ଧାମ ନୁହେଁ ସମଗ୍ର ବିଶ୍ୱର ବିଭିନ୍ନ ଧର୍ମପୀଠ ମଧ୍ୟରେ ପୁରୀ ଜଗନ୍ନାଥ ଧାମର ସ୍ୱାତନ୍ତ୍ର୍ୟ ଭିନ୍ନ । ଏହି ଧାମର ଅନେକ ବୈଶିଷ୍ଟ୍ୟ ରହିଛି, ଯାହା ଅନ୍ୟଠାରେ ଦେଖିବାକୁ ମିଳେ ନାହିଁ । ସେହିଭଳି କେତେକ ବୈଶିଷ୍ଟ୍ୟ ସମ୍ପର୍କରେ ବିଶ୍ଳେଷଣ କରାଯାଇପାରେ ।**

**୧. ଅବୟବ ଗଠନ–** ଶ୍ରୀଜଗନ୍ନାଥ ଧାମର ଚତୁର୍ଦ୍ଧାମୂର୍ତ୍ତି ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଅବୟବ ନିମ୍ବ କାଷ୍ଠରେ ନିର୍ମିତ, ଯାହାକୁ 'ମହାଦାରୁ' ବୋଲି କୁହାଯାଏ । ଦାରୁଦେବତା ଭାବେ ଯେଉଁ ଖ୍ୟାତି ପୁରୀର ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ରହିଛି, ତାହା ପୃଥିବୀରେ ଅନ୍ୟତ୍ର ପ୍ରାୟତଃ ଦୁର୍ଲଭ ।

**୨. ଘଟ ପରିବର୍ତ୍ତନ–** ବିଶ୍ୱର ଅନ୍ୟ କୌଣସି ଧାର୍ମିକ ପୀଠରେ ଦେବତା ଦେହତ୍ୟାଗ ବା ଘଟ ପରିବର୍ତ୍ତନ କରିବାର ପରମ୍ପରା ନାହିଁ । ଶ୍ରୀଜଗନ୍ନାଥ ଏକମାତ୍ର ଦେବତା, ଯିଏ ଘଟ ପରିବର୍ତ୍ତନ କରିଥାନ୍ତି । ଯେଉଁ ବର୍ଷ ଯୋଡ଼ା – ଆଷାଢ଼ ପଡ଼ିବ, ସେହି ବର୍ଷ ସେ ଘଟ ପରିବର୍ତ୍ତନ କରନ୍ତି । ପୁରାତନ ଅବୟବକୁ କୋଇଲି ବୈକୁଣ୍ଠରେ ସଂସ୍କାରପୂର୍ବକ ତ୍ୟାଗକରି ନୂତନ ଘଟରେ ଆବିର୍ଭାବ ହୁଅନ୍ତି । ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀରେ ବର୍ଣ୍ଣନା ଅଛି, ଏ ଶରୀର ମରଣଶୀଳ ଏବଂ ଆତ୍ମା ଅବିନାଶୀ । ଆତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ବ୍ୟକ୍ତି ପୁରୁଣା ବସ୍ତ୍ରକୁ ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କଲାଭଳି, ଆତ୍ମା ପୁରୁଣା ଶରୀରକୁ ପରିତ୍ୟାଗ କରି ନୂତନ ଘଟରେ ଆବିର୍ଭାବ ହୁଏ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର କ୍ଷେତ୍ରରେ ମଧ୍ୟ ଏହା ପରିଲକ୍ଷିତ ।

**୩. ବିଶ୍ୱଭ୍ରାତୃଭାବ–** ବିଶ୍ୱଭ୍ରାତୃଭାବ ହେଉଛି ଜଗନ୍ନାଥ ସଂସ୍କୃତିର– ମୌଳିକ ଚେତନା, ଯାହା ଏହାକୁ ମହନୀୟ କରିଛି । ପ୍ରାୟତଃ ସମସ୍ତ ଧର୍ମକ୍ଷେତ୍ରରେ ଭଗବାନ ଏକାକୀ କିମ୍ବା ନିଜ ସହଧର୍ମିଣୀଙ୍କ ସହ ପୂଜା ପାଉଥିବା ବେଳେ ଜଗନ୍ନାଥ ଧାମର ବୈଶିଷ୍ଟ୍ୟ ହେଲା ଏଠାରେ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ସହ ପୂଜା ପାଆନ୍ତି । ବିଶ୍ୱଭ୍ରାତୃଭାବ ଓ ମାନବବାଦ ହିଁ ଜଗନ୍ନାଥ ସଂସ୍କୃତିର ମୂଳତତ୍ତ୍ୱ । ଜଗନ୍ନାଥ ହିଁ ପ୍ରଥମ ଓ ସମ୍ଭବତଃ ଏକମାତ୍ର ଦେବତା, ଯାହାଙ୍କୁ ମାନବବାଦର ପ୍ରତୀକ କୁହାଯାଉଛି । ସେଇଥିପାଇଁ ହିଁ ସେ ପତିତପାବନ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ନିଜର ନାମକରଣ ତଥା ରତ୍ନମଣ୍ଡପରେ ଶୋଭିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଅପୂର୍ବ ସମାହାରରୁ ଏହି ତତ୍ତ୍ୱ ଆଧାରିତ ।


**୪. ଭକ୍ତବତ୍ସଳ–** ଭକ୍ତର ଭଗବାନ– ଜଗନ୍ନାଥ ସଂସ୍କୃତିର ଏହା ଭାତ୍ତ୍ୱିକ ଉପଲବ୍ଧି । ପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତର ଭାବରେ ହିଁ ବନ୍ଧା । ବିଶ୍ୱର ଅନ୍ୟ କୌଣସି ପୀଠର ଦେବତା ନିଜର ଆସ୍ଥାନ ଛାଡ଼ି ଭକ୍ତଙ୍କ ଗହଳକୁ ଆସନ୍ତି ନହିଁ । ମାତ୍ର ଭକ୍ତବତ୍ସଳ ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁ ଆଷାଢ଼ ମାସର ଦ୍ୱିତୀୟା ତିଥିରେ ନିଜର ରତ୍ନ ସିଂହାସନ, ଷାଠିଏ ପଉଟି ଅନ୍ନ ଏବଂ ଅନ୍ୟସବୁ ମୋହ ଛାଡ଼ି ଭକ୍ତମାନଙ୍କ ନିକଟକୁ ଆସନ୍ତି । ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ରଥାରୂଢ଼ ହୋଇ ଭକ୍ତମାନଙ୍କ ସହ ମିଶନ୍ତି । ଏହା ହିଁ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ।

**୫. ଅସମ୍ପୂର୍ଣ୍ଣ ପୂର୍ଣ୍ଣବ୍ରହ୍ମ–** ସ୍ୱୟଂ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ । ହାତ, ଗୋଡ଼, କାନ ନାହିଁ, କିନ୍ତୁ ପୂର୍ଣ୍ଣତ୍ୱ ପ୍ରାପ୍ତିର ଶ୍ରେଷ୍ଠ ପୀଠ ବା ଧାମ ଭାବରେ ଜଗନ୍ନାଥ ଧାମ ସାରା ବିଶ୍ୱରେ ପ୍ରସିଦ୍ଧ । ଶଙ୍କରାଚାର୍ଯ୍ୟଙ୍କ ଭକ୍ତିର ପରିଭାଷାରେ, ଏହି ପୀଠ ହେଉଛି ଭକ୍ତି ତଥା ମୁକ୍ତିର ଶ୍ରେଷ୍ଠ ଓ ଶେଷ ପୀଠ । ସେଠାରେ ଭକ୍ତି ଓ ମୁକ୍ତିର ପୂର୍ଣ୍ଣଚ୍ଛେଦ । ପ୍ରଭୁ ଜଗନ୍ନାଥ ହେଉଛନ୍ତି ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କ ଠାଣି ବିଚିତ୍ର । ତାଙ୍କର ନେତ୍ର ଗୋଲ, ନେତ୍ରରେ ପତା ନାହିଁ । ପ୍ରଭୁ ଜଗନ୍ନାଥଙ୍କ ଚକ୍ଷୁ କେବେ ବି ମୁଦ୍ରିତ ହୁଏ ନାହିଁ । ଜଗତର ସକଳ କଲ୍ୟାଣ ନିମନ୍ତେ ସେ ସଦାଜାଗ୍ରତ ଦେବତା ।

**ଡକ୍ଟର ପ୍ରଦୀପ କୁମାର ଚୌଧୁରୀ**

# ବଡ ଦେଉଳକୁ ଚାହାଁରେ

## ଆଜି ଜନ୍ମଦିନ



ପୁରୀକୁ ଆସି ଦେଖେଁ, ମସ୍ତ ବଡ ସହର । ଆମ ଗାଁ ପାଖ ଭୁବନେଶ୍ୱର(ଅବଶ୍ୟ ପୁରୁଣା ଭୁବନେଶ୍ୱର) ଠାରୁ ଆଉ ଏମିତି ବଡ ସହର ପୁଣି ନିତି କେବେହେଲେ ଏତେ ବିଚିତ୍ର ବେଶଭୂଷାରେ ଲୋକ ଯା'ଆସ କରୁଥିବା ମୁଁ ଦେଖି ନଥିଲି । ତାସାଙ୍ଗକୁ ପୁଣି ମହା ସମୁଦ୍ର କେତେ ପାଣି, କି ବାରଟ ଲହରୀମାଳ, କୁଆଡେ ତାର ଶେଷ । ଗାଁ ଚିକିଟା ମାଟିରୁ ଆସି ଦୟା ଭାର୍ଗବୀ କଅଁଳ ବାଲିରେ ଶଗଡ ଚକ ପୋତି ହୋଇପଡି ବଳଦଙ୍କ ଚାଲି ମନ୍ଥର ହେଲାବେଳେ ଶଗଡରୁ ଡେଇଁପଡି ବାଲି ଉପରେ ଚାଲିବା ମଜାଠାରୁ ଏ ଯେ ଆହୁରି କେତେ ବେଶି । ସେଠାରେ ତ ଗୋଟାଏ ପଟେ ବାଳକାଟି ପୁଣି ଆରପଟେ ଲିଙ୍ଗିପୁର ନଈବନ୍ଧ ଉପରେ ଆମ୍ବପଣସର ଗଛଗହଳି ମଝିରେ ବାନ୍ଧିହେଲା ଭଳି କୁଆଖାଇରୁ ଦୟା ପୁଣି ଭାର୍ଗବୀ ନଇ ଦୁଇ ପଟକୁ ଅଲଗା ହୋଇ ଯାଇଛନ୍ତି । ଏଠାରେ ଯେ ସମୁଦ୍ରଟା କେଉଁଠି ଛିଡିଛି ଆଖି ପାଏନି, ତାରି ବାଲି ଉପରେ ଡେଇଁଲାବେଳେ ସତେ ଯେମିତି ସମୁଦ୍ର ଲହରୀ ସାଥିରେ ଡେଇଁଲା ଭଳି ମନଟା କାହିଁ କୁଆଡେ ଯେ ପଳାଏ, ତାର ଅନ୍ତ କାହିଁ । ପୁରୀର ସେଇ ସମୁଦ୍ର ଲହଡି ମନ ଭିତରେ ମୋର କେତେ ଯେ ଲହଡି ନଚାଏ, ପୁଣି ତାର ସେଇ ଅପୂର୍ବ ନୀଳ ଦିଗବଳୟ କେତେ ରହସ୍ୟରେ ଯେ ହସାଏ ! ଆଜି ନାଚକୁଦ କରିବା ବୟସର ଗଲେବି ମନଟା ତ କାହିଁ ଯାଇନି । ଆଜି ବି ସେମିତି ମନ ଧାଏଁଥ୍ବ ବାଲି ଉପରେ ଡେଇଁବାକୁ – ସମୁଦ୍ର ଭିତରେ ଲହଡି ଭାଙ୍ଗି ନାଚିବାକୁ – ଗୋଟିକ ପରେ ଆଉ ଗୋଟିଏ ଲହଡିକୁ ସେମିତି ଆଲିଙ୍ଗନ ଚୁମ୍ବନ ଦେବାକୁ । କେତେ ବର୍ଷ ପରେ ଏଇ ସମୁଦ୍ର – ସ୍ମୃତିରେ ଲେଖିଛି କବିତା ପୁଣି ମୋର ଛୋଟ ଗଳ୍ପ ସାଗରିକା । ସାଗରିକା ଗଳ୍ପଟି ମୋର କେତେ ବିଶିଷ୍ଟ ପାଠକଙ୍କ ମନକୁ ଛୁଇଁଥିଲା ସେତେବେଳେ କଳ୍ପନା – ବିଳାସର ପ୍ରତୀକ ରୂପେ । ସେଇପରି ସମୁଦ୍ର ବିଷୟରେ କବିତା ମଧ୍ୟ । ଗଳ୍ପଟି ଅବଶ୍ୟ ଉତ୍କଳ ସାହିତ୍ୟ ମାସିକ ପତ୍ରିକାରେ ପ୍ରକାଶିତ ହୁଏ ମୋର କଲେଜପଢା କାଳରେ । ତାହାରି ପ୍ରାୟ ସମସାମୟିକ ସୁଦୀର୍ଘ କବିତା ହେଲା ମୋର ପୁରୀ ମନ୍ଦିର । ସାଗରିକା ଗଳ୍ପଟି ଯେପରି ଶ୍ରୀ ହରିଶ୍ଚନ୍ଦ୍ର ରାୟ ପ୍ରମୁଖ ବହୁ ପାଠକଙ୍କ ମୁଖରୁ ପ୍ରଶଂସା ଆକର୍ଷଣ କରେ, ସେଇପରି ମଧ୍ୟ ପୁରୀ ମନ୍ଦିର କବିତା ଶ୍ରୀରାଜକୃଷ୍ଣ ବୋଷଙ୍କଠାରୁ ଆରମ୍ଭ କରି ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟଙ୍କ ପର୍ଯ୍ୟନ୍ତ । କିନ୍ତୁ ବାପା କ୍ରୁଧ ହୋଇଥିଲେ – ''କାଷ୍ଠ ପାଷାଣ ନିର୍ମିତ ହେ ନିର୍ଜୀବ ଦେବତା – ମୂରତି'' ପ୍ରଥମ ଧାଡିଟି ପଢିବାକ୍ଷଣି।...

**(ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଜନ୍ମଦିନ ଅବସରରେ ତାଙ୍କ ରଚିତ ଆତ୍ମଚରିତ 'ଅଙ୍ଗେ ଯାହା ନିଭାଇଛି'ରୁ କିୟଦଂଶ ।)**

# ଘଣ୍ଟାକୁ ହୋଇଥାଏ ୧୫ଥର ବାନ୍ତି



ସୋସିଆଲ ମିଡିଆରେ ଜଣେ ଯୁବତୀ ନିଜ ବିରଳ ରୋଗ ପାଇଁ ଖୁବ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁସାରେ ଯୁବତୀ ଜଣଙ୍କ ଘଣ୍ଟାକୁ ପାଖାପାଖି ୧୫ ଥର ବାନ୍ତି କରୁଛନ୍ତି, ଯାହା ଏକ ବିରଳ ରୋଗର ଲକ୍ଷଣ । ସୂଚନା ଅନୁସାରେ ଯୁବତୀଙ୍କୁ ବିରଳ ସାଇକ୍ଲିକ୍ ଭୋମିଟିଂ ସିଣ୍ଡ୍ରୋମ ହୋଇଥିବା ଜଣା ପଡିଛି, ଯେଉଁ କାରଣରୁ ଯୁବତୀ ଘଣ୍ଟାକୁ ପାଖାପାଖି ୧୫ ଥର ବାନ୍ତି କରୁଛନ୍ତି । ଏହି ରୋଗ ବିଶ୍ୱର ସମୁଦାୟ ଲୋକସଂଖ୍ୟାର ମାତ୍ର ୨ ପ୍ରତିଶତ ଲୋକଙ୍କୁ ହୋଇଥାଏ ବୋଲି ଜଣା ପଡିଛି । ଏହାକୁ ସାଧାରଣରେ ସିଭିଏସ୍ ନାମରେ ଜଣାଯାଇଥାଏ । ଏଥିରେ ପୀଡିତ ରୋଗୀଙ୍କର ବାନ୍ତି ଲକ୍ଷଣ କିଛି ଘଣ୍ଟା ଏପରିକି କିଛି ଦିନ ପର୍ଯ୍ୟନ୍ତ ରହିଥାଏ, ଯାହା ଫଳରେ ତାଙ୍କୁ ଡାକ୍ତରଖାନା ଯିବାକୁ ପଡିଥାଏ । ଏପରିକି ତାଙ୍କୁ ସାଲାଇନ୍ର ଆବଶ୍ୟକତା ମଧ୍ୟ ପଡିଥାଏ, ଡିହାଇଡ୍ରେସନରୁ ବଞ୍ଚିବା ପାଇଁ । ଯୁବତୀ ଜଣଙ୍କ ନିଜ ସମସ୍ୟା ବା ରୋଗନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ଅନେକ ଲୋକ ଏହା ବିଷୟରେ ପ୍ରଥମଥର ପାଇଁ ଯୁବତୀଙ୍କ ପୋଷ୍ଟରୁ ଜାଣିବାକୁ ପାଇଥିବା କମେଣ୍ଟ ମାଧ୍ୟମରେ ପ୍ରକାଶ କରିଛନ୍ତି । ୨୦୨୧ରୁ ଯୁବତୀଙ୍କ ନିକଟରେ ଏହି ଲକ୍ଷଣ ଦେଖିବାକୁ ମିଳିଥିଲା, ଯାହାପରେ ସେ ଚିକିତ୍ସାଧୀନ ଅଛନ୍ତି । ତେବେ ପ୍ରଥମେ ଡାକ୍ତର ତାଙ୍କର ଏହି ରୋଗକୁ ଚିହ୍ନଟ କରିବାରେ ବିଫଳ ହୋଇଥିଲେ । ତାଙ୍କୁ ଏହି ରୋଗପାଇଁ ଅନେକ ଟେଷ୍ଟ ସହିତ ଡାକ୍ତରଖାନାରେ ଅଧିକାଂଶ ସମୟ ରହିବାକୁ ପଡୁଛି ।



## ହାହାଃ..

ପ୍ରେମିକା – ଆମ ବାହାଘର କେବେ ହେବ ?

ପ୍ରେମିକ– ମୁଁ ଏଭଳି ଝିଅକୁ ବିବାହ କରିବାକୁ ଚାହେଁ, ଯିଏ ସାଦାସିଧା ହୋଇଥିବ, ପରିଶ୍ରମୀ ହୋଇଥିବ ଏବଂ ଘରର ସମସ୍ତ କାର୍ଯ୍ୟ କରିପାରୁଥିବ ।

ପ୍ରେମିକା – ହଉ ଠିକ୍ ଅଛି ମୋ ଘରେ କାମ କରୁଥିବା ମହିଳାଙ୍କର ଏ ସମସ୍ତ ଗୁଣ ଅଛି ।

# ନୂଆ ସିନେମାରେ ସାରା


ସାରା ଅଲ୍ଲୀ ଖାନ୍ ନିଜର ନିଖୁଣ ଅଭିନୟ ଓ ଚୁଲ୍‌ବୁଲି ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ତାଙ୍କୁ ଅନେକ ହିଟ୍ ସିନେମାରେ ଦେଖିବାକୁ ମିଳିଛି । ତେବେ ବର୍ତ୍ତମାନ ସାରା ନିଜର ନୂଆ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଖୁବଶୀଘ୍ର ତାଙ୍କୁ ଏକ ନୂଆ ସିନେମାରେ ଦର୍ଶକ ଦେଖିବାକୁ ପାଇବେ । ମିଳିଥିବା ସୂଚନା ଅନୁସାରେ ସାରାଙ୍କୁ ଏହି ସିନେମାରେ ଦର୍ଶକ ଆୟୁଷ୍ମାନ ଖୁରାନାଙ୍କ ସହିତ ଦେଖିବାକୁ ପାଇବେ । ପୂର୍ବରୁ ଆୟୁଷ୍ମାନଙ୍କୁ ଏହି ଫିଲ୍ମପାଇଁ ଫାଇନାଲ କରାଯାଇଥିଲା ଏହାପରେ ବର୍ତ୍ତମାନ ସାରାଙ୍କୁ ଫିମେଲ ଲିଡ୍ ଭାବେ ସାଇନ୍ କରାଯାଇଛି । ଏହା ଏକ କମେଡି ଫିଲ୍ମ ବୋଲି ଜଣା ପଡିଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ମୁଦଶର୍ ଅଜିଜ୍ ନେଇଛନ୍ତି । ଫିଲ୍ମର କାହାଣୀ ଖୁବ ସୁନ୍ଦର ରହିଛି ବୋଲି ମେକର୍ସ ପ୍ରକାଶ କରିଛନ୍ତି । ତେବେ ଏହାର ଟାଇଟଲ ନେଇ କୌଣସି ସୂଚନା ନାହିଁ । ଆୟୁଷ୍ମାନ ଓ ସାରାଙ୍କ ବ୍ୟତିତ ଅନ୍ୟ କିଛି ବଡ ଷ୍ଟାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଛି ।

## ସୋସିଆଲ କୋଟ୍ସ



"ଶେଫାଳୀଙ୍କ ମୃତ୍ୟୁ ଖୁବ କଷ୍ଟ ଦେଇଛି । ସେ ବୟସରେ ଖୁବ ସାନ ଥିଲେ । ଏତେ ଫିଟ୍ ରହି ବି ଜଣଙ୍କର ଏଭଳି ମୃତ୍ୟୁ କିପରି ହୋଇ ପାରିଲା, ତାହା ବେଶି କଷ୍ଟ ଦେଉଛି ।

**ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**



"ଏହା ହେଉଛି ଜୁମଲା ପାର୍ଟିଙ୍କର ଖରାପ ପ୍ରୟାସ । ସେମାନେ ଭାରତ–ପାକିସ୍ତାନ ସମ୍ପର୍କକୁ ଖରାପ କରିବାକୁ ଚାହୁଁଛନ୍ତି ।

**ନାସିରୁଦ୍ଦିନ ଶାହ, ଅଭିନେତା**



"ସୈଫଙ୍କ ଉପରେ ହୋଇଥିବା ଆକ୍ରମଣ ଖୁବ ଭୟଙ୍କର ଥିଲା । ଏହାପରେ ମୁଁ ଏକ ମାସଯାଏଁ ଶୋଇ ମଧ୍ୟ ପାରିନି । ଏହି ସମୟରେ ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂ ଖୁବ କଷ୍ଟ ଦେଇଥିଲା ।

**କରୀନା କପୁର, ଅଭିନେତ୍ରୀ**

### ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଗରିବ ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ଦେବାକୁ ପରାମର୍ଶ

ଭୁବନେଶ୍ୱର: (ସବ୍ୟୁ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଗରିବ ଲୋକମାନଙ୍କୁ ଅଧିକ ଋଣ ଦେବାପାଇଁ ପରାମର୍ଶ ଦେଇଛନ୍ତି। ଓଡିଶାରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଯଥା କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା (ଚଗରଏଚ), ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ ଏହି ବ୍ୟଙ୍କ ଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୁନ୍ ୨୧ ତାରିଖରେ ଏହି ବ୍ୟାଙ୍କ ଗୁଡ଼ିକୁ ନିଜର ତାଲିକାରୁ କାଢି ଦେଇଛନ୍ତି।



ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ, ଏହି ସବୁ ଯୋଜନା ଗୁଡିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡିଶାରେ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କ ଗୁଡିକ ହେଉଛନ୍ତି ଏକ ବଡ ମାଧ୍ୟମ। ତେଣୁ, ଏହି ସବୁ ବ୍ୟାଙ୍କ ଗୁଡିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବ୍ୟାଙ୍କମାନଙ୍କ ପ୍ରତିନିଧି ମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଥିଲେ ଯେ, ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ ଅଛନ୍ତି ଏବଂ ଖୁବ୍ ଶୀଘ୍ର ଏହି ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କ ମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର ଏକଜକ୍ୟୁଟିଭ ଡାଇରେକ୍ଟର ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ଶ୍ରୀ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ୍, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ଇଷ୍ଟ ଶ୍ରୀ ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହେରୋତ୍ରା, ଓଡିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଏବଂ ରିଜିଓନାଲ ହେଡ୍ ଶ୍ରୀ ଅମିୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ପେଟ୍ରୋଲ ପମ୍ପରୁ ମିଛ ଚୋରିର ପର୍ଦ୍ଦାଫାସ: ପରିଚାଳକ ଗିରଫ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପେଟ୍ରୋଲ ପମ୍ପରୁ ରବିବାର ରାତିରେ ୨ ଲକ୍ଷ ୬୨ ହଜାର ଟଙ୍କା ଲୁଟ ହୋଇଥିବା ଜଂକିଆ ଥାନାରେ ଅଭିଯୋଗ ହୋଇଥିବା ବେଳେ ମଙ୍ଗଳବାର ଦିନ ଚୋରି ଘଟଣା ଷଡ଼ଯନ୍ତ୍ର ରଚନା କରିଥିବା ମାଷ୍ଟର ମାଇଣ୍ଡ ପମ୍ପ ପରିଚାଳକକୁ ପୁଲିସ ଗିରଫ କରିବା ସହିତ ନଗଦ ଟଙ୍କା ଉଦ୍ଧାର କରିଛି । ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଜୟ ଜଗନ୍ନାଥ ଫିଲିଂ ଷ୍ଟେସନରେ କାର୍ଯ୍ୟରତ ପରିଚାଳକ ସ୍ଥାନୀୟ



ରମାବିଲି ଗ୍ରାମର ଚନ୍ଦନ ସାହୁ ରବିବାର ପେଟ୍ରୋଲ ପମ୍ପର ବିକ୍ରି ୨ ଲକ୍ଷ ୬୨ ହଜାର ଟଙ୍କା ଲୁଟ ହୋଇଥିବା ଜଂକିଆ ଥାନାରେ ଅଭିଯୋଗ କରିଥିଲେ । ପରେ ପୁଲିସ ପଚରା ଉଚରା କରିବା ପରେ ୧ ଲକ୍ଷ ୩ ହଜାର ଟଙ୍କା ମିଳିଥିଲା ଓ ଆଉ ସେ ଅନ ଲାଇନ ଗେମ ଖେଳି ହାରି ଦେଇଥିବା ପୁଲିସକୁ କହିଥିବାବେଳେ ପୋଲିସ ତଦନ୍ତ ଜାରି ରଖି ଥିଲା । ପରେ ସେ ସବୁ ଟଙ୍କା ହଡ଼ପ କରିବା ପାଇଁ ରଚି ଥିବା ଷଡ଼ଯନ୍ତ୍ର ସମ୍ପର୍କରେ ମାନିବା ସହିତ ତା ଠାରୁ ନଗଦ ୨ ଲକ୍ଷ ୬୨ ହଜାର ୩୬୦ ଟଙ୍କା ଜବତ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି ।

# କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ବନ୍ୟା ପରିସ୍ଥିତିର ଅନୁଧ୍ୟାନ

ବାଲେଶ୍ୱର ,(ସବ୍ୟୁ): ତିନିଦିନଧରି ଲଗାଣ ବର୍ଷାଯୋଗୁଁ ଉତ୍ତରବାଲେଶ୍ୱରର ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇରେ ବନ୍ୟାପାଣି ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଚାଷ ଜମିସବୁ ବନ୍ୟାଜଳରେ ବୁଡ଼ି ରହିଥିବା ବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏବାବଦରେ ଗଣମାଧ୍ୟମରେ ସମ୍ବାଦମାନ ପ୍ରକାଶ ପାଇବାପରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । କିଭଳି ବିପନ୍ନମାନେ ଅସୁବିଧାର ସମ୍ମୁଖିନ ନହେବେ ସେଦିଗରେ ତ୍ୱରିତ୍ ପଦକ୍ଷେପ ନେବାପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସେବାୟତଙ୍କ ବୈଠକ



ପୁରୀ (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ସେବାୟତମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରା ତଥା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ନୀତିକାନ୍ତିକୁ କିଭଳି ଶୃଙ୍ଖଳିତ, ଶ୍ରୀମନ୍ଦିରର ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକୁ ନେଇ ଆଲୋଚନା ହୋଇ ଥିଲା। ଉକ୍ତ ବୈଠକରେ ସେବାୟତ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇ ସେମାନଙ୍କର ଥିବା ଅସନ୍ତୋଷକୁ ସମାଧାନ କରା ଯାଇଛି। ନିଳାଦ୍ରୀବିଜେ ଯାଏଁ ନୀତି ଶୃଙ୍ଖଳିତ କରିବା ପାଇଁ ଆଲୋଚନା ହେବା ସହ ପ୍ରତି ୩ ମାସରେ ଛତିଶା ନିଯୋଗରେ ସେବାୟତ ସମସ୍ୟା ଆଲୋଚନା କରାଯିବ ବୋଲି ସ୍ଥିର ହୋଇଛି। ବିଭିନ୍ନ ନିଯୋଗର ସେବାୟତ ମାନଙ୍କ ପାଇଁ ସରକାରଙ୍କ ଦୃଷ୍ଟିଭଙ୍ଗୀ ଆହୁରି ସୁନ୍ଦର ହେବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ଆଜିର ଏହି ବୈଠକରେ ପୁରୀ ଲୋକସଭା କ୍ଷେତ୍ରର ସାଂସଦ ଡ଼ାଃ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀରେ ମହାପ୍ରଭୁଙ୍କ ସେବାୟତଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ନୀତିକାନ୍ତି ସୂଚାରୁ ରୂପେ ନିର୍ବାହ କରିଥିବାରୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ପୁରୀ: (ସବ୍ୟୁ): ଆଜି ପୁରୀ ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ସେବାୟତମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକରେ ସେମାନଙ୍କ ସହିତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ନିର୍ବାହ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଆପଣମାନଙ୍କ ସହଯୋଗ ଓ ସେବାପୂଜା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମାପନ ହୋଇଛି । ରଥଯାତ୍ରାର ଆହୁରି ତିନୋଟି ମୁଖ୍ୟ ଉତ୍ସବ ବାହୁଡ଼ା, ସୁନାବେଶ ଓ ନିଳାଦ୍ରୀବିଜେ ବାକି ଅଛି । ତେଣୁ ସେବାୟତମାନେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁଖଦ ଅନୁଭୂତି ପାଇଁ ଏହି ସହଯୋଗ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ



କରିଥିଲେ । ସେ ଆହୁରି କହିଥିଲେ ଯେ, ସମସ୍ତେ ସମର୍ପଣ ଭାବ ନେଇ ମହାପ୍ରଭୁଙ୍କ ସେବାରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ ।

ସେବାୟତମାନେ ସେମାନଙ୍କର କିଛି ଦାବୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରଖିଥିଲେ । ମୁଖ୍ୟମନ୍ତ୍ରୀ ଏ ସବୁ ଦାବୀକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏଥି ସହିତ ସେବାୟତମାନଙ୍କ ପାଇଁ ସବୁବେଳେ ତାଙ୍କର ଦ୍ୱାର ଖୋଲା ଅଛି ଏବଂ ଯାହା ବି ସମସ୍ୟା ଅଛି ଆଗାମୀ ଦିନରେ ସେ ସବୁ ବିଷୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ସେ କହିଥିଲେ । ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବାରୁ ସେବାୟତମାନେ ଅତ୍ୟନ୍ତ ଖୁସି ହୋଇଥିଲେ । ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା, ପୁରୀ ଏସ୍.ପି. ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ହେରାପଞ୍ଚମୀ: ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

ଆଠଗଡ ,(ସବ୍ୟୁ) : ମଙ୍ଗଳବାର ପବିତ୍ର ହେରାପଞ୍ଚମୀ ଅବସରରେ ଆଠଗଡ଼ ଗୁଣ୍ଡିଚା ମନ୍ଦିର ରେ ଆଡ଼ପ ମଣ୍ଡପରେ ବିଜେ ଶ୍ରୀ ଶ୍ରୀ ଅଟାଳୀ ଜଗନ୍ନାଥଙ୍କ ସହିତ ମହାଲକ୍ଷ୍ମୀଙ୍କ ଭେଟ ହୋଇଛି ।ଏକ ସୁସଜ୍ଜିତ ପାଲିଙ୍କିରେ ମନ୍ଦିରରୁ ଶୋଭାଯାତ୍ରା ରେ ଆସି ଗୁଣ୍ଡିଚା ମନ୍ଦିର ରେ ପହଞ୍ଚିବା ପରେ ଭେଟ ଆଳତୀ ହୋଇ ଅନୁଷ୍ଠିତ ଥିଲା । ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବା ପରେ ମହାପ୍ରଭୁଙ୍କୁ ମନ୍ଦିର ବାହୁଡିବା ପାଇଁ କହି ବାଟରେ ଆସିବା ବେଳେ ଅଭିମାନ ରେ ରଥ ଭାଙ୍ଗିବା ନୀତି ଅନୁଷ୍ଠିତ ହେବା ପରେ ମହାଲକ୍ଷ୍ମୀ ରାଧାନାଥ ପୁର ଶାସନ ଭିତରେ ପଶି ମନ୍ଦିରକୁ ବାହୁଡ଼ି ଯାଇଥିଲେ । ଏହି ନୀତିକୁ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ର ସମ୍ପାଦନ କରିଥିବା ବେଳେ ବଡ଼ପଣ୍ଡା ସୁଶାନ୍ତ କୁମାର ପଣ୍ଡା ,ଶରତ କୁମାର ପଣ୍ଡା, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ପୁରୀ ରଥ ଯାତ୍ରାରେ ଭକ୍ତଗଣଙ୍କୁ 'ଭକ୍ତି ପଥେ' ଆଗେଇ ନେଉଛି ଆଶୀର୍ବାଦ

ଭୁବନେଶ୍ୱର (ସବ୍ୟୁ): ବହୁ ବର୍ଷ ଧରି ଭାରତର ୧ ନମ୍ବର ପ୍ୟାକେଜଡ୍ ଅଟ୍ଟା ବ୍ରାଣ୍ଡ ଆଶୀର୍ବାଦ ରଥ ଯାତ୍ରା ଉତ୍ସବର ଏକ ଆକାଂକ୍ଷିତ ଅଂଶ ହୋଇ ରହିଆସିଛି। ଚଳିତ ବର୍ଷ ମଧ୍ୟ ଆଶୀର୍ବାଦ ସର୍ବାଧୁନିକ ଯୁଗର ପ୍ରଯୁକ୍ତିବିଦ୍ୟା ସହିତ ବହୁ ପୁରାତନ ପରମ୍ପରାକୁ ସଂଯୋଗ କରୁଥିବା ଆଧ୍ୟାତ୍ମିକ ଦୃଷ୍ଟିରୁ ଅନ୍ତର୍ବିଶିଷ୍ଟକାରୀ ଏହି ଧରଣର ପ୍ରଥମ ସକ୍ରିୟ କାର୍ଯ୍ୟକ୍ରମ 'ଭକ୍ତି ପଥେ' (ଭକ୍ତିର ପଥ) ଉନ୍ମୋଚନ କରି ଏହି ପର୍ବ ସହିତ ଗଭୀର ଭାବରେ ଅନ୍ତର୍ନିବିଷ୍ଟ ସହଯୋଗୀତା ଜାରି ରଖିଛି। ପୁରୀରେ ଜୁନ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରୁହନ୍ତୁ, ଏହି ଅନୁଭୂତି ଭକ୍ତଗଣଙ୍କୁ ଏକ ସମକାଳୀନ ଢାଂଚାରେ ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ପାରମ୍ପରିକ ବିଧି ବିଧାନଗୁଡିକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଭକ୍ତମାନଙ୍କ ନିମନ୍ତେ ସମାବେଶୀ ଏବଂ ସୁଲଭ୍ୟ ହେବା ଭଳି 'ଭକ୍ତି ପଥେ' ଏଆଇ, ଗେମିଫିକେସନ ଏବଂ ଅନ୍ତର୍ନିବେଶୀ ଦୃଶ୍ୟାବଳୀ ଦ୍ୱାରା ପରିଚାଳିତ ଏକ ବହୁଧା-ଇନ୍ଦ୍ରିୟ ଅନୁଭୂତି ପାଇଁ ଭକ୍ତଙ୍କୁ ଆମନ୍ତ୍ରଣ କରୁଛି, ଯାହା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଏକ ଗଭୀର ଭକ୍ତିଭାବ ଭରା, ପ୍ରଯୁକ୍ତି-ସମର୍ଥିତ ଈଶ୍ୱରୀୟ ସଂଯୋଗର ହୋଲୋଗ୍ରାଫିକ ଦର୍ଶନ ସହିତ ପରିସମାପ୍ତ ହେଉଛି।

## ବ୍ରାହ୍ମଣଝରିଲୋ ବିଟ ହାଉସକୁ ଫାଣ୍ଡିରେ ପରିଣତ କରିବାକୁ ଦାବି

ଫୁଲନଖରା,(ସବ୍ୟୁ) : ରାଜ୍ୟରେ ଅଗ୍ରଣୀ ସଚ୍ଛୋସବୀ ସଂଗଠନ ସହଯୋଗ ଓଡ଼ିଶା ପକ୍ଷରୁ ବ୍ରାହ୍ମଣଝରିଲୋରେ ଥିବା ବିଟ ହାଉସକୁ ଫାଣ୍ଡିରେ ପରିଣତ କରିବାକୁ ଅନୁଷ୍ଠାନର ସଭାପତି ଗଣେଶ ପ୍ରସାଦ ଦାଶ ପୋଲିସ କମିଶନର ଓ ପୋଲିସ ଡି.ଜି ଙ୍କୁ ଲିଖିତ ଆକାରରେ ଦାବି କରିଥିବା ଜଣା ପଡ଼ିଛି ।ଘଟଣାରେ ପ୍ରକାଶ ଯେ,କଟକ ସଦର ଥାନା ଅଧୀନରେ କଟକ ଗୋପାଳପୁରରୁ ଫୁଲନଖରା ଛକ କଟକ ମହାନଗରନିଗମ ୪ ଗୋଟି ଓ୍ୱାର୍ଡ । ସେହିପରି କଟକ ସଦର ବ୍ଲକ ଖଣ୍ଡେଇତା, ଉରାଳୀ,ଆମଣ ୩ ଗୋଟି ଗ୍ରାମ ପଞ୍ଚାୟତ । ନିଆଳି ନିର୍ବାଚନ ମଣ୍ଡଳୀ ବାଙ୍ଗଗ ବ୍ଲକ ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ ଯଥା ନଗରୀ,ଉସୁମା,ଖଳର୍ଦ୍ଦା, କୋରକୋରା, ସାଇଁଶୋ,ହରିଅନ୍ତା, କୁରାଙ୍ଗ ଶାସନ ଓ କୁରାଙ୍ଗ ପ୍ରଧାନ ୮ ଗୋଟି ଗ୍ରାମପଞ୍ଚାୟତ ଏହି ସଦର ଥାନା ପରିସରଭୁକ୍ତ । ଏହାକୁ ଛାଡ଼ି ବାଲିକୁଦା ଗୋପାଳପୁରରୁ ଫୁଲନଖରା,ବାଲିକୁଦା ରୁ କାଜିପାଟଣା କୁଆଖାଇ ନଦୀ ଏବଂ ଫୁଲନଖରା ରୁ ବଡଝରିଲୋ ପର୍ଯ୍ୟନ୍ତ ଏହି ସବୁ ମୁଖ୍ୟ ରାସ୍ତା ରେ ଦୁର୍ଘଟଣା ଘଟିଲେ କଟକ ସଦର ପୋଲିସ ଙ୍କୁ ଆଗ ଯିବାକୁ ପଡିଥାଏ । ବିଶେଷ କରି ଫୁଲନଖରା ଛକରୁ କଟକ ଗୋପାଳପୁରରେ ମୁଖ୍ୟ ଜାତୀୟ ରାଜପଥରେ ଭି.ଆଇ.ପି ମାନଙ୍କ ପାଇଁ ସଦର ଥାନା ପୋଲିସ କୁ ଡ୍ୟୁଟି କରିବାକୁ ପଡ଼ିଥାଏ ।ଏହି ବୃହତ ଥାନା ଅଞ୍ଚଳରେ ପୋଲିସକୁ ସଦା ସର୍ବଦା ଡ୍ୟୁଟି କରି ରାହାଜାନୀ, ଡକାୟତି,ରବରି ଓ ଦଙ୍ଗା ପ୍ରତି ପୋଲିସଙ୍କୁ ସବୁବେଳେ ସଜାଗ ଦେଇ ତୀକ୍ଷଣ ଦୃଷ୍ଟି ରଖି ଡ୍ୟୁଟି କରିବାକୁ ପଡ଼ିଥାଏ । ବାଙ୍ଗଗ ବ୍ଲକର ଏହି ୮ ଗୋଟି ପଞ୍ଚାୟତ କୋରକୋରା,ଖଳର୍ଦ୍ଦା, ହରିଅନ୍ତା, କୁରାଙ୍ଗ ଶାସନ ଏହି ଦୂର ଦୁରାନ୍ତର ପଞ୍ଚାୟତର ଲୋକମାନେ କିପରି ନ୍ୟାୟ ପାଇବେ କୌଣସି ଦୁର୍ଘଟଣା ହଠାତ ଘଟିଲେ ପୋଲିସ ହଠାତ ଯାଇ ତାଙ୍କ ପାଖେ ପହଞ୍ଚିବ ବୋଲି ବ୍ରାହ୍ମଣଝରିଲୋ ଠାରେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ ହେବ ଏକ ପୋଲିସ ବିଟ ହାଉସ କାର୍ଯ୍ୟ କରୁଅଛି ।

# କୃଷିରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱିତୀୟ ସବୁଜ ବିପ୍ଳବ କରାଇବ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ କୃଷିରେ ଦ୍ୱିତୀୟ ସବୁଜ ବିପ୍ଳବ ହେବାକୁ ହେଲେ ପ୍ରଯୁକ୍ତି ବିଦ୍ୟାର ଅଭିନବତ୍ୱ ତଥା ସାମଗ୍ରିକ ବିକାଶ ହିଁ ଏହାର କର୍ଣ୍ଣଧାର ହେବ ବୋଲି ଜଣେ ପ୍ରମୁଖ କୃଷି ବିଶେଷଜ୍ଞ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ଆୟୋଜିତ ହୋଇଥିବା ସାପ୍ତାହିକ ବକ୍ତୃତା ମାଳାରେ ଯୋଗ ଦେଇ ଡେରାଡୁନ ସ୍ଥିତ ଗୋବିନ୍ଦ ବଲ୍ଲଭ ପନ୍ତ କୃଷି ବିଶ୍ୱବିଦ୍ୟାଳୟର ଉଦ୍ଭିଦ ଶରୀରତତ୍ତ୍ୱ



ବିଭାଗର ବିଭାଗୀୟ ମୁଖ୍ୟ ତଥା ଅନନ୍ୟ ଗବେଷକ ପ୍ରଫେସର ସୁଧୀର କୁମାର ଗୁରୁ ଏହି ମତ ବ୍ୟକ୍ତ କରିଛନ୍ତି। ପ୍ରଫେସର ଗୁରୁ ଅଧୁନା ଜି. ବି. ପନ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସ୍ୱତନ୍ତ୍ର ଅଧିକାରୀ (ଓଏସଡି) ଭାବେ କାର୍ଯ୍ୟରତ ଅଛନ୍ତି। ଏହି ଆଲୋଚନାରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଗବେଷଣା ସଂଯୋଜକ ପ୍ରଫେସର ଜଗମୋହନ ଲାଲ ଗୁଲାଟି ଆଲୋଚନା ଆରମ୍ଭ କରିଥିବାବେଳେ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଗୁରୁଙ୍କ ବକ୍ତବ୍ୟ ପରେ ଆଲୋଚନା ଓ ପର୍ଯ୍ୟାଲୋଚନା ଅବସରରେ ମହାବିଦ୍ୟାଳୟର ସମସ୍ତ ଯୁବ ପ୍ରାଧ୍ୟାପକ ଓ ଗବେଷଣାରତ ଛାତ୍ରଛାତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜୀବ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଏବିଓଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଦଶପଲ୍ଲା,(ସବ୍ୟୁ) :ଦୀର୍ଘଦିନ ଧରି ଦଶପଲ୍ଲା ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟକରି ଆସୁଥିବା ରାଜେନ୍ଦ୍ର ପ୍ରସାଦ ଖଟେଇଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦଶପଲ୍ଲା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠି ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ଏ ବି ଓ ଶ୍ୟାମ ସୁନ୍ଦର ଯାନୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଖଟେଇ ଜଣେ ମିଷ୍ଟ ଭାସି, ସୁ ପ୍ରଶାସକ, ଓ ଜଣେ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ବେଶ ଜଣାଶୁଣା ଥିଲେ । ଏହି ଉତ୍ସବେ ରେ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଓଡ଼ିଶାରେ ହେବାକୁ ଥିବା ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ବୈଠକ

# ବିକଶିତ ଭାରତ ଗଠନରେ ପ୍ରମୁଖ ଭୂମିକା ନେବ ଶକ୍ତି କ୍ଷେତ୍ର : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: (ସବ୍ୟୁ): ଚଳିତ ବର୍ଷ ଶେଷରେ ଓଡ଼ିଶାରେ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଓ ଆଇଆଇଟି କାନପୁରର ମିଳିତ ସହଯୋଗରେ ଆୟୋଜିତ ହେବ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀ । ସାରା ଦେଶର ଶକ୍ତିମନ୍ତ୍ରୀମାନେ ଏଥିରେ ଯୋଗଦେବେ । ଶକ୍ତି କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ ରଣନୀତି ପ୍ରସ୍ତୁତ କରିବାରେ ଓଡ଼ିଶା ନେତୃତ୍ୱ ନେବ । ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗତ ଜୁନ ମାସରେ ନୂଆଦିଲ୍ଲୀ ଠାରେ ଏଥିନିମନ୍ତେ ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ସମ୍ମିଳନୀରେ ଓଡ଼ିଶାର ଶକ୍ତି କ୍ଷେତ୍ରରେ ହୋଇଥିବା ନବସୃଜନର ସମାହାର ପ୍ରଦର୍ଶିତ ହେବ । ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି



ସମ୍ମିଳନୀରେ ଯୋଗଦେବେ ।

ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ହେବାକୁ ଥିବା ବିକଶିତ ଭାରତ ଗଠନର ମୂଳଦୁଆ ପଡିସାରିଛି । ଏଥିରେ ଶକ୍ତି କ୍ଷେତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳବାୟୁ ସହନୀୟ ରଣନୀତି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି । କାର୍ବନ ନିର୍ଗମନ ହ୍ରାସ କରି ନେଟ ଜିରୋ କାର୍ବନ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ଅଗ୍ରସର ହେଉଛି । ପାରମ୍ପରିକ ଉତ୍ସରୁ ଆମେ ଅକ୍ଷୟ ଶକ୍ତିକୁ ପରିବର୍ତ୍ତନ ନିମନ୍ତେ ପଦକ୍ଷେପ ଗ୍ରହଣ କରି ରାଜ୍ୟରେ ସୌର ବିଦ୍ୟୁତ, ପିଏସପି, ଗ୍ରୀନ ଏନର୍ଜି ଇତ୍ୟାଦିର ବିକାଶ ଆଡକୁ ଗତି କରୁଛୁ । ଏଥିରେ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଆମକୁ ସହଯୋଗ କରିବ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଡ଼ାଇରେକ୍ଟର ବିବେକ ଅଗ୍ରୱାଲ, ଏନ ସାଗର, ଅମର ଜ୍ୟୋତି ମହାପାତ୍ର, ଗ୍ରୀଡ଼କୋ ଏମଡି ତ୍ରିଲୋଚନ ପଣ୍ଡା, ଅତିରିକ୍ତ ଶାସନ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ରଥଯାତ୍ରା ମହାବିଭ୍ରାଟ ତଦନ୍ତ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା କରାଯାଉ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ସଂପ୍ରତି ତିନୋଟି ପ୍ରସଙ୍ଗରେ ବିଜେପି ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପୁରୀ ରଥଯାତ୍ରାରେ ମହା ବିଭ୍ରାଟ, ବିଏମସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ମୀଙ୍କ ମାଡ ତଥା ଆଇପିଏସ ଅଧିକାରୀଙ୍କ ଦଳୀୟ ପ୍ରୀତିକୁ ନେଇ ଶ୍ରୀ ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ସରକାରୀ ପ୍ରସ୍ତୁତି କଥା କହିଲେ। ହେଲେ ବିଜେପି ଦଳର ୧୫ଶହ କର୍ମକର୍ତ୍ତା ରଥରେ ସାମିଲ ହେବେ, ସେ କଥା କାହିଁକି କହିଲେ ନାହିଁ? ରଥଟଣା ସମୟରେ ବିଜେପି କର୍ମୀ ମାନେ ଅବ୍ୟବସ୍ଥା କଲେ। ରଥଯାତ୍ରାକୁ କେବଳ ଦଳୀୟ ଉତ୍ସବ କରିବା ପାଇଁ ବିଜେପି ଏମିତି କଲା। ଭିଡ଼ ନିୟନ୍ତ୍ରଣକୁ ପ୍ରଶାସନ ଗୁରୁତ୍ୱ ନଦେଇ ଭିଆଇପିଙ୍କୁ ଗୁରୁତ୍ୱ ଦେଲେ। ଯେଉଁଠି ପାଇଁ ବିଭ୍ରାଟ ହୋଇଛି। ସାରା ବିଶ୍ୱରେ ଚର୍ଚ୍ଚା ହେଲା। ଜଗନ୍ନାଥଙ୍କୁ ଗୌଣ କରିଦେଲେ ସରକାର। ରଥଯାତ୍ରା ମହାବିଭ୍ରାଟ ପାଇଁ ଜଣେ



କାର୍ଯ୍ୟରତ ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଯାଉ। ଉନ୍ନୟନ କମିଶନଙ୍କ ତଦନ୍ତରେ କିଛି ସୁଫଳ ମିଳିବନି। ଯିଏ କମିଟିର ସଦସ୍ୟ, ସେ କିପରି ତଦନ୍ତ କରିବେ। ଓଡିଆ ଅସ୍ମିତା ଓ ଓଡ଼ିଆ ପ୍ରାଣ ଦେବତା କ'ଣ ନ୍ୟାୟ ପାଇବେ ଏହି ତଦନ୍ତରୁ? ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଗଲେ ନ୍ୟାୟ ମିଳିବ। ବିଏମସିର ଅତିରିକ୍ତ କମିଶନଙ୍କୁ ବିଜେପି କର୍ମୀ ମାଡ଼ ମାରିବା ଘଟଣାକୁ ନେଇ ବର୍ଷିଲେ ପିସିସି ସଭାପତି ଭକ୍ତ ଚରଣ ଦାସ। ବିଏମସିରେ ଜନଶୁଣାଣି ଚାଲିଥିବା ବେଳେ ବିଜେପିର ଜଣେ କର୍ପୋରେଟର ଓ ୧୦ ଜଣ କର୍ମୀ ଅତିରିକ୍ତ କମିଶନରଙ୍କୁ ମାଡ ମାରିଲେ। ମାଡ଼ ମାରିଥିବା କର୍ମୀମାନେ କହୁଥିଲେ ଭୁବନେଶ୍ୱର ମଧ୍ୟମ ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ଜନଶୁଣାଣିକୁ କାହିଁକି ଡାକିଲେ ନାହିଁ। ଜଣେ ପରାଜିତ ପ୍ରାର୍ଥୀଙ୍କୁ କାହିଁକି ଜନଶୁଣାଣିରେ ଡାକିବେ ଅଧିକାରୀ? ସରକାରୀ ଅଧିକାରୀ ମାନେ ଗୁଲାମ ହେଲେଣି ବିଜେପି ନେତାଙ୍କର । କାରଣ ମୁଖ୍ୟମନ୍ତ୍ରୀ ନିଜେ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ପୂରା ଓଡ଼ିଶାରେ ଆଜି ଏପରି ପରିସ୍ଥିତି ହେଇଛି। ସରକାରୀ ଅଧିକାରୀଙ୍କୁ ବିଜେପିକରଣ କରିବାକୁ ଶାସକ ଦଳ ଚାହୁଁଛି। ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀ ମାନେ ଆଜି ଅପମାନିତ ହୋଇଛନ୍ତି। ଓଡିଶାରୁ ସରକାରୀ ଅଧିକାରୀ ମାନଙ୍କୁ କ୍ଷମା ମାଗନ୍ତୁ ସରକାର କ୍ଷ ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ଗିରଫ କରାଯାଉ । କିଏ କେଉଁଠିକୁ ଯିବ ସେମାନେ ପାଇଁ ଆଡଭାଇଜର ଜାରି କରନ୍ତୁ ସରକାର। ପୂରା ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ। ଘଟଣାରେ ସମ୍ପୃକ୍ତ ସମସ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରାଯାଉ।

# ଘୋଷଯାତ୍ରାରେ ପ୍ରାଣ ହରାଇଥିବା ଭକ୍ତମାନଙ୍କ ପାଇଁ ଶ୍ରୀଜଗନ୍ନାଥ ସହସ୍ର ନାମ ପଠନ

ଭୁବନେଶ୍ୱର (ସବ୍ୟୁ): ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଜନିତ ଠେଲାପେଲା କାରଣରୁ ଘଟିଥିବା ଅଘଟଣ ରେ ଯେଉଁ ଭକ୍ତମାନଙ୍କର ଜୀବନଦୀପ ଶରଧାବାଲିରେ ଚାଲି ଯାଇଛି ସେମାନଙ୍କ ପରିବାରବର୍ଗଙ୍କୁ ଓ ଆହତ ଜଗନ୍ନାଥ ପ୍ରେମି ମାନଙ୍କୁ ସମବେଦନା ଜଣାଇବା ସହ ଶ୍ରୀ ଜଗନ୍ନାଥ ସହସ୍ର ନାମ ପଠନ କରାଯାଇଛି । ଏହି ଭଳି ଏକ ଦାରୁଣ ଦୁଃଖକୁ ସହିବା ନିମନ୍ତେ ଶକ୍ତି ଦେବାପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିରବ ପ୍ରାର୍ଥନା କରାଯିବା ସହ ମୁରଲୀ ଧର ପଲେଇ ଓ ସାଥି, ସୁରେଶ କୁମାର ମିଶ୍ର ଭାରତୀ ଭୂଷଣ ପଟ୍ଟନାୟକ ଓ ଭୁବନେଶ୍ୱର ଲେଡ଼ିଜ ଫୋରମ ର ସଦସ୍ୟା ମାନଙ୍କ ସହିତ ଅନ୍ୟ ଜଗନ୍ନାଥ ପ୍ରେମି ମିଳିତ ଭାବେ ଶ୍ରୀ ଜଗନ୍ନାଥ ସହସ୍ର ନାମ ପଠନ କରି ଥିଲେ । ପରେ ପରେ ଜଗନ୍ନାଥ ଅଷ୍ଟକମ ବିମଳା ଅଷ୍ଟକମ ଗୀତ ଗୋବିନ୍ଦ ଭଜନ ଗାନ କରି ଥିଲେ କରିଥିଲେଞ୍ଚ ଡ଼ ନାରାୟଣ ମହାପାତ୍ର



ଉମାନାଥ ମିଶ୍ର ଭଗବାନ ଦାଶ ବିଜୟ ପଣ୍ଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସଭାରେ ବଂଶୀଧର ନାୟକ ମନୋରଞ୍ଜନ ପଲେଇ ଶ୍ରୀନିବାସ ରାଓ ଶରତ ମହାପାତ୍ର ଚୈତନ୍ୟ ନାୟକ ଶାଶ୍ୱତୀ ମିଶ୍ର ପ୍ରମୋଦିନୀ ପଣ୍ଡା ଓ ବହୁ ଜଗନ୍ନାଥ ପ୍ରେମି ଯୋଗ ଦେଇ ଥିଲେ । ସରକାର ଓ ମନ୍ଦିର ପ୍ରଶାସନ ମହାପ୍ରଭୁ ଙ୍କ ଯାତ୍ରାକୁ ବିଶେଷ ଗୁରୁତ୍ୱ ଦେଇ ଆତ୍ମବିଶ୍ଳେଷଣ କରି ସମସ୍ତେ ମନ୍ତବ୍ୟ ଦେବା ଉଚିତ ହେବ ବୋଲି ମତ ପ୍ରକାଶ ପାଇଥିଲା । ରଥଯାତ୍ରାକୁ ନିଜେ ମହାବାହୁ ଶୃଙ୍ଖଳିତ କରିବେ ବୋଲି ପ୍ରାର୍ଥନା କରାଯାଇଥିଲା ।

# ବିହାରରୁ ବେଙ୍ଗାଲୁରୁ ଚାଲାଣ ହେଉଥିବା ୪ ନାବାଳକ ଉଦ୍ଧାର



ଭୁବନେଶ୍ୱର, (ସବ୍ୟୁ) : ପରିବାରର ଦାରିଦ୍ର୍ୟତା ସୁଯୋଗ ନେଇ ବିହାର ରାଜ୍ୟର ୪ଜଣ ନାବାଳକଙ୍କୁ ଦଲାଲମାନେ ବେଙ୍ଗାଲୁରୁ ଚାଲାଣ କରୁଥିବା ବେଳେ ଭୁବନେଶ୍ୱର ରେଳ ଷ୍ଟେସନରେ ଧରାପଡିଥିବା ରୁଚିକା ମଙ୍ଗଳ ସଙ୍ଗଠନ କହିଛି । ରୁଚିକା ମଙ୍ଗଳ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କ ଠାରୁ ଖବର ପାଇ ୧୫୨୨୮ ଯଶୋବନ୍ତପୁର ଏକ୍ସପ୍ରେସ୍‌କୁ ରୁଚିକା ଆକ୍ସେସ୍ ଟୁ ଜଷ୍ଟିସ୍ ପ୍ରକଳ୍ପର ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା, ହରପ୍ରିୟା ପତି, ତଟିନୀ ବିଶ୍ୱାଳ, ପ୍ରୀତିପ୍ରଜ୍ଞା ସ୍ୱାଇଁ, ରିଙ୍କିନା ସ୍ୱାଇଁ ଓ ଶ୍ରଦ୍ଧାଞ୍ଜଳି ବାରିକ ସୋମବାର ରାତିରୁ ଭୁବନେଶ୍ୱର ଷ୍ଟେସନରେ ଜଗି ରହିଥିଲେ । ଭୁବନେଶ୍ୱର ଆର୍‌ପିଏଫ୍ ଏବଂ ଜିଆର୍ ପୋଲିସକୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଥିଲା । ଟ୍ରେନ୍ ବିଳମ୍ବରେ ଆସିଥିଲା ଓ ଭୁବନେଶ୍ୱର ଷ୍ଟେସନରେ କମ୍ ସମୟ ଅଟକି ଥିଲା । ଏତେ କମ୍ ସମୟ ମଧ୍ୟରେ ୪ଜଣ ପିଲାଙ୍କୁ ଟ୍ରେନ୍ ବଗି ଏସ୍-୧, ଏସ୍-୫ ଓ ଡି-୪ରୁ ୪ଜଣ ନାବାଳକଙ୍କୁ ଉଦ୍ଧାର କରାଗଲା । ଉଦ୍ଧାର ପରେ ଜଣାପଡିଥିଲା ସେମାନଙ୍କ ମଧ୍ୟରୁ ଦୁଇଜଣ ପିଲା ବିହାର ବେଗୁସରାଇ ଜିଲ୍ଲାର ହୋଇଥିବା ବେଳେ ଜଣେ କୋରହକଟିଆର, ଆଉ ଜଣେ ଚମ୍ପାରନ ଜିଲ୍ଲାର ।

ଉଦ୍ଧାର ୪ ନାବାଳକଙ୍କୁ ଭୁବନେଶ୍ୱର ଅତିରିକ୍ତ ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା । ସେହି ୪ଜଣଙ୍କୁ ଭୁବନେଶ୍ୱରସ୍ଥିତ ରୁଚିକା ଓପନ୍ ସେଣ୍ଟରକୁ ପଠାଯାଇଛି । ଅତିରିକ୍ତ ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶ କ୍ରମେ ରୁଚିକା କର୍ମକର୍ତ୍ତାମାନେ ଭୁବନେଶ୍ୱର ଜିଆର୍‌ପି ଥାନାରେ ଏକ ଏତଲା ଦାଏର କରିଛନ୍ତି । ଦୁଇଜଣ ଦଲାଲ ଯଥା- ବିହାର ବେଗୁସରାଇ ଜିଲ୍ଲା ଯଶୋବନ୍ତ କୁମାର ଓ କଟିହାର ଜିଲ୍ଲାର ଏମ୍‌ଡି ସଉହରାବଙ୍କୁ ପୋଲିସ ଧରି ନିଜ ହେପାଜତକୁ ନେଇଥିବା ସୂଚନା ମିଳିଛି ।

## ପିପିଲି ତହସିଲର ପଟ୍ଟା ବଣ୍ଟନ

ପିପିଲି,(ସବ୍ୟୁ) : ମଙ୍ଗଳବାର ଦିନ ପିପିଲି ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ଡଃ ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ଅତିରିକ୍ତ ତହସିଲଦାର ବସନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ବିଭିନ୍ନ କିସମର ତଥା ସ୍କୁଲ ପଟ୍ଟା ଏବଂ ପ୍ରଜା ଖାନା ସଂଶୋଧନ ପଟ୍ଟା ଏହିପରି ମୋଟ ୧୨୬ ପଟ୍ଟା ହିତାଧିକାରୀ ମାନଙ୍କୁ ଦିଆଯାଇଥିଲା । ଆଗାମୀ ଦିନ ମାନଙ୍କରେ କିପରି ଜନସାଧାରଣ ସୁବିଧାରେ ସବୁ ବର୍ଗର ପଟ୍ଟା ପାଇ ପାରିବେ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ସାଂସଦ ଡଃ ପାତ୍ର ସୂଚନା ଦେଇଛନ୍ତି ।

# ଶୈକ୍ଷିକ ସହଯୋଗ ନେଇ ଆମେରିକା ଓ ବୁଲଗେରିଆର ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ସୋମବାର ଅଭାଷୀ ମାଧ୍ୟମରେ ଆମେରିକାର ଆମେରିକାନ ୟୁନିଭରସିଟି ଅଫ ମାଲ୍ଟା ଓ ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସମ୍ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ ଇଉନିଭର୍ସିଟି ଅଫ୍ ମାଲ୍ଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ



ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ।

ଆମେରିକାନ ଇଉନିଭର୍ସିଟି ଅଫ ମାଲଟା ସହ ବୁଝାମଣା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ ବୁଝାମଣା କାର୍ଯ୍ୟକ୍ରମରେ ବୁଲଗେରିଆସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟର ରେକ୍ଟର ପ୍ରଫେସର ମିଲେନ ବାଲଟୋଭ ପ୍ରମୁଖ ଉପସ୍ଥିତ ଥିବା ବେଳେ କିଟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ମିଂହାମରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ା

# ଅଶୋକ ଦଣ୍ଡସେନାଙ୍କୁ ସ୍ୱର୍ଣ୍ଣ ଓ ସୁସ୍ମିତା ଟିଗୋ ଙ୍କୁ ରୌପ୍ୟ

କଟକ, (ସବ୍ୟୁ):ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର କନଷ୍ଟେବଲ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ରାଜ୍ୟ ପୋଲିସ ପାଇଁ ଗୌରବ ଆଣିଛନ୍ତି। ଅଶୋକ ଦଣ୍ଡସେନା ୮୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୮୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି। ଉଭୟଙ୍କ ଏହି ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା



ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି ।ଅଶୋକ ଓ ସୁସ୍ମିତାଙ୍କ ବିଜୟ ଓଡ଼ିଶା ପୋଲିସର କ୍ରୀଡା ଉତ୍କର୍ଷତା, ଦୃଢ଼ତା ଏବଂ ଶୃଙ୍ଖଳାର ପ୍ରମାଣ। ଉଭୟଙ୍କ ପଦକ ବିଜୟ ଓଡିଶା ପୋଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଉଛି।

# ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣକୁ ଓଫସା ର ତୀବ୍ର ନିନ୍ଦା

କଟକ , (ସବ୍ୟୁ ): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନର ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ତାଙ୍କ ଉପରେ କିଛି ଅସାମାଜିକ ଲୋକଙ୍କ ଦ୍ୱାରା ହୋଇଥିବା ଅମାନବୀୟ ଆକ୍ରମଣକୁ ଓଡ଼ିଶା ମତ୍ସ୍ୟ ସେବା ସଂଘ (OFSA)ଦୃଢ଼ ନିନ୍ଦା କରୁଛି। ଏହି ଘଟଣା କେବଳ ଏକ ବ୍ୟକ୍ତିଗତ ଆକ୍ରମଣ ନୁହେଁ, ଏହା ଓଡ଼ିଶାର ସମସ୍ତ ସରକାରୀ କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ମନୋବଳକୁ ମଧ୍ୟ ଆଘାତ ପହଞ୍ଚାଇଛି ।ଏହି ପ୍ରସଙ୍ଗରେ ଓ ଏ ଏସ ସଂଘ ଦ୍ୱାରା ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ନିଷ୍ପତ୍ତିକୁ ଓଡ଼ିଶା ମତ୍ସ୍ୟ ସେବା ସଂଘ ନିଃସର୍ତ୍ତ ସମର୍ଥନ କରୁଛି । ରାଜ୍ୟ ସରକାରୀ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟାଳୟ ତଥା କ୍ଷେତ୍ରରେ ଦିନ ରାତି ସେବା ପ୍ରଦାନ କରୁଛନ୍ତି। ମାତ୍ର କିଛି ଅସମାଜିକ ତତ୍ତ୍ୱ ଙ୍କ ଏପରି ଅମାନବୀୟ କାର୍ଯ୍ୟକଳାପ ରାଜ୍ୟ ସାରା କାର୍ଯ୍ୟରତ କର୍ମଚାରୀଙ୍କ ନୈତିକତାକୁ ହ୍ରାସ କରିବ ଏବଂ ସେମାନେ ନିଜ କାର୍ଯ୍ୟସ୍ଥଳରେ ସଠିକ୍ ଭାବରେ ସେମାନଙ୍କର କର୍ତବ୍ୟ ପାଳନ କରିବାକୁ ନିରାପଦ ଅନୁଭବ କରିବେ ନାହିଁ। ସରକାରୀ ପ୍ରତିଷ୍ଠାନର ପବିତ୍ରତାକୁ ସୁରକ୍ଷିତ ରଖିବା ସହ ଏହାକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଅସାମାଜିକ ଲୋକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଓଡ଼ିଶା ମତ୍ସ୍ୟ ସେବା ସଂଘ ପୁଣିଥରେ ଉପରୋକ୍ତ ଅମାନବୀୟ କାର୍ଯ୍ୟର ଦୃଢ଼ ନିନ୍ଦା କରୁଛି ଏବଂ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛି।

# ବିର୍ଲା ଟାୟାର ଲୋଗୋ ଏବଂ ୱେବସାଇଟ୍ ସହିତ ନୂତନ ବ୍ରାଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ବିର୍ଲା ଟାୟାର ଏହାର ନୂତନ ବ୍ରାଣ୍ଡ ପରିଚୟର ଶୁଭାରମ୍ଭ କରି ଗର୍ବିତ, ଯେଉଁଥିରେ କମ୍ପାନୀର ନୂତନ ଲୋଗୋ ଏବଂ କର୍ପୋରେଟ୍ ୱେବସାଇଟ୍ ଅନ୍ତର୍ଭୁକ୍ତ। ଯାହା ଏହାର ନୂତନ ପ୍ରମୋଟର ଡାଲମିଆ ଭାରତ ରେଫ୍ରାକ୍ଟୋରିଜ୍ ଲିମିଟେଡ୍ (ଡିବିଆରଏଲ୍) ଏବଂ ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍ (ଏଚଏସସିଏଲ୍, ଷ୍ଟ୍ରାଟେଜିକ୍ ପାର୍ଟନର) ଙ୍କ ଦ୍ୱାରା କରାଯାଇଛି। ବିର୍ଲା ଟାୟାରର ନୂତନ ଲୋଗୋରେ ଗତି ଏବଂ ଶକ୍ତିର ପ୍ରତୀକ ସ୍ୱରୂପ ଏକ କଷ୍ଟମ୍-ଡିଜାଇନ୍ ୱାର୍ଡମାର୍କ ରହିଛି, ଏକ ଆକର୍ଷଣୀୟ ବାଘର ସଙ୍କେତ ରହିଛି ଯାହା ଶକ୍ତି, କ୍ଷିପ୍ରତା ଏବଂ ନେତୃତ୍ୱକୁ ପ୍ରତିପାଦିତ କରିଥାଏ। ଏହାର ସ୍ୱଚ୍ଛ ନୀଳ ଏବଂ କମଳା ପ୍ୟାଲେଟ୍ ସହିତ, ଲୋଗୋ ବିଶ୍ୱାସ, ଆଶାବାଦ ଏବଂ ନେତୃତ୍ୱ ନେବା ପାଇଁ ବ୍ରାଣ୍ଡର ଦକ୍ଷତାର ଏକ ସ୍ପନ୍ଦନଶୀଳ ଉପସ୍ଥାପନା ଭାବରେ ରହିଛି। ଏକତ୍ର ଭାବରେ, ଏହି ଉପାଦାନଗୁଡ଼ିକ ବିର୍ଲା ଟାୟାରର ନବୀକରଣ ମହତ୍ତ୍ୱାକାଂକ୍ଷା ଏବଂ ଦ୍ରୁତ ଗତିଶୀଳତା ପରିପ୍ରେକ୍ଷୀରେ ଜିତିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚାଇଥାଏ। ଏହି ଅବସରରେ, ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀଯୁକ୍ତ ଅନୁରାଗ ଚୌଧୁରୀ କହିଛନ୍ତି "ଏହି ପୁନଃବ୍ରାଣ୍ଡିଂ କେବଳ ଏକ ଦୃଶ୍ୟ ପରିବର୍ତ୍ତନ ନୁହେଁ; ଏହା ଉଦ୍ଦେଶ୍ୟମୂଳକ ବିକାଶ ଏବଂ ପ୍ରଗତି ପ୍ରତି ଆମର ସମର୍ପଣର ପ୍ରମାଣ। ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଇଓ ଡକ୍ଟର ଚନ୍ଦ୍ର ନାରାୟଣ ମାହେଶ୍ୱରୀ ଆହୁରି କହିଛନ୍ତି: ଆମର ନୂତନ ଲୋଗୋ ବିର୍ଲା ଟାୟାରର ସାରକୁ ପ୍ରକାଶ କରେ, ଯାହା ଚାରୋଟି ମୌଳିକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ: ଏକ ଐତିହ୍ୟ ଯାହା ସାହସକୁ ପ୍ରେରଣା ଦିଏ, ଏକ ଉତ୍ପାଦ ଲାଇନ୍ ଯାହା ଭବିଷ୍ୟତ ପାଇଁ ପ୍ରସ୍ତୁତ, ନିରନ୍ତର ନବସୃଜନ ପ୍ରତି ଏକ ଅଟଳ ପ୍ରତିବଦ୍ଧତା ଏବଂ ଆମ ଚାରିପାଖରବିଶ୍ୱ ସହିତ ଏକତାକୁ ଦର୍ଶାଏ।

# ଶରଧାବାଲି ସାଂସ୍କୃତିକ ପରିଷଦ ପକ୍ଷରୁ ହେରାପଞ୍ଚମୀ ଭଜନ ସମାରୋହ

ପୁରୀ (ସବ୍ୟୁ): ମଙ୍ଗଳବାର ସନ୍ଧ୍ୟାରେ ଶରଧାବାଲି ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ୪୫ ତମ ହେରାପଞ୍ଚମୀ ଭଜନ ସମାରୋହ ବଡ଼ଶଙ୍ଖ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଲୋକ ସଭା ସାଂସଦ ସମ୍ବିତ ପାତ୍ର ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମାରୋହରେ ଶିକ୍ଷାବିତ୍ ବସନ୍ତ କୁମାର ମିଶ୍ରଙ୍କୁ ଗୁରୁ ଗୌରବ ସମ୍ମାନ,କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କୁ ମାଖନ୍ ଲାଲ ହାଲଦାର ସ୍ମୃତି ସମ୍ମାନ,ସୌରଭ ଭରଦ୍ୱାଜଙ୍କୁ ନିକୁଞ୍ଜ କିଶୋର ଜେନା ସ୍ମୃତି ସମ୍ମାନ,ଅର୍ପିତା ଚୌଧୁରୀଙ୍କୁ ସଂଯୁକ୍ତା ସ୍ମୃତି ସମ୍ମାନ,ସଙ୍ଗୀତ



ନିର୍ଦ୍ଦେଶକ ପରମାନନ୍ଦ ସାହୁଙ୍କୁ ଉତ୍କଳ ସଙ୍ଗୀତ ଗୌରବ ସମ୍ମାନ,ଅଭିଜିତ ମିଶ୍ରଙ୍କୁ ଦୁଃଖିଶ୍ୟାମ ମର୍ଦ୍ଦରାଜ ସ୍ମୃତି ସମ୍ମାନ,ରବୀନ୍ଦ୍ର ମହାପାତ୍ରଙ୍କୁ ସମରେନ୍ଦ୍ର ମହାପାତ୍ର ସ୍ମୃତି ସମ୍ମାନ,ଇରା ମହାନ୍ତିଙ୍କୁ ଦୁର୍ଗାମାଧବ ସ୍ମୃତି ସମ୍ମାନ,ସୁଧାକର ମିଶ୍ରଙ୍କୁ ମିନାକ୍ଷୀ ମହାପାତ୍ର ସ୍ମୃତି ସମ୍ମାନ,ଅମୃତ ରଞ୍ଜନ ଦାସଙ୍କୁ ହରକଲ୍ୟାଣ ପଟ୍ଟନାୟକ ସ୍ମୃତିସମ୍ମନ୍ ଶୈଳ ଭାମା ମହାପାତ୍ରଙ୍କୁ ଉତ୍କଳ ସଙ୍ଗୀତ ଗୌରବ ସମ୍ମାନ,ସିଦ୍ଧେଶ୍ୱର ପଟ୍ଟନାୟକ ଙ୍କୁ ମୃତ୍ୟୁଞ୍ଜୟ ସାସମଲ ସ୍ମୃତି ସମ୍ମାନ,,ପ୍ରଦୀପ ରଣାଙ୍କୁ ଶ୍ରୀକ୍ଷେତ୍ର ସେବାରତ୍ନ ସମ୍ମାନ,ଲିଙ୍ଗରାଜ ମହାରଣା ଙ୍କୁ ଚିତ୍ରକଳା ସମ୍ମାନ ଏବଂ ବିଭୁ ପ୍ରସାଦ ନନ୍ଦଙ୍କୁ ଡ ଲକ୍ଷ୍ମୀନାରାୟଣ ମହାପାତ୍ର ସ୍ମୃତି ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର,ଶରତ ନାୟକ,ଅନ୍ତରା ଚକ୍ରବର୍ତ୍ତୀ ନିର୍ଲିପ୍ତା ମିଶ୍ର,ଇରା ମହାନ୍ତି,ସୌରଭ ଭରଦ୍ୱାଜ,ମଞ୍ଜୁଶ୍ରୀ ତ୍ରିପାଠୀ,ଦିପ୍ତିରେଖା ପାଢୀ,ଅଭିଜିତ ମିଶ୍ର, ଅଞ୍ଜଳି ମିଶ୍ର ,ଗଗନ ବିହାରୀ ଜେନା,ଅର୍ପିତା ଚୌଧୁରୀ,ସୁଧାକର ମିଶ୍ର,ସୈଳଭମା ମହାପାତ୍ର,ପ୍ରଫୁଲ୍ଲ ବେହେରା ଏବଂ ମାନସୀ ପାତ୍ର ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ମନୋରଂଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜ, ସଂଗଠନ ସମ୍ପାଦକ ବିଜୟ ମୋହନ ଦାଶ, ଉପସଭାପତି ସୂର୍ଯ୍ୟ ନାରାୟଣ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମସ୍ତ ସଦସ୍ୟଗଣଙ୍କ ଅକୁଣ୍ଠ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା ।

## ଲାଏନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର, (ସବ୍ୟୁ) ଲାଏନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ଆଜି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓସ୍କାର ସିଟି ସ୍ଥିତ ପ୍ରତିମା କଲ୍ୟାଣ ମଣ୍ଡପଠାରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ଲାୟନ ପ୍ରଶାନ୍ତ ପରିଡା, ସମ୍ପାଦକ ଲାୟନ କାହ୍ନୁଚରଣ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଂଜନ ଚାନ୍ଦ ଏବଂ ବହୁ ସଦସ୍ୟ ଯୋଗଦେଇ ସପେଟା, ପିଜୁଳି, ଲେମ୍ବୁ ଆଦି ବୃକ୍ଷ ଲଗାଇଥିଲେ। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବାକୁ ଲାଏନ୍ସ କ୍ଲବ ସଦସ୍ୟମାନେ ଉପସ୍ଥିତ ଲୋକଙ୍କୁ କହିଥିଲେ।

## ଡିଏଭି ଚନ୍ଦ୍ରଶେଖରପୁରରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ

# ସଫଳତା ବ୍ୟକ୍ତି ନିଷ୍ଠ ବଦଳରେ ସମାଜସର୍ବସ୍ୱ ହେଉ

ଭୁବନେଶ୍ୱର: (ସବ୍ୟୁ): ସଫଳ ବିଦ୍ୟାର୍ଥୀ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରେ। ସଫଳତା ହାସଲପରେ ତାହାକୁ ସାର୍ବଜନୀନ କଲ୍ୟାଣରେ ରୂପାନ୍ତରିତ କରିଥାଏ ବୋଲି ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରରେ ଆୟୋଜିତ ମେଧାବୀ ସମ୍ବର୍ଦ୍ଧନା ସମାରୋହରେ ମତପ୍ରକାଶ ପାଇଛି। ମୁଖ୍ୟଅତିଥି ପଦ୍ମଶ୍ରୀ ଡ. ଏ.ପି.ଦାଶ ଜ୍ଞାନ ଓ କୌଶଳର ସୁସମନ୍ୱୟ ଉପରେ ପ୍ରାଧାନ୍ୟ ଦେବା ସହ ନିୟମିତ ନବସର୍ଜନାରେ ନିମଗ୍ନ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ. ସି.ଶତପଥୀ ସଫଳତାକୁ ନିୟମିତ ଅଭ୍ୟାସରେ ପରିଣତ କରିବାର ସୂତ୍ର ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ କୁମାର ଶତପଥୀଙ୍କ ଉଦ୍‌ଘାଟନୀ ବକ୍ତବ୍ୟ ସହ ସମ୍ପନ୍ନ ଏହି ମନୋଜ୍ଞ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁଜାତା ସାହୁ କୃତୀ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିବରଣୀ ଉପସ୍ଥାପନ କରି ଏହି ସାଫଲ୍ୟ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛି ବୋଲି ମତ ରଖିଥିଲେ। ଏହି ଉତ୍ସବରେ





ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାର କଳା, ବାଣିଜ୍ୟ ଓ ବିଜ୍ଞାନ ସ୍ରୋତର ଟପ୍ପର, ୯୫%ରୁ ଉର୍ଦ୍ଧ୍ୱ ନମ୍ବରଧାରୀ, ପୂର୍ଣ୍ଣ ୧୦୦ ନମ୍ବର ରଖିଥିବା ବିଦ୍ୟାର୍ଥୀ, ଜେଇଇ, ନିଟ୍ ଆଦି ସର୍ବଭାରତୀୟ ପରୀକ୍ଷାର କୃତିତ୍ୱଧାରୀ, ୟୁପିଏସ୍‌ସି ସଫଳ ପୂର୍ବତନ ବିଦ୍ୟାର୍ଥୀ ଅନୁପ ନାୟକ, ପ୍ରାୟୋଜିତ ପୁରସ୍କାର ପ୍ରାପ୍ତ ବିଦ୍ୟାର୍ଥୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗନଗର ଚେୟାରମ୍ୟାନ ମଦନମୋହନ ପଣ୍ଡା, ଡିଏଭି ପୋଖରୀପୁଟ ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ, ଡିଏଭି ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷଅଧ୍ୟକ୍ଷାଗଣ ଅତିଥି ରୂପେ ଯୋଗଦାନ କରିଥିଲେ। ପରିଶେଷରେ, ବରିଷ୍ଠ ଶିକ୍ଷୟିତ୍ରୀ ଡ.ଅଞ୍ଜୁଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଗତିର ଆଧାର– ନବାଚାର, ସମାଯୋଜନ ଏବଂ ପରିଚୟର ଏକ ସଫଳ ଦଶନ୍ଧି

ବସ୍ତ୍ର ଏବଂ ବୟନ କଥା ଆଲୋଚନା କଲାବେଳେ ଆମେ ମୁଖତଃ ରପ୍ତାନୀ, କ୍ଷତି ଏବଂ ଅଧିଶେଷ ଭଳି ପରିଭାଷାର ଉପଯୋଗ କରିଥାଉ । କିନ୍ତୁ ଏଭଳି ସଂକୀର୍ଣ୍ଣ ଦୃଷ୍ଟିକୋଣ ସେହି ଅନୁସାରେ ଦୂର ହୋଇଥାଏ ଯେଉଁ ମାତ୍ରାରେ ବାସ୍ତବ ପକ୍ଷେ ତାହା କାର୍ଯ୍ୟ କରିଥାଏ। ଭାରତରେ ବୟନ ଶିଳ୍ପ କ୍ଷେତ୍ରର ଶକ୍ତି କେବଳ ଏହାର ବିଦେଶକୁ ରପ୍ତାନୀ ପରିସୀମା ମଧ୍ୟରେ ସୀମାବଦ୍ଧ ନୁହେଁ । ଏହା ଆହୁରି ଅନେକ ପ୍ରସଙ୍ଗରେ ମଧ୍ୟ ନିହିତ ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଏପରି ଏକ ଘରୋଇ ଇଞ୍ଜିନ ଯାହା ଶିଥିଳତାକୁ ଅସ୍ୱୀକାର କରିଥାଏ ଏବଂ ଏହା ପରମ୍ପରା ଓ ନବାଚାର ଉଭୟ ଠାରୁ ଉପରକୁ ଉଠି ନିଜର ସ୍ୱରୂପ ପ୍ରଦର୍ଶନ କରିଥାଏ। ଏହା ଦେଶର ୧୪୩ କୋଟି ଭାରତୀୟଙ୍କ ଦ୍ୱାରା ସଞ୍ଚାଳିତ ଯାହା ନିଜର ଘର ଏବଂ ନିଜର ପରମ୍ପରା ଗୁଡ଼ିକୁ ଆରାମ ଓ ପରିଚୟ ପ୍ରଦାନ ତଥା ଆକାଂକ୍ଷା ପୂରଣ କରିଥାଏ ।

ଏଭଳି ବିପ୍ଳବର ପ୍ରଚାର ପ୍ରସାର କରାଯାଇନାହିଁ । ଏହାର ବରଂ ରୋପଣ କରାଯାଇଛି ବୋଲି କୁହାଯାଇପାରେ ଏବଂ ପାରମ୍ପରିକ ଢାଞ୍ଚାରେ ଆସିଥିବା କ୍ଷିପ୍ରତାକୁ ଟ୍ରାକିଂ କରାଯାଉଛି । ପୁନଶ୍ଚ ଭାରତର ତନ୍ତ ଦୃଶ୍ୟପଟ୍ଟରେ ପୂର୍ବରୁ କିଛି ଶାନ୍ତ ଏବଂ ଗଭୀର ଚିତ୍ରକୁ ସାମ୍ନାକୁ ଦର୍ଶାଉଥିଲା। ଏହାକୁ ପୂର୍ବରୁ ଏକ ପାରମ୍ପରିକ ଉଦ୍ୟୋଗ ବୋଲି ପ୍ରତ୍ୟାଖ୍ୟାନ କରାଯାଉଥିଲା । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାହାକୁ ନମନୀୟତା, ନବାଚାର ଏବଂ ଗୌରବର ଶକ୍ତିରେ ପରିଣତ କରାଯାଇ ପାରିଛି। ଭାଗଲପୁରର ଚକମକ ରେଶମ ଠାରୁ ନେଇ ପାନିପତର ପୁନଃଚକ୍ରଣକ୍ଷମ ରେଶମ ସୂତା ପର୍ଯ୍ୟନ୍ତ, ଏହି ପରିବର୍ତ୍ତନ ଧୀର, ସ୍ଥିର ଏବଂ ସ୍ଥାୟୀ ହୋଇପାରିଛି । ଏହା କେବଳ ଏକ ପୁନରୁତ୍ଥାନ ନୁହେଁ, ଏହା ଏକ ପୁନର୍ଜାଗରଣ ଅଟେ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ନିର୍ମାଣ ନିମନ୍ତେ ଯେଉଁ ଲକ୍ଷ୍ୟର ଆଧାରଶୀଳା ରଖାଯାଇଛି ତାହାକୁ ମଜଭୁତ ଓ ଇସ୍ପାତ ଭଳି ଶକ୍ତିଶାଳୀ କ୍ଷେତ୍ର ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିବ । ଏହି କ୍ଷେତ୍ର ସହିତ ଜଡ଼ିତ ସାମଗ୍ରିକ ଭାବରେ ଆଜୀବିକା ଏବଂ ସାଂସ୍କୃତିକ ନିରନ୍ତରତା ଉପରେ ଏହାକୁ ଆଧାରିତ କରିବାକୁ ପଡ଼ିବ । ବୟନ କ୍ଷେତ୍ର ତୁଳନାରେ ଏହି ଦୃଷ୍ଟିକୋଣକୁ ଆହୁରି ଅଧିକ ସ୍ପଷ୍ଟ ରୂପେ ପୂର୍ବରୁ ଅନୁଭବ କରାଯାଇ ନଥିଲା । ୪.୬ କୋଟି ଲୋକଙ୍କ ସହିତ ଜଡ଼ିତ ହେବା ସହିତ ଏହା ଦେଶର ଦ୍ୱିତୀୟ ସର୍ବବୃହତ୍ତ ନିଯୁକ୍ତିଦାତା ରୂପେ ଉଭା ହୋଇଛି। ତେଣୁ ଏହାକୁ କେବଳ ଗୋଟିଏ ଉଦ୍ୟୋଗ ଠାରୁ ଢେର୍ ଅଧିକ ବୋଲି ବିବେଚନା କରାଯାଇପାରେ । ଏହା କୌଶଳ, ପରିଚୟ ଏବଂ ଅବସରମାନଙ୍କର ଏକ ଜୀବନ୍ତ ପାରିସ୍ଥିତିକୀ ତନ୍ତ୍ର ମଧ୍ୟ । ଏକଦା ପଛୁଆ ବୋଲି କୁହାଯାଉଥିବା ଏହି ଉଦ୍ୟୋଗ ଧୀରେ ଧୀରେ ଆଧୁନିକ ଆର୍ଥିକ ଇଞ୍ଜିନରେ ରୂପାନ୍ତରୀତ ହୋଇସାରିଛି । ବର୍ତ୍ତମାନ ପାରମ୍ପରିକ ବୁଣାକାର ସାମଗ୍ରୀ ବୈଶ୍ୱିକ ବଜାରରେ ପ୍ରବେଶ କରିଛି, ଯଦ୍ୟପି ପ୍ରଯୁକ୍ତିଗତ ସାଧନ ଦ୍ୱାର ପ୍ରସ୍ତୁତ ବସ୍ତ୍ର ଏରୋସ୍ପେସ୍ ଏବଂ କୃଷି କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିଛି। ପୁନଶ୍ଚ ବାସ୍ତବ ସ୍ତରରେ, ପ୍ରତ୍ୟେକ ତନ୍ତ ଓ ଚରଖା ଗରିମା, ନବାଚାର ଏବଂ ଶାନ୍ତ ଶକ୍ତିର ଗଭୀର କାହାଣୀକୁ ଦର୍ଶାଉଛି ।

### ବିକଶିତ ଭାରତର ଏକ ଦଶନ୍ଧି: ପରିସଂଖ୍ୟାନ କହୁଛି କାହାଣୀ

ଆମ ସରକାର ଯେତେବେଳେ ୨୦୧୪ ମସିହାରେ କାର୍ଯ୍ୟଭାର ଗ୍ରହଣ କଲା, ସେତେବେଳେ ଭାରତର ବସ୍ତ୍ର ପରମ୍ପରା ଭିତରେ ହିଁ ସୀମିତ ରହିଥିଲା। ଏହା ଏପରି ଏକ ମଞ୍ଚ ଉପରେ ଦଣ୍ଡାୟମାନ ଥିଲା, ଯାହାର ବୈଶ୍ୱିକ ପ୍ରତିସ୍ୱର୍ଦ୍ଧାତ୍ମକତା ସମ୍ପୂର୍ଣ୍ଣ ଦିଶାହୀନ ଥିଲା । ଏକଦା ଅଚଳ ହୋଇ ପଡ଼ିଥିବା ଭଳି ପରିଚୟ ଲାଭ କରିଥିବା ବୟନ କ୍ଷେତ୍ର ମାତ୍ରା ଓ ସଂରଚନାକୁ ସାମର୍ଥ୍ୟ ଅଧୀନରେ ଲକ୍ଷିତ କୌଶଳ, କପା ଉତ୍ପାଦକତା ମିଶନ, ପି.ଏଲ.ଆଇ. ଯୋଜନା ଏବଂ ପି.ଏମ. ମିତ୍ର ପାର୍କ ମାଧ୍ୟମରେ ବିଶ୍ୱସ୍ତରୀୟ ପାରମ୍ପରିକ ଢାଞ୍ଚାର ମିଶନ ରୂପରେ ଏକ ନୂତନ ଯୁଗର ନିବେଶ ମାଧ୍ୟମରେ ପୁନର୍ବାର ଗଠନ କରାଯାଇଥିଲା। ଭାରତ କେବଳ ବସ୍ତ୍ର କ୍ଷେତ୍ରରେ ୨୦୧୪ ମସିହାରେ ରୋଜଗାରରେ ୩ କୋଟିରୁ ଦ୍ରୁତ ଗତିରେ ବୃଦ୍ଧି ପାଇ ୪.୬ କୋଟି ହୋଇପାରିଥିଲା ଏବଂ ସେଥିରେ ଉଭୟ କୁଶଳୀ ଏବଂ ଅଣକୁଶଳୀ ଶ୍ରମକୁ ନିୟୋଜନ କରିବାର ଅବସର ଏବଂ କ୍ଷମତା ଉଭୟକୁ ଦୃତାର ସହିତ ବିସ୍ତାରିତ କରିଛି। ଘରୋଇ ଚାହିଦା ବୃଦ୍ଧି ଏବଂ ଉତ୍ପାଦନକୁ ଦ୍ରୁତତର କରିବା ଲକ୍ଷ୍ୟରେ ପ୍ରେରିତ ହୋଇ ବଜାରର ଆକାର ୧୧୨ ବିଲିୟନ ଡଲାରରୁ ବୃଦ୍ଧି ପାଇ ୧୭୬ ବିଲିୟନ ଡଲାର ହୋଇଛି । ପୋଷାକ ରପ୍ତାନୀ ଦୀର୍ଘ ସମୟ ଧରି ଏହି କ୍ଷେତ୍ରର ଆଧାରଶିଳ ହୋଇ ରହିଆସିଛି । ଏହା ଇତି ମଧ୍ୟରେ ୧୪ ବିଲିୟନ ଡଲାରରୁ ବି ୧୮ ବିଲିୟନ ଡଲାର ଛୁଇଁଛି ଯାହା ମୂଲ୍ୟବର୍ଦ୍ଧିତ ଉତ୍ପାଦନରେ କ୍ରମାଗତ ଭାବରେ ଲାଭକୁ ଦର୍ଶାଇ ଆସୁଛି । ଦୀଘ ସମୟ ଧରି ଭାରତ– ବ୍ରିଟେନ୍ ମୁକ୍ତ ବାଣିଜ୍ୟ କାରବାର କଥାବାର୍ତ୍ତାକୁ ପରିଶେଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଚୂଡ଼ାନ୍ତ ରୂପ ପ୍ରଦାନ କରାଯାଇଛି । ଏହା ଭାରତର ଶ୍ରମପ୍ରଧାନ ବସ୍ତ୍ର କ୍ଷେତ୍ର ଲାଗି ବି ନିର୍ମାଣ ଏବଂ ରପ୍ତାନୀର ଏକ ବୈଶ୍ୱିକ କେନ୍ଦ୍ର ଭାବରେ ଦେଶର ଉତ୍ଥାନ ନିମନ୍ତେ ଦ୍ୱାର ଉନ୍ମୋଚନ କରିବାରେ ନିର୍ଣ୍ଣାୟକ ଅଭିବୃଦ୍ଧି ଘଟିବାର ଦୃଢ ଆଶା ପୋଷଣ କରୁଛି । କିନ୍ତୁ ଏହା କେବଳ ପରିସଂଖ୍ୟାନ ନୁହେଁ, ବରଂ ଏହାଠାରୁ ବଳି ଅଧିକ କିଛି । ଏହା ଏକ ରଣନୀତିକ ରିସେଟର ମଧ୍ୟ ସଂକେତ ପ୍ରଦାନ କରେ । ଅସ୍ଥାୟୀ ଉପାୟଠାରୁ ଦୀର୍ଘକାଳୀନ ଦୃଷ୍ଟିକୋଣ ଦିଗରେ ଅଗ୍ରସର ହୋଇ ଆମ ସରକାର ମାନବ ପ୍ରସ୍ତୁତ ରେଶମ, ନୂତନ ଯୁଗର ରେଶମ ଏବଂ ପ୍ରଯୁକ୍ତିଯୁକ୍ତ ବସ୍ତ୍ରକୁ ଆପଣାଇବା ନିମନ୍ତେ ଉଦ୍ୟୋଗର ଆଭିମୁଖ୍ୟକୁ ଏହାର କାର୍ପାସ କୋରଠାରୁ ଆଗକୁ ବାଇ ନେଇଛି। ଏହି ପରିକଳ୍ପନା ବର୍ତ୍ତମାନ କେବଳ ଘରୋଇ ପ୍ରସ୍ତୁତ ସୂତା ମଧ୍ୟରେ ସୀମିତ ହୋଇ ରହିନାହିଁ । ଏହା ଭାରତର ବସ୍ତ୍ରମାନଙ୍କୁ ଏହାର ନମନୀୟତା, କୌଶଳ ଏବଂ ସ୍ଥିରତା ସହିତ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳାରେ ଏକୀକୃତ କରିବା ଉପରେ ଆଧାରିତ। ଏଭଳି ପରିବର୍ତ୍ତନ କେବଳ ସଂଯୋଗବଶତଃ ସମ୍ଭବପର ହୋଇନାହିଁ । ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଶାସନ, ସାହସିକ ପରିବର୍ତ୍ତନ ଏବଂ ଅତୁଟ ପ୍ରତିବଦ୍ଧତାର ପରିଣାମ ବୋଲି ସହଜରେ ଅନୁମାନ କରାଯାଇପାରେ।



ଶ୍ରୀ ଗିରିରାଜ ସିଂହ
କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ, ଭାରତ ସରକାର

**ଭାରତର କାୟାକଳ୍ପ: ମୋଦୀଙ୍କ ନେତୃତ୍ୱର ପ୍ରଭାବ**

| ମାନଦଣ୍ଡ | ୨୦୧୪ | ୨୦୨୫ |
|---|---|---|
| କପା ଉପରେ ଏମଏସପି ମଧ୍ୟମ ଷ୍ଟାପଲ | ୩୭୦୦ ଟଙ୍କା | ୭୭୧୦ ଟଙ୍କା |
| ଭାରତୀୟ କପା ନିଗମ ଦ୍ୱାରା କ୍ରୟ | ୨୨.୮୬ ଲକ୍ଷ ଗାଣ୍ଡିଲ | ୧୦୦ ଲକ୍ଷ ଗାଣ୍ଡିଲି |

| ରେଶମ କ୍ଷେତ୍ରରେ ରୋଜଗାର | ୭୮ ଲକ୍ଷ | ୯୮ ଲକ୍ଷ |
|---|---|---|
| ରେଶମ ଉତ୍ପାଦନ | ୨୬,୦୦୦ ମେଟ୍ରିକ ଟନ | ୪୧,୧୧୫ ମେଟ୍ରିକ ଟନ |
| ଝୋଟ ବିବିଧିକୃତ ଉତ୍ପାଦର ମୋଟ ରପ୍ତାନୀ | ୧,୪୭୦ କୋଟି ଟଙ୍କା | ୩,୦୦୦ କୋଟି ଟଙ୍କାରୁ ଅଧିକ |
| ହସ୍ତଶିଳ୍ପ ରପ୍ତାନୀ | ୨୯,୦୦୦ କୋଟି ଟଙ୍କା | ୪୯,୦୦୦ କୋଟି ଟଙ୍କା |
| ପ୍ରଯୁକ୍ତିଯୁକ୍ତ ବସ୍ତ୍ର ରପ୍ତାନୀ | ନଗଣ୍ୟ | ୩ ବିଲିଅନ ଡଲାର |

ଭାରତର ବସ୍ତ୍ର କାହାଣୀ ଆଜି ପାରମ୍ପରିକ ସୂତାଠାରୁ କାହିଁ କେତେ ଆଗକୁ ବି ଯାଇସାରିଛି ଯାହା କପା କ୍ଷେତଠାରୁ ନେଇ କାର୍ବନ ଫାଇବର ପର୍ଯ୍ୟନ୍ତ ହସ୍ତତନ୍ତ ଠାରୁ ନେଇ ଉଚ୍ଚ ମୂଲ୍ୟଯୁକ୍ତ ପ୍ରଯୁକ୍ତି ପ୍ରସ୍ତୁତ ବସ୍ତ୍ର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ପ୍ରାଥମିକ ସ୍ତରରେ ସରକାର ପ୍ରାକୃତିକ ରେଶମ ଚାଷକୁ ଅଭୂତପୂର୍ବ ସହାୟତା ଯୋଗାଇ ଆସୁଛନ୍ତି । କପା ଉତ୍ପାଦନ ବୃଦ୍ଧି ନିମନ୍ତେ ନୂତନ ମିଶନ ସହିତ, ୨୦୩୦ ମସିହା ପର୍ଯ୍ୟନ୍ତ ଭାରତର କପା ଉତ୍ପାଦନ ଲକ୍ଷ ୫.୭୦ ଠାରୁ ୭.୭୦ ନିୟୁତ ମେଟ୍ରିକ ଟନ ଏବଂ ଉତ୍ପାଦକତାକୁ ୪୩୯ ଠାରୁ ୬୧୨ କିଲୋଗ୍ରାମ/ହେକ୍ଟର ପିଛା ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ କାର୍ପାସ ବିଶ୍ୱ କାର୍ପାସ ରପ୍ତାନୀ ମଜାରର ୩.୧୬ ପ୍ରତିଶତ ଏବଂ କସ୍ତୁରୀ କପାର ମୋଟ ୧ ପ୍ରତିଶତ ଅଂଶ ରହିଛି । କାର୍ପାସ ଉତ୍ପାଦକତା ମିଶନ ଅଧୀନରେ ଆମର ଲକ୍ଷ୍ୟ ୨୦୩୦ ମସିହା ସୁଦ୍ଧା ଏଭଳି ପ୍ରିମିୟମ ବୈଶ୍ୱିକ କାର୍ପାସ ରପ୍ତାନୀକୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଅଟେ । ବିଗତ ୧୧ ବର୍ଷ ମଧ୍ୟରେ ଭାରତୀୟ କପା ନିଗମ ଦ୍ୱାର ପ୍ରକାର କ୍ରୟରେ ୩୩୮ ପ୍ରତିଶତ ବୃଦ୍ଧି ଘଟିଛି ଯଦ୍ୟପି ମଧ୍ୟମ ଏବଂ ଦୀର୍ଘ ରେସଲା କପା ନିମନ୍ତେ ନ୍ୟୁନତମ ସହାୟକ ମୂଲ୍ୟ ଦୁଇଗୁଣରୁ ଅଧିକ ହୋଇପାରିଛି । ଏହା ଫଳରେ ରେଶମ ଉତ୍ପାଦନରେ ୫୮ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ଏପରିକି ଝୋଟ, ଯାହା ଏକଦା ଅଦରକାରୀ ବୋଲି ବିବେଚନା କରାଯାଉଥିଲା, ତାହାକୁ ମଧ୍ୟ ନୂତନ ଗତି ପ୍ରଦାନ କରାଯାଇଛି । ୨୦୧୪ ମସିହାରେ ଝୋଟ ରପ୍ତାନୀ ପରିମାଣ ୧,୪୭୦ କୋଟି ଟଙ୍କା ଥିବାବେଳେ ତାହା ଦୁଇ ଗୁଣ ବୃଦ୍ଧିପାଇ ୨୦୨୪ ମସିହାରେ ୩,୦୦୦ କୋଟିରୁ ଅଧିକ ଟଙ୍କା ହୋଇପାରିଛି । ଏହା ବିବିଧିକୃତ ଝୋଟ ଉତ୍ପାଦ ଚାହିଦା ବୃଦ୍ଧି କାରଣରୁ ହୋଇପାରିଛି ଏବଂ ଏହାର ରପ୍ତାନୀ ଏକ ଦଶନ୍ଧି ମଧ୍ୟରେ ତିନିଗୁଣରୁ ଅଧିକ ହୋଇଛି ।

ଭାରତ ପ୍ରାକୃତିକ ରେଶମ ଉତ୍ପାଦନ କ୍ଷେତ୍ରରେ ନିଜର ସ୍ଥିତିକୁ ଯେତେ ବୃଦ୍ଧି କରିଚାଲିଛି, ଭବିଷ୍ୟତ ନିମନ୍ତେ ଏହା ନିର୍ଣ୍ଣାୟକ ସ୍ଥିତି ନିର୍ଦ୍ଧାରଣ କରିପାରୁଛି । ୧୦,୬୮୩ କୋଟି ଟଙ୍କାର ପରିବ୍ୟୟ ଏବଂ ୩ ଲକ୍ଷରୁ ଅଧିକ କର୍ମନିଯୁକ୍ତିର ସୃଜକ ହେବା ସହିତ ଉତ୍ପାଦନ ସହ ସଂଶ୍ଳିଷ୍ଟ ପ୍ରୋତ୍ସାହନ ଯୋଜନା ଫଳରେ ଭାରତ ପ୍ୟୁପାକୀଟମାନଙ୍କ ବୈଶ୍ୱିକ ଉତ୍ପାଦକ ରୂପେ ନିଜକୁ ଉପସ୍ଥାପନ କରିପାରିଛି । ପ୍ରଯୁକ୍ତିଯୁକ୍ତ ବସ୍ତ୍ର ବଜାର ଯାହାକି ଏକଦା ରପ୍ତାନୀ କ୍ଷେତ୍ରରେ ପ୍ରାୟତଃ ଅସ୍ତିତ୍ୱହୀନ ଏବଂ ନଗଣ୍ୟ ସ୍ତରରେ ଥିଲା, ବର୍ତ୍ତମାନ ଭାରତର ଆଉଟ୍ ବାଉଣ୍ଡ୍ ବ୍ୟାପାରରେ ୩ ବିଲିୟନ ଡଲାର ଉପାର୍ଜନ କରିପାରିଛି । ଏଗ୍ରୋଟେକ୍ ଏବଂ ମେଡିଟେକରୁ ଭାରତ ଏହି ଉଚ୍ଚ ମୂଲ୍ୟଯୁକ୍ତ ନବାଚାର ସଂଚାଳିତ କ୍ଷେତ୍ରରେ ସ୍ୱୟଂକୁ ଏକ ମୁଣ୍ଡ ଟେକୁଥିବା ବୈଶ୍ୱିକ ନେତୃକର୍ତ୍ତା ରୂପରେ ସ୍ଥାପିତ କରିପାରିଛି ଏବଂ ପ୍ରଯୁକ୍ତିଯୁକ୍ତ ବସ୍ତ୍ରର ସକଳ ବାହ୍ୟ କ୍ଷେତ୍ରମାନଙ୍କ ମଧ୍ୟରେ ନିର୍ଣ୍ଣାୟକ ପ୍ରଗତି ହାସଲ କରିଛି ।

ସାତଗୋଟି ପି.ଏମ. ମିତ୍ର ପାର୍କକୁ ଏକୀକୃତ ପ୍ଲଗ୍ ଏଣ୍ଡ ପ୍ଲେ, ୱାନ ଷ୍ଟପ୍ ସଲ୍ୟୁସନ ଟେକ୍ସଟାଇଲ୍ ହବ୍ ରୂପରେ ବିକଶିତ କରାଯାଇଛି ଯାହା ତନ୍ତୁ (ଫାଇବର)ଠାରୁ ନେଇ ଫେସନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳାକୁ ଏକା ସଙ୍ଗେ ଆଣିପାରିଛି । ଏଥିରେ ମୋଟ ୭୦,୦୦୦ କୋଟି ଟଙ୍କାର ନିବେଶ ଘଟାଯିବ ଏବଂ ୨୨ ଲକ୍ଷରୁ ଅଧିକ କର୍ମନିଯୁକ୍ତିର ସୃଜନ ହୋଇପାରିବ ବୋଲି ଆଶା କରାଯାଉଛି । ଏଥିପାଇଁ ୨୨,୦୦୦ କୋଟି ଟଙ୍କାର ପ୍ରାବଧାନ ପୂବରୁ କରାଯାଇ ସାରିଛି । ପି.ଏମ. ମିତ୍ର ପାର୍କ ବ୍ୟତୀତ, ଏକୀକୃତ ଟେକ୍ସଟାଇଲ୍ ପାର୍କ ଯୋଜନା ଅଧୀନରେ ୫୦ ଗୋଟି ଟେକ୍ସଟାଇଲ୍ ପାର୍କ ବିକଶିତ କରାଯାଇଛି ଯେଉଁଥିରେ ୧୫,୦୦୦ କୋଟି ଟଙ୍କାର ପୁଂଜି ନିବେଶ କରାଯାଇଛି ଏବଂ ସେଥିରେ ୧.୩ ଲକ୍ଷ କର୍ମନିଯୁକ୍ତି ସୃଜିତ ହୋଇପାରିଛି । କପାଚାଷୀଙ୍କ ଠାରୁ ନେଇ କାର୍ବନ ଫାଇବର ଇନୋଭେଟର ପର୍ଯ୍ୟନ୍ତ ମୋଦୀ ସରକାର ଆତ୍ମବିଶ୍ୱାସର ସହିତ ଏହି ପଟ୍ଟକଥାକୁ ପୁନର୍ବାର ରଚନା କରୁଛନ୍ତି । କୃଷିଠାରୁ ନେଇ ଏରୋସ୍ପେସ୍ ପର୍ଯ୍ୟନ୍ତ ଭାରତର ବୟନ ପରିବର୍ତ୍ତନ ଉଚିତ ମାର୍ଗରେ ବିକଶିତ ଭାରତର ପ୍ରଗତିକୁ ପରସ୍ପର ସହିତ ସଂଯୁକ୍ତ କରୁଛନ୍ତି ।

### କୃଷିଠାରୁ ନେଇ ଭବିଷ୍ୟତ ପର୍ଯ୍ୟନ୍ତ, ଅନୁସନ୍ଧାନ ଓ ବିକାଶ ଭାରତ ସବୁଜ ବସ୍ତ୍ର ଅର୍ଥବ୍ୟବସ୍ଥାକୁ ଦେଉଛି ପ୍ରୋତ୍ସାହନ

ଅନୁସନ୍ଧାନ ଓ ନବାଚାର ଦୀର୍ଘ ସମୟ ଧରି ଭାରତର ବୟନ ଶିଳ୍ପ କ୍ଷେତ୍ରରେ ଏକ ଅଜ୍ଞାତ ବିଷୟ ହୋଇ ରହି ଆସିଥିଲା । ପୂର୍ବବର୍ତ୍ତୀ ସରକାରଙ୍କ ଅମଳରେ ଏହି ଉଦ୍ୟୋଗ ପାରମ୍ପରିକ ରେଶମ ପର୍ଯ୍ୟନ୍ତ ସୀମିତ ରହିଥିଲା ଯେଉଁଥିରେ ଆଧୁନିକୀକରଣ କିମ୍ବା ସ୍ଥିରତା ଆଣିବା ସକାଶେ କ୍ୱଚିତ ପ୍ରୟାସ କରାଯାଇଥିଲା। ମୋଦୀ ସରକାର ନିଜର ବସ୍ତ୍ର ରଣନୀତିର ମୂଳରେ ଅନୁସନ୍ଧାନ ଏବଂ ବିକାଶକୁ ରଖି କାର୍ଯ୍ୟ କରୁଛନ୍ତି ଏବଂ ବୈଶ୍ୱିକ ପ୍ରତିସ୍ୱର୍ଦ୍ଧାତ୍ମକତା ସହିତ ପର୍ଯ୍ୟାବରଣ ଅନୁକୂଳ ଦାୟିତ୍ୱବୋଧକୁ ମିଳାଇବାର ଆଗାମୀ ପିଢ଼ି ରେଶମ ସନ୍ଧାନକୁ ସମର୍ଥନ ପୂର୍ବକ ଏହାର ସ୍ଥାଣୁତାରେ ପରିବର୍ତ୍ତନ ଘଟାଇଛନ୍ତି । ୨୦୨୦ ମସିହାଠାରୁ ରାଷ୍ଟ୍ରୀୟ ପ୍ରଯୁକ୍ତି ବସ୍ତ୍ର ମିଶନ ଅଧୀନରେ ୫୦୯ କୋଟି ଟଙ୍କାର ୧୬୮ ଗୋଟି ଗବେଷଣା ପରିଯୋଜନାକୁ ସରକାର ମଂଜୁରୀ ପ୍ରଦାନ କରିଛନ୍ତି, ଯାହା ଉପେକ୍ଷାରୁ ରଣନୀତିକ ନିବେଶ ଏବଂ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ ପ୍ରଦାନ କରେ । ୨୦୩୦ ମସିହା ସୁଦ୍ଧା ଏହି କ୍ଷେତ୍ରର ମୂଲ୍ୟକୁ ଦ୍ୱିଗୁଣିତ କରି ଏହାକୁ ୩୫୦ ବିଲିୟନ ଡଲାର କରିବା ଲକ୍ଷ୍ୟ ସହିତ, ସ୍ଥିରତା ଆଣିବା କେବଳ ଏକ ଚିନ୍ତାଧାର ହୋଇ ରହିନାହିଁ ଛ ଏହି ଲକ୍ଷ୍ୟ ବେଶ୍ ମହତ୍ତ୍ୱ ପୂର୍ଣ୍ଣ ସମୟରେ ଗ୍ରହଣ କରାଯାଇଛି । ଫାଷ୍ଟ ଫେସନ ଯେତିକି ମାତ୍ରାରେ ଆଗକୁ ଗତିଶୀଳ ହେବାରେ ଲାଗିଛି, ୨୦୩୦ ମସିହା ସୁଦ୍ଧା ଏହାକୁ ୫୦ରୁ ୬୦ ବିଲିୟନ ଡଲାର ମୂଲ୍ୟର ବଜାରରେ ପରିଣତ କରିବାର ବିଶ୍ୱାସ ବାସ୍ତବତାର ସ୍ୱରୂପ ଧାରଣ କରିଚାଲିଛି। ଏହି ଦିଗରେ ଭାରତ ଏକ ସର୍କୁଲାର ଏବଂ ଦୀର୍ଘସ୍ଥାୟୀ ଅର୍ଥବ୍ୟବସ୍ଥାର ନିର୍ମାଣ ନିମନ୍ତେ କ୍ଷିପ୍ରତାର ସହିତ ପଦକ୍ଷେପ ଗ୍ରହଣ କରିଚାଲିଛି । ପାନିପତ ବର୍ତ୍ତମାନ ପ୍ରାକ୍ ଏବଂ ପରବର୍ତ୍ତୀ ଉପଭୋକ୍ତ ଟେକ୍ସଟାଇଲ ରିସାଇକ୍ଲିଂ ନିମନ୍ତେ ବିଶ୍ୱର ସବୁଠାରୁ ବଡ଼ କେନ୍ଦ୍ର ରୂପେ ମୁଣ୍ଡ ଟେକିଛି ଯାହା ଦୀର୍ଘସ୍ଥାୟୀ ବି ନିର୍ମାଣ ଦିଗରେ ଭାରତର ନେତୃତ୍ୱକୁ ପ୍ରଦର୍ଶିତ କରୁଛି । ଆଜି ଏହା ବିଶ୍ୱର ଦ୍ୱିତୀୟ ସର୍ବବୃହତ ପୁନଃ ନବୀକରଣ ଫାଇବର ଉତ୍ପାଦକ ହୋଇପାରିଛି । ଏହା ପ୍ରତି ବର୍ଷ ୪୦ ବିଲିୟନରୁ ଅଧିକ ପ୍ଲାଷ୍ଟିକ୍ ବୋତଲକୁ ପୁନଃଚକ୍ରଣ କରୁଛି । ଏଠାରେ ୯୦ ପ୍ରତିଶତରୁ ଅଧିକ ପି.ଇ.ଟି. ବୋତଲକୁ ପୁନଃଚକ୍ରଣ କରାଯାଉଛି ଯାହା ବୈଶ୍ୱିକ ସ୍ତରରେ ସର୍ବାଧିକ କାରଖାନା ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଉଛି । ଦୀର୍ଘସ୍ଥାୟୀ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ନିମନ୍ତେ ଜିରୋ ଲିକ୍ୱିଡ୍ ଡିସଚାର୍ଜ (ଜେଡ.ଏଲ.ଡି.) ସିଷ୍ଟବ ଏବଂ କମନ ଏଫ୍ଲୁଏଣ୍ଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ୍ ( ସି.ଇ.ପି.ଟି.)କୁ ପ୍ରୋତ୍ସାହନ ଦେବା ନିମନ୍ତେ ଏକୀକୃତ ପ୍ରସଂସ୍କରଣ ବିକାଶ ଯୋଜନା ଅଧୀନରେ ଛଅ ଗୋଟି ପରିଯୋଜନାକୁ ମଂଜୁରୀ ପ୍ରଦାନ କରାଯାଇଛି । ଏହି ଗତି ବ୍ୟାପକ ଜୈବ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ଯୋଗାଉଛି । ଏହା ରାଷ୍ଟ୍ରୀୟ ସାମଗ୍ରିକ ଘରୋଇ ଉତ୍ପାଦରେ ୪.୨୫ ପ୍ରତିଶତର ଯୋଗଦାନ ଦେଉଛି । ଏହାର ମୂଲ୍ୟ ୧୬୫.୭ ବିଲିୟନ ଡଲାର ଅଟେ ଏବଂ ଆଗାମୀ ବର୍ଷମାନଙ୍କରେ ଏହା ହାରାହାରି ଦୁଇ ଗୁଣ ହେବାର ଅନୁମାନ କରାଯାଉଛି । ଏହି କାୟାକଳ୍ପର ପ୍ରମୁଖ ସ୍ତମ୍ଭ ବୈକଳ୍ପିକ ରେଶମ ଭାବରେ ମୁଣ୍ଡ ଟେକିଛି । ରେମୀ, ମିଲ୍କୱିଡ୍, ଫ୍ଲେକ୍ସ ସିସଲ ପ୍ରାକୃତିକ ସାମଗ୍ର ଅଟେ ଯାହା ଉନ୍ନତ ପ୍ରଦର୍ଶନ ଏବଂ ଜଳବାୟୁ ଅନୁକୂଳ ଉଭୟ ଗୁଣରେ ଭରପୂର ଅଟେ । ମିଲ୍କୱିଡକୁ କେତେବେଳେ କୃଷି ଖତ ବୋଲି ବିବେଚନା କରାଯାଉଥିଲା । ବର୍ତ୍ତମାନ ଏଥିରୁ ହାଇ ଏଣ୍ଡ୍ (ଉଚ୍ଚ ଗୁଣାତ୍ମକ ମାନଯୁକ୍ତ) ଉପଯୋଗୀ ଇନସୁଲେସନ ଗ୍ରେଡ୍ ବସ୍ତ୍ର ପ୍ରସ୍ତୁତ କରାଯାଉଛି।

ଜୈବ ପ୍ରାଦ୍ୟୋଗିକୀକୁ ପାରମ୍ପରିକ ଜ୍ଞାନ ସହିତ ଯୋଡ଼ି ଏବଂ ଅନୁସନ୍ଧାନ କର୍ମରେ ନିବେଶର ମାତ୍ରା ବୃଦ୍ଧି କରି ସରକାର ଭାରତର ବସ୍ତ୍ର ଉଦ୍ୟୋଗର ଭବିଷ୍ୟତକୁ ନୂତନ ରୂପ ପ୍ରଦାନ କରୁଛନ୍ତି । ଏହା ଗ୍ରାମୀଣ ଜୀବନଜୀବିକାକୁ ମଜଭୁତ କରିବା ସହିତ ସ୍ଥିରତା ରକ୍ଷାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ଏବଂ ଆତ୍ମନିର୍ଭର ଭାରତ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇପାରିବ ।

### ସ୍ଥାନୀୟ ଠାରୁ ବୈଶ୍ୱିକ ପର୍ଯ୍ୟନ୍ତ, ଭାରତର ହସ୍ତଶିଳ୍ପର ଉତ୍ଥାନ

ଭାରତରେ ପରମ୍ପରା ବର୍ତ୍ତମାନ ଏକ ସଂରକ୍ଷିତ ସ୍ମୃତି ହୋଇ ରହିନାହିଁ ବରଂ ଏହା ଏକ ଗତିଶୀଳ ଆନ୍ଦୋଳନ ରୂପ ଧାରଣ କରିଛି । ଏହି ପରିଚୟ, ସଶକ୍ତୀକରଣ ଏବଂ ଆର୍ଥିକ ନବୀକରଣର ସ୍ରୋତ ପାଲଟିଛି । ଏହି ପରିବର୍ତ୍ତନ ହାତଚଲା ଅରଟ କ୍ଷେତ୍ରଠାରୁ କାହିଁ କେତେ ଅଧିକ ସ୍ପଷ୍ଟ ରୂପେ ଦୃଶ୍ୟମାନ ହେଉଛି। ଗଣତନ୍ତ୍ର ଦିବସ ଅବସରରେ, ଇ–ପରିଚୟ ପତ୍ରର ଶୁଭାରମ୍ଭ କରାଯାଇ ଏକ ନୂତନ ଅଭିଯାନ ଆରମ୍ଭ ହୋଇଛି ଏବଂ ଏହା କେବଳ ଅଭିଯାନ ସ୍ତରରେ ରହିନାହିଁ । ବରଂ ଏହା ଗତିଶୀଳ ଆନ୍ଦୋଳନର ସ୍ୱରୂପ ଧାରଣ କରିଛି ଯେଉଁଥିରେ ୩୫,୦୦୦ ନୂତନ ବୁଣାକାରଙ୍କୁ ଏହା ସହିତ ଯୋଡ଼ାଯାଇ ପାରିଛି । ଏହା ଏକ ସମାବେଶ ଠାରୁ ଢେର୍ ବେଶୀ ଏବଂ ଏହାର ପୁନରୁଦ୍ଧାର କରାଯାଇଛି । ଅରଟ ଘରର ପ୍ରତ୍ୟାବର୍ତ୍ତନ ହୋଇଛି ଏବଂ ନୂତନ ପି ଏହାକୁ ଗର୍ବର ସହିତ ଆପଣାଉଛନ୍ତି । ହସ୍ତଶିଳ୍ପ କ୍ଷେତ୍ରରେ ୩୦ ଲକ୍ଷରୁ ଅଧିକ କାରିଗରଙ୍କୁ ପରିଚୟ ପତ୍ର ଅଧୀନରେ ପଂଜୀକୃତ କରାଯାଇଛି ଯାହା ଫଳରେ ଔପଚାରିକ ପରିଚୟ ଏବଂ ସରକାରୀ ସହାୟତା ପର୍ଯ୍ୟନ୍ତ ସେମାନଙ୍କ ପହଞ୍ଚ ସୁନିଶ୍ଚିତ ହୋଇପାରିଛି ।

୨୦୧୪ ମସିହା ପୂର୍ବରୁ ମୁଦ୍ରା ଯୋଜନା ମାଧ୍ୟମରେ ସହାୟତା କେବଳ ୧.୨୫ ଲକ୍ଷ ବୁଣାକାରଙ୍କ ପର୍ଯ୍ୟନ୍ତ ପହଁଚି ପାରିଥିଲା ଯେଉଁଥିରୁ ଆଜି ୩ ଲକ୍ଷରୁ ଅଧିକ ଲୋକ ଲାଭାନ୍ୱିତ ହୋଇପାରିଛନ୍ତି । ଏହା ପ୍ରତୀକାତ୍ମକତା ଠାରୁ ସାର୍ଥକ ସଶକ୍ତୀକରଣକୁ ଅଧିକ ସ୍ପଷ୍ଟ ରୂପରେ ବଦଳାଇ ପାଇଛି । ଚରଖା ଏବେ କେବଳ ପରମ୍ପରାର ପ୍ରତିକ ହୋଇ ରହିନାହିଁ । ଏହା ଆକାଂକ୍ଷାର ସାଧନ ପାଲଟିଛି ଯାହା ଛୋଟ ଛୋଟ ବ୍ୟବସାୟୀଙ୍କୁ ସକ୍ଷମ ପରିଛି ଏବଂ ବୈଶ୍ୱିକ ବଜାର ପର୍ଯ୍ୟନ୍ତ ମାର୍ଗ ଉନ୍ମୋଚନ କରିଛି ।

ହସ୍ତଶିଳ୍ପ କ୍ଷେତ୍ରରେ ମଧ୍ୟ ସେହିଭଳି ପୁନରୁତ୍ଥାନ ସମ୍ଭବପର ହୋଇପାରିଛି । ୨୦୧୪ ମସିହାରେ ମାତ୍ର ୨୯,୦୦୦ କୋଟି ଟଙ୍କାର ରପ୍ତାନୀ ହୋଇପାରୁଥିବା ବେଳେ ବର୍ତ୍ତମାନ ତାହା ୪୯,୦୦୦ କୋଟିରୁ ଅଧିକ ଟଙ୍କା ହୋଇପାରିଛି । କାରଣ କାରିଗର ବିଶ୍ୱ ମଞ୍ଚରେ ଆତ୍ମବିଶ୍ୱାସର ସହିତ ଆଗକୁ ପଦକ୍ଷେପ ନେଇପାରୁଛନ୍ତି । ୩୧୩ ଜି.ଆଇ. ଟ୍ୟାଗ୍ ସହିତ ଭାରତ ଟେକ୍ସର ଦ୍ୱିତୀୟ ସଂସ୍କରଣ ଏବଂ ବର୍ଦ୍ଧିଷ୍ଣୁ ବୈଶ୍ୱିକ ଉପସ୍ଥିତିର ସହିତ ପାରମ୍ପରିକ ଶିଳ୍ପକୁ ଆର୍ଥିକ ମୂଲ୍ୟ ଏବଂ ସାଂସ୍କୃତିକ ପ୍ରତିଷ୍ଠାର ବାହକ ରୂପେ ପୁଣି ଥରେ ସ୍ଥାପିତ କରିପାରିଛି । ଆଜି ବନାରସର ବୁଣାକାରମାନେ କିମ୍ବା କଚ୍ଛ କ୍ଷେତ୍ରର ଚରଖା ଚଳାଉଥିବା ଲୋକମାନେ କେବଳ ପରମ୍ପରାକୁ ସଂରକ୍ଷଣ କରୁନାହାନ୍ତି ବରଂ ସେମାନେ ସମକାଳୀନ ବିଳାସିତାର ସାଧନାକୁ ପରିଭାଷିତ କରୁଛନ୍ତି ଏବଂ ରପ୍ତାନୀକୁ ବୃଦ୍ଧି କରିବାରେ ସହାୟକ ହୋଇପାରୁଛନ୍ତି ।

ଏଭଳି ପରିବର୍ତ୍ତନର କେନ୍ଦ୍ରରେ ୨୦୧୭ ମସିହାରେ ଆରମ୍ଭ କରାଯାଇଥିବା ସରକାରଙ୍କ ପ୍ରମୁଖ କୌଶଳ କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି ଏବଂ କୌଶଳକୁ ସମର୍ଥନ ଯୋଗାଉଛି । ୪.୩ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କୁ ମୁଖ୍ୟ ରୂପରେ ମହିଳାମାନଙ୍କୁ, ଗ୍ରାମୀଣ ଯୁବଗୋଷ୍ଠୀଙ୍କୁ ଏବଂ ପାରମ୍ପରିକ କାରିଗରମାନଙ୍କୁ ଉଦ୍ୟୋଗ ମାନକଗୁଡ଼ିକ ପୂରଣ କରିବା ନିମନ୍ତେ ପ୍ରଶିକ୍ଷିତ କରାଯାଉଛି । ୨୦୧୪ ମସିହାରେ ଏକୀକୃତ କୌଶଳ ବିକାଶ ଯୋଜନା ଏବଂ ସମର୍ଥନ ଅଧୀନରେ ଅଦ୍ୟାବଧି ୧୨.୫୫ ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରଶିକ୍ଷିତ କରାଯାଇଛି । ନୂତନ କୌଶଳ ଏବଂ କେନ୍ଦ୍ରୀୟ ସମର୍ଥନ ସହିତ ସେମାନେ କେବଳ ଜୀବନଯାପନ କରୁନାହାନ୍ତି ବରଂ ନେତୃତ୍ୱ ନେବାରେ ମଧ୍ୟ ସକ୍ଷମ ହୋଇପାରିଛନ୍ତି। ଓ.ଏନ.ଡି.ଆର. ଏବଂ ଇଣ୍ଡିଆ ହ୍ୟାଣ୍ଡମେଡ୍ ଭଳି ପ୍ଲାଟଫର୍ମ ସେମାନଙ୍କୁ ମଧ୍ୟସ୍ଥ ଦଲାଲମାନଙ୍କ ହଇରାଣ ହରକତରୁ ସୁରକ୍ଷା ପ୍ରଦାନ କରିଛି ଏବଂ ବୈଶ୍ୱିକ ବଜାର ପର୍ଯ୍ୟନ୍ତ ପହଁଚିବାର ତଥା ଦୀର୍ଘସ୍ଥାୟୀ, ସ୍ୱ– ସ୍ୱାମୀତ୍ୱ ଭଳି ଉଦ୍ୟମ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । କୁଶଳୀ ପ୍ରତିଭାମାନଙ୍କର ଏହି ବର୍ଦ୍ଧିତ ସମୂହ ନୂତନ ରଚନାତ୍ମକ ଅର୍ଥବ୍ୟବସ୍ଥାକୁ ମଧ୍ୟ ଆଗକୁ ବିବାରେ ପ୍ରୋତ୍ସାହନ ଯୋଗାଉଛି । ଏହା ଏଭଳି ଏକ ଅର୍ଥବ୍ୟବସ୍ଥା ଯେଉଁଠାରେ ଡିଜାଇନ୍, ନବାଚାର ଏବଂ ପରମ୍ପରା ମିଳିତ ଭାବରେ ଭାରତର ବୈଶ୍ୱିକ ଅଭିବୃଦ୍ଧିକୁ ଆକାର ପ୍ରଦାନ କରୁଛି।

୨୦୧୪ ମସିହାରେ ୪ ଗୋଟି ନୂତନ ପରିସର ସହିତ ରାଷ୍ଟ୍ରୀୟ ପ୍ରାଦ୍ୟୋଗିକ ଫେସନ ସଂସ୍ଥାନ ବ୍ୟାପକ ମାତ୍ରାରେ ପରମ୍ପରା ଏବଂ ନବାଚାରକୁ ଏକତ୍ର ମିଳାଇ ଏହି ଡିଜାଇନ୍ ବିପ୍ଳବର କେନ୍ଦ୍ର ପାଲଟିଥିଲା । ଫେସନ ପୂର୍ବାନୁମାନ ଅଭିଯାନ ନିମନ୍ତେ ଭିଜନ ଏନଏକ୍ସଟି ଏବଂ ସ୍ୱଦେଶୀ ଆକାର ନିମନ୍ତେ ଇଣ୍ଡିଆ ସାଇଜ୍ ଭଳି ସ୍ୱଦେଶୀ ଆପ୍ ମାଧ୍ୟମରେ ଭାରତ ବର୍ତ୍ତମାନ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ଅନୁସରଣ କରୁନାହିଁ । ଦେଶ ବର୍ତ୍ତମାନ ନିଜସ୍ୱ ଏକ ନୂତନ ମାନକ ସ୍ଥାପିତ କରିଛି ।

କାରିଗରମାନଙ୍କୁ ଏବେ ଆଉ କୌଣସି ଆବଶ୍ୟକତାରୁ ବଂଚିତ ହେବାକୁ ପଡୁନାହିଁ । ସେମାନେ ଏବେ ନିର୍ମାତା ହୋଇପାରିଛନ୍ତି, ପରିବର୍ତ୍ତନ ଆଣିବାର ସୂତ୍ରଧର ପାଲଟିଛନ୍ତି, ଏକ ନୂତନ ଭାରତର ଉଦ୍ୟୋଗୀ ହୋଇପାରିଛନ୍ତି । ଏହା ଅତୀତ ଦିଗକୁ ପ୍ରତ୍ୟାବର୍ତ୍ତନ ନୁହେଁ, ସେମାନେ ବର୍ତ୍ତମାନ ଭବିଷ୍ୟତକୁ ଆକାର ପ୍ରଦାନ କରିବା ଦିଗରେ ସେମାନଙ୍କର କୁଶଳୀ ହାତ ବଢାଇଛନ୍ତି

### ଭିଜନକୁ ବିକଶିତ ଭାରତ ୨୦୪୭ ସହିତ ସଂଯୋଗୀକରଣ

ଭାରତର ବସ୍ତ୍ର ଉଦ୍ୟୋଗ ବର୍ତ୍ତମାନ କେବଳ ସୂତା ଏବଂ ପରମ୍ପରା ସମ୍ପର୍କରେ କାର୍ଯ୍ୟ କରୁନାହିଁ । ଏହା ଦେଶର ଭବିଷ୍ୟତକୁ ଆକାର ଦେବା ଦିଗରେ ଗଭୀରତାର ସହିତ କାର୍ଯ୍ୟ କରୁଛି । ସରକାରଙ୍କ ଅଧୀନରେ ଏହି କ୍ଷେତ୍ର ପରମ୍ପରାଜଡ଼ିତ ଉଦ୍ୟୋଗରୁ ଏକ ରଣନୀତିକ ଶକ୍ତି ରୂପରେ ବିକଶିତ ହୋଇପାରିଛି ଯେଉଁଥିରେ ରୋଜଗାର ସୃଜନ, ରପ୍ତାନୀକୁ ପ୍ରୋତ୍ସାହନ ଯୋଗାଣ, ଯୁବଗୋଷ୍ଠୀଙ୍କୁ ଆଗକୁ ବିବାର ସୁଯୋଗ ଏବଂ ସ୍ଥିରତାକୁ ନିଜ ମୂଳରେ ରଖିବା ସାମିଲ । ଏହି ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସହିତ ବୈଶ୍ୱିକ ଚାହିଦାକୁ ପୂରଣ କରିବା ସହିତ ନିଜର ମୂଳଆଧାରକୁ ମଧ୍ୟ ସମ୍ମାନ ମିଳିପାରିଛି । ଆଜି ଭାରତର ବୟନ କ୍ଷେତ୍ର କେବଳ ଆଗକୁ ବିଚାଲି ନାହିଁ ବରଂ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହା ସବୁଜ ହୋଇଛି, ବୈଶ୍ୱିକ ହୋଇଛି ଏବଂ ଭବିଷ୍ୟତ ନିମନ୍ତେ ନିଜକୁ ପ୍ରସ୍ତୁତ କରିଛି । ଯେତେବେଳେ ବିଶ୍ୱ ସମାବେଶୀ, ନମନୀୟ ଏବଂ ଦୀର୍ଘସ୍ଥାୟୀ ମଡେଲର ସନ୍ଧାନ କରୁଛି, ସେତେବେଳେ ଭାରତ ନିଜର ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା ନକରି କାର୍ଯ୍ୟପନ୍ଥା ଜାରି ରଖିଛି । ଏହା ନେତୃତ୍ୱ ଗ୍ରହଣପୂର୍ବକ ଆଗକୁ ଅଗ୍ରସର ହେଉଛି । ବିଶ୍ୱ ଯାହା ଆବଶ୍ୟକ କରୁଛି, ଭାରତ ତାହା ପୂରଣ କରୁଛି ଏବଂ ପ୍ରତି ପଦକ୍ଷେପରେ ମୋଦୀ ସରକାର ନିଜର ବୁଣାକାରମାନଙ୍କୁ, କାରିଗରମାନଙ୍କୁ ଏବଂ ଉଦ୍ୟୋଗୀମାନଙ୍କ ସହିତ ପାଦକୁ ପାଦ ବାଇ ଅଗ୍ରସର ହେଉଛି, ଯାହା ଦୃଷ୍ଟିକୁ କାର୍ଯ୍ୟରେ ପରିବର୍ତ୍ତନ କରୁଛି ଏବଂ ପରମ୍ପରାକୁ ଭିଜନରେ ବଦଳାଇ ଚାଲିଛି ।

*************

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା
## ସମୂହ ଛୁଟିରେ ଗଲେ ଗଞ୍ଜାମ ଜିଲ୍ଲା ଓଏଏସ, ଓଆରଏସ ସଂଘ

ଛତ୍ରପୁର, (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଓଏଏସ ଓ ଓଆରଏସ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି । ସମସ୍ତେ ସମୂହ ଛୁଟି ଯାଇଛନ୍ତି, ଏନେଇ ସଂଘ ସଭାପତି ତଥା ଏଡିଏମ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରତିବାଦ ସଭା କରାଯାଇ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏଥି ଲାଗି ଉସକାଇ ଥିବା ବ୍ୟକ୍ତି ମାନଙ୍କୁ ମଧ୍ୟ ଗିରଫ କରିବାକୁ କୁହାଯାଇଛି । ସମସ୍ତଙ୍କୁ ସୁରକ୍ଷା ଯୋଗାଇବା ନିମନ୍ତେ ଦାବୀ କରିଛି ଓଏଏସ ଓ ଓଆରଏସ ସଂଘ ।

ଏହି ଅବସରରେ ସ୍ଥାନୀୟ ସର୍କିଟ ହାଉସରେ ସମସ୍ତେ କଳାବ୍ୟାଜ ପରିଧାନ କରି ଏକ ଶୋଭାଯାତ୍ରା ବାହାରି ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ସମୂହ ଛୁଟି ନିମନ୍ତେ ଏକ ପତ୍ର ପ୍ରଦାନ କରାଯାଇଛି । ଏହା ସହିତ ରାଜ୍ୟ ସଂଘକୁ ମଧ୍ୟ ଦାବୀପତ୍ର କରାଯାଇଛି । ସେହିପରି ଓଆରଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର କରାଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଏମକେସିଜି ରେଜିଷ୍ଟର ସଂଗ୍ରାମ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦ ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ମହାନଗର ନିଗମର ଡେପୁଟିକମିସନର କଲ୍ୟାଣୀ ସଂଘମିତ୍ରା ଦେବୀ, ଭଞ୍ଜନଗରର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଡେପୁଟିକଲେକ୍ଟର (ଜରୁରୀ କାଳୀନ ) ଅଭିଷେକ ସାହୁ, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଗଞ୍ଜାମ ବ୍ଲକ ବିଡ଼ିଓ ଅଭିମନ୍ୟୁ ଯାନୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦାନ କରିଥିଲେ ।

## ଡିଭାଇନ୍‌ରେ ଧାମରା ବନ୍ଦରର ଉଚ୍ଚପଦସ୍ଥ ଅଧିକାରୀ
# ବନ୍ଦର ପାଇଁ ଚୟନ ହେଲେ ୬ ଛାତ୍ର

ବାରିପଦା, (ସବ୍ୟୁ) : ବାରିପଦା ସହରର ଅନତି ଦୂରରେ ଅବସ୍ଥିତ ଉତ୍ତର ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଦୀର୍ଘ ୧୭ବର୍ଷର ଅବସ୍ଥିତି ମଧ୍ୟରେ ସୋପାନ ପରେ ସୋପାନ ଚଢିଚାଲିଛି ଏବଂ ସିଭିଲ୍, ମେକାନିକାଲ୍, ଏଲେକ୍ଟ୍ରିକାଲ୍ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରି ନିଜର ଶୈକ୍ଷିକ ଅନୁଶୀଳନକୁ ବହୁ ଗୁଣିତ କରିଚାଲିଛି ଯାହାକି ପ୍ରତିପାଦିତ ହୁଏ ଯେତେବେଳେ ଓଡିଶା ସରକାରଙ୍କ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଯେଉଁଥିରେ ଡିଭାଇନ ସମଗ୍ର ଓଡିଶାରେ ପ୍ରତିଭାତ ହୋଇଥିଲା ସପ୍ତମ ଓ ପଞ୍ଚମ ସ୍ଥାନରେ । ଉତ୍କର୍ଷତାର ମାନଦଣ୍ଡକୁ ବଜାୟ ରଖିବାରେ ସାଲିସ ନକରି ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କର ଉତ୍କୃଷ୍ଟ ତଥା ନିରାପଦ ଭବିଷ୍ୟତ ପାଇଁ ସର୍ବଦା ଚେଷ୍ଟିତ । ଯେଉଁଥିପାଇଁକି ରାଷ୍ଟ୍ରୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ, ଦେଶବିଦେଶ ତଥା ସୁଦୂର ଦୁବାଇ ଏବଂ ସରକାରୀ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ଆଣିଦେବା ଡିଭାଇନ୍ ପାଇଁ ଗୌରବର ବିଷୟ । ଉଲ୍ଲେଖଯୋଗ୍ୟ ଯେ,



ଡିଭାଇନ ସ୍ନାଇଡାର ଇଣ୍ଡିଆ ଭଳି କମ୍ପାନୀ ସହିତ ଅନୁବନ୍ଧିତ ହେବା ସହ ସେହି କମ୍ପାନୀ ଦ୍ୱାରା ଚାକିରିର ସୁଯୋଗ ଏକ ବିରଳ କୃତିତ୍ୱ ବହନ କରେ ।

ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ବିଭିନ୍ନ କମ୍ପାନୀ ମାନଙ୍କରେ ଛାତ୍ରଛାତ୍ରୀ ମାନେ ନିଯୁକ୍ତିର ସୁଯୋଗ ପାଇଛନ୍ତି ଯେମିତିକି ଚେନ୍ନେଇ ସ୍ଥିତ ସ୍ୱିଙ୍ଗଷ୍ଟେଟର, ମାଣ୍ଡୋ ଇଣ୍ଡିଆ, ଜୟଶୋନଏବଂ ପୁନେ ସ୍ଥିତ ଲୁମାକ୍ସ ଭଳି କମ୍ପାନୀ ମାନଙ୍କରେ ଏବର୍ଷ ୯୭ଜଣ ଛତ୍ରଛାତ୍ରୀ ନିଯକ୍ତିର ସୁଯୋଗ ପାଇଛନ୍ତି । ଏଥିସହିତ ଜୁଲାଇ ୧ତାରିଖ ଦିନ ଧାମରା ବନ୍ଦରର ଉଚ୍ଚ ପଦାଧିକାରୀ ସମୂହ ଡିଭାଇନ୍‌କୁ ପରିଦର୍ଶନରେ ଆସିଥିବାବେଳେ ଏହାର ପରିବେଶ ଏବଂ ଶିକ୍ଷାଆୟତନକୁ ଭୁରି ଭୁରି ପ୍ରସଂଶା କରିବା ସହ ଇଲେକଟ୍ରିକାଲ୍ ବିଭଗର ୪ଜଣ ଏବଂ ମେକାନିକାଲ୍ ବିଭାଗର ୨ଜଣ ଛାତ୍ରଙ୍କୁ ଧାମରା ବନ୍ଦରରେ ନିଯୁକ୍ତିର ସୁଯୋଗ ପ୍ରଦାନ କରିଛନ୍ତି ଯାହାକି ଏ ଅଞ୍ଚଳ ପାଇଁ ଗୌରବର କଥା । ଧାମରାରୁ ଆସିଥିବା ଅଧିକାରୀ ମାନଙ୍କ ମଧ୍ୟରୁ ଧାମରାପୋର୍ଟ କମ୍ପାନି ଲିମିଟେଡ୍‌ର ମାନବ ସମ୍ବଳ ଅଧିକାରୀ ଦୂର୍ଗା ପଟ୍ଟନାୟକ ଓ ବରେଣ୍ୟ ସାହୁ, ଆରନି ଇଂ ପ୍ରା.ଲିଃ.ର ରେସିଡେଣ୍ଟ ମ୍ୟାନେଜର ବେଲାଲ ଆହମ୍ମଦ ଓ ମାନବ ସମ୍ବଳ ଅଧିକାରୀ ହରିହର ମିଶ୍ର ଡିଭାଇନ୍‌ର ଉଦ୍ୟମକୁ ପ୍ରସଂଶା କରିବା ସହି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଧାମରା ବନ୍ଦରର ମୁଖ୍ୟ ପରିଚାଳନା ପ୍ରବନ୍ଧକ ଦେବେନ୍ଦ୍ର ଠାକୁର ଓ ଅନ୍ୟ ସମସ୍ତ ଅଧିକାରୀଙ୍କୁ ନିଜର କୃତ୍ୟଜ୍ଞତା ଜଣାଇବା ସହ ଛାତ୍ରଛାତ୍ରୀଙ୍କର ଉଦ୍ୟମକୁ ପ୍ରସଂଶା କରିଥିଲେ ଏବଂ ଡିଭାଇନ୍‌ର ଉତ୍କର୍ଷତାରେ ଯେଉଁ ଅଧ୍ୟାପକ–ଅଧ୍ୟାପିକା, କର୍ମଚାରୀ ଓ ଶୁଭେଚ୍ଛୁ ମାନଙ୍କର ପରାକାଷ୍ଠା ଜଡିତ, ସେମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ପଳାତକଙ୍କ ଘରେ ଲାଗିଲା ନୋଟିସ୍

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କୋର୍ଟ ଆଦେଶ କ୍ରମେ ଫେରାର ଅପରାଧୀମାନଙ୍କ ଘର ବାହାରେ ନୋଟିସ୍ ମରାଯାଇଥିବା ଜଣାଯାଇଛି । ଅନେକ କେସରେ ଜାମିନରେ ଆସି କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସଠିକ୍ ତାରିଖରେ ହାଜର ନହୋଇ ଦୀର୍ଘ ଦିନ ଅନୁପସ୍ଥିତ ରହୁଛନ୍ତି । ଅନ୍ୟପକ୍ଷରେ ସେମାନଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ସେମାନେ କୋର୍ଟରେ ହାଜର ହୋଇନାହାନ୍ତି । ତେଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପୋଷ୍ଟର ଲଟକା ପ୍ରକ୍ରିୟା ଜାରି କରାଯାଇଛି । ଏ ପରିପ୍ରେକ୍ଷୀରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶାନୁଯାୟୀ ବୁଗୁଡା ପୋଲିସ ପକ୍ଷରୁ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ତତ୍ତ୍ୱାବଧାନରେ ବୁଗୁଡା ଥାନା ଅଞ୍ଚଳର ୧୪ ଜଣ ପଳାତକଙ୍କ ଘର ବାହାରେ ନୋଟିସ୍ ଲଗାଯାଇଛି । ଏହିଭଳି ଅପରାଧୀମାନେ ବାହାରେ ବୁଲାବୁଲି କରି ଅନ୍ୟ ଅଞ୍ଚଳରେ ଅପରାଧ କରୁଥିବା ଚିନ୍ତାର ବିଷୟ ପାଲଟିଛି । ସେଥିପାଇଁ କୋର୍ଟର ନିର୍ଦ୍ଦେଶ କ୍ରମେ ସେମାନେ ନିର୍ଦ୍ଧାରିତ ସମୟରେ କୋର୍ଟ କିମ୍ବା ଥାନାରେ ହାଜର ନହେଲେ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ ବୋଲି ନିର୍ଦ୍ଦେଶ ରହିଛି ।

## ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ ସଭାପତି ହେଲେ ଅରବିନ୍ଦ ଦାସ



ବାରିପଦା, (ସବ୍ୟୁ) : ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପୂର୍ବ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଅରବିନ୍ଦ ଦାସ(ବାପି)ଙ୍କୁ ମନୋନୀତ କରିଛନ୍ତି । ଏହି ନୂତନ ନିଯୁକ୍ତି ପରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ମହଲରେ ଖୁସୀର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ କଂଗ୍ରେସର ପୂର୍ବତନ ଏଆଇସିସି ସଦସ୍ୟା ତଥା ପୂର୍ବତନ ସାଂସଦ ସୁଶିଳା ତିରିଆ, ପୂର୍ବରନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ରାଷ୍ଟ୍ରିୟ ଏସ୍‌ଟି ସେଲ ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ହାଁସଦାଃ, ରାଜ୍ୟ ବାଣିଜ୍ୟ ସେଲ୍ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ ଓ ନିରୋଜ ଲୋଚନ ଦାସ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଜ୍ୟୋତିପ୍ରକାଶ ରଥ, ମୀନକେତନ ବେହେରା, ସୁସ୍ମିତା ଘୋଷାଲ, ତାରାକାନ୍ତ ବେହେରା, ଜ୍ୟୋତିପ୍ରକାଶ ଦାସ, ଦୀପକ ଦାସ, ଦିଲ୍ଲିପ ନାଏକ ପ୍ରମୁଖ ନବନିଯୁକ୍ତ ସଭପତି ଅରବିନ୍ଦ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଲଜିଂରୁ ଯୁବତୀଙ୍କ ମୃତଦେହ ଜବତ: ଯୁବକଙ୍କ ଆତ୍ମସମର୍ପଣ, ରୁମ୍ ସିଲ୍

ବ୍ରହ୍ମପୁର, (ସବ୍ୟୁ): ଜିଲାରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୁଆଁ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଲଡ଼ଜିଂରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା ହୋଇଛି । ହତ୍ୟାକାରୀ ଜଣଙ୍କ ତାଙ୍କ ପ୍ରେମିକ ବୋଲି ଜଣାପଡିଛି । ପରେ ସେ ଗୋଶାଣିନୁଆଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି । ମୃତ ଯୁବତୀ ଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ଲାଞ୍ଜିପଲି ଖଳା ସାହିର ପ୍ରିୟା କୁମାରୀ ମହାରଣା(୨୪) । ଘଟଣାକୁ ନେଇ ବ୍ରହ୍ମପୁରରେ ଚାଞ୍ଚଲ୍ୟ ଖେଳିଯାଇଛି । ଖବର ପାଇ ଘଟଣା ସ୍ଥଳରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର, ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ପହଞ୍ଚି ଘଟଣା ତଦନ୍ତ କରିଛନ୍ତି ।

ଗୋଶାଣିନୁଆଗାଁ ଥାନାରେ ଆତ୍ମସମର୍ପଣ କରିଥିବା ଅଭିଯୁକ୍ତ ଜଣକ ଲାଞ୍ଜିପଲି ପାଢ଼ୀ କଲୋନୀରେ ରହୁଥିବା ଅଭୟ କୁମାର ମହାରଣା(୨୪) । ଉକ୍ତ ଲଜିଂକୁ ନେଇ ପ୍ରେମିକାଙ୍କୁ କାହିଁକି ହତ୍ୟା କରିଥିଲା ସେ ନେଇ ପୋଲିସ ଅଭିଯୁକ୍ତଙ୍କୁ ପଚରା ଉଚରା କରୁଛି । ପୂର୍ବାହ୍ନ ୧୧ ଟା ସମୟରେ ପ୍ରେମୀ ଯୁଗଳ ଉକ୍ତ ଲଜିଂ ଆସିଥିଲେ । ସେମାନେ ୧୧୨ ନଂ ରୁମକୁ ଯାଇଥିଲେ । ସେଠାରେ କୌଣସି କଥାକୁ ନେଇ ଅଭୟ ତାଙ୍କ ପ୍ରେମିକାଙ୍କ ଗଳା କାଟି ଦେଇଥିଲେ । ପରେ ସେ ଭୟଭୀତ ହୋଇ ଶେଷରେ ଉକ୍ତ ଲଜିଂରୁ ବାହାରି ଗୋଶାଣିନୁଆଗାଁ ଥାନାରେ ଆତ୍ମସମର୍ପଣ କରି ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ । ପରେ ବୈଦ୍ୟନାଥପୁର ପୋଲିସ ଉକ୍ତ ଲଡ଼ଜିଂରେ ପହଞ୍ଚି ରୁମ ଭିତରେ ମରିପଡିଥିବା ଯୁବତୀଙ୍କ ମୃତଦେହ ଜବତ କରିଥିଲା ।

# ଚାପଡ଼ରେ ହାଣି ଯୁବକ ଫେରାର

ଖମାର,(ସବ୍ୟୁ): ପାଲଲହଡା ବ୍ଲକ ପରାଛାଟ ପଞ୍ଚାୟତ କଣ୍ଟିଆପସୀ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣାଛ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କଣ୍ଟିଆପସୀ ଗ୍ରାମର ପୂର୍ବତନ ସଭାପତି ସନ୍ତୋଷ କୁମାର ସାହୁଙ୍କୁ ସେହି ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କ ପୁଅ ବିକି ସାହୁ ମାଂସ କଟା ଚାପଡରେ ହାଣି ଲହୁଲୁହାଣ କରି ଫେରାର ହୋଇଯାଇଥିବା ଘଟଣାକୁ ନେଇ ଖମାର ଥାନାରେ ଅଭିଯୋଗ ହେଇଛି ।

ସୂଚନାରୁ ଜଣାପଡିଛି ଯେ ଗତ କାଲି ରାତି ପ୍ରାୟ ୯ଟା ସମୟରେ କଣ୍ଟିଆପସୀ ଗ୍ରାମର ବିକି ସାହୁ ଆସି ସନ୍ତୋଷ ସାହୁଙ୍କ ଘରେ ଉହାଡ଼ରେ ଛପି ରହିଥିଲା । ସନ୍ତୋଷ ସାହୁ ଘର ଭିତରୁ ବାହାରକୁ ପରିସ୍ରା କରିବାକୁ ଆସିବାର ସୁଯୋଗ ନେଇ ବିକି ଅତର୍କିତ ଭାବରେ ସନ୍ତୋଷ ସାହୁଙ୍କୁ ଚାପଡ ହାଣି ଥିଲା ସନ୍ତୋଷ ସାହୁଙ୍କ ପିଠି ଏବଂ ହାତରେ ଚୋଟ ବାଜିବାରୁ ସନ୍ତୋଷ ସାହୁ ବଡ଼ ପାଟିରେ ଚିତ୍କାର କରିଥିଲା । ଏହି ସମୟରେ ପରିବାର ସଦସ୍ୟ ଘରଭିତରୁ ବାହାରକୁ ଆସି ଦେଖିଲା ବେଳକୁ ସନ୍ତୋଷ ସାହୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥାନ୍ତି । ବଡ଼ ପୁଅ ସଞ୍ଜୟ ବାପାଙ୍କର ଏଇ ଅବସ୍ଥା ଦେଖି ବାପାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ସମୟରେ ସଞ୍ଜୟ ସାହୁଙ୍କୁ ମଧ ହାଣି ଦେବାକୁ କହିବାରୁ ସଞ୍ଜୟ ଘର ଭିତରକୁ ଦଉଡି ଆସିଲେ । ବିକି ସଞ୍ଜୟକୁ ଘର ଭିତରକୁ ଦୌଡ଼ାଇ ଆଣି ଘର ଦରଜା ମୁହଁରେ ଜଗି ବସିଲେ ।

ଏହାର ସୁଯୋଗ ନେଇ ସନ୍ତୋଷ ସାହୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିକଟରେ ଥିବା ଅନ୍ୟ ଏକ ଘର ଭିତରକୁ ଯାଇ ଜୀବନ ରକ୍ଷା କରିଥିଲେଛ ବିକି ସାହୁ କିଛି ସମୟ ସନ୍ତୋଷ ସାହୁଙ୍କ ଘରେ ସଞ୍ଜୟ ସାହୁଙ୍କୁ ମାରିବା ପାଇଁ ଜଗି ରହିଥିବାରୁ ପରିବାର ଲୋକେ ଖମାର ପୋଲିସକୁ ଖବର ଦେଇଥିଲେ । ଖମାର ପୋଲିସ ଘଟଣା ସ୍ଥଳରେ ପହଁଚିବା ଜାଣି ଘଟଣା ସ୍ଥଳରୁ ଏକ କାର ମାଧ୍ୟମରେ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ଫେରାର ହୋଇଯାଇଥିବା ପରିବାର ଲୋକ କହିଛନ୍ତି । ଏଇ ଘଟଣାକୁ ନେଇ କଣ୍ଟିଆପସୀ ଗ୍ରାମର ବର୍ତ୍ତମାନର ସଭାପତି ତୀର୍ଥରାଜ ସାହୁଙ୍କ ନେତୃତ୍ୱ ରେ ଗ୍ରାମର ପ୍ରାୟ ୨ଶହ ମହିଳା ପୁରୁଷ ଏକତ୍ରିତ ହୋଇ ଖମାର ଥାନାରେ ପହଂଚି ତୁରନ୍ତ ଆସାମୀ ବିକି ସାହୁଙ୍କୁ ଗିରଫ କରିବାକୁ କହି ଥାନା ସମୁଖରେ ଜଗିବସିଥିଲେ ।

# ଅସ୍ଥାୟୀ ରାସ୍ତା ଶୋଚନୀୟ, ଯୋଗାଯୋଗ ବିଚ୍ଛିନ୍ନ



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ରେ ସାପଘରା ଠାରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଆରଡି ବିଭାଗର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ବହୁ ବିଳମ୍ବ ହେଉଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ରାସ୍ତା କାମ ଅତି ନିମ୍ନମାନର ହେଉଥିବା ବେଳେ ଅଧିକାଂଶ ଅଞ୍ଚଳ ରେ କରାଯାଉଥିବା ପୋଲ ପାଇଁ ଅସ୍ଥାୟୀ ରାସ୍ତା ଏବେ ଶୋଚନୀୟ ହୋଇ ପଡିଛି । ଫଳରେ ଗାଡି , ଆମ୍ବୁଲାନ୍ସ ଯାଇ ପାରୁନଥିବା ବେଳେ ଲୋକେ ହନ୍ତସନ୍ତ ହେଉଛନ୍ତି। ଫଳରେ ରାଇନାଳୀ ଗ୍ରାମବାସୀ ମଙ୍ଗଳବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳବାସୀ ତାଙ୍କ ଦାବି ପତ୍ର ରେ ଉଲେଖ କରିଛନ୍ତି ଯେ ସାପଘରା ଠାରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ନୂତନ ପିଚୁ ରାସ୍ତା ନିର୍ମାଣ ହେଉଛି । ଏକ ବର୍ଷ ହେବ ଏହି ରାସ୍ତା କାର୍ଯ ଚାଲିଥିଲେ ମଧ୍ୟ ୫୦ ପ୍ରତିଶତ କାମ ସମାପ୍ତ ହୋଇ ନାହି । ରାଇନାଳୀ ଠାରେ ଏକ ପୋଲ ନିର୍ମାଣ ହେଉଛି । ବହୁ ମନ୍ଥର ଗତି ରେ ପୋଲ କାମ ଚାଲୁଥିବା ବେଳେ ଗାଡି ଯାତାୟତ ପାଇଁ ଏକ ବିଲ ରେ ମୋରମ ପକାଇ ଠିକାସଂସ୍ଥା ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛି । ହେଲେ ଉକ୍ତ ରାସ୍ତା ସାମାନ୍ୟ ବର୍ଷା ରେ ଧୋଇ ହୋଇ ଯାଇଥିବା ବେଳେ ରାସ୍ତା ରେ ସାଇକେଲ ଯିବା ସମ୍ଭବ ପର ହେଉ ନାହି । ସୋମବାର ଦିନ ଏକ ରୋଗୀ ଗୁରୁତର ହୋଇ ପଡିଥିବା ବେଳେ ଉକ୍ତ ରୋଗୀ କୁ ମେଡ଼ିକାଲ କୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ କୁ ସୂଚନା ଦିଆଯାଇଥିଲା ଛ ହେଲେ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ନ ଯାଇ ଫେରିଯାଇଥିଲା । ଫଳରେ ରୋଗୀକୁ ଲୋକେ ବୋହି ମେଡ଼ିକାଲକୁ ନେଇଥିଲେ ।

ଉକ୍ତ ପୋଲ କାମ ବହୁତ ବିଳମ୍ବରେ କରାଯାଉଥିବା ବେଳେ ରାସ୍ତା କାମରେ ବିଭାଗୀୟ ଯନ୍ତ୍ରୀ କିମ୍ବା ଏସଡିଓ ଉପସ୍ଥିତ ରହୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ପରିକି ବର୍ଷା ହେଲେ ଯୋଗା ଯୋଗ ବିଚ୍ଛିନ୍ନ ହୋଇ ପଡୁଛି । ରାସ୍ତା କାମ ଅତି ନିମ୍ନମାନର ହେଉଥିବା ବେଳେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ରାସ୍ତା କାମ ରେ ବ୍ୟାଘାତ ସହ ନିମ୍ନମାନର ହେଉଥିବା ରାଇନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲ୍ଲପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହୋଇଛି ।

ଏ ନେଇ ଆରଡି ବିଭାଗର କନିଷ୍ଠଯନ୍ତ୍ରୀ ଶ୍ରୀକାନ୍ତ ଗୋଇନ କୁହନ୍ତି ଉକ୍ତ ଅସ୍ଥାୟୀ ରାସ୍ତାକୁ ମରମତି କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ କହିଥିଲେ ।

# ବେଢାପାଳ ଗ୍ରାମର ଦଳିତ ମହିଳାମାନଙ୍କୁ ଦୁର୍ବ୍ୟବହାର : ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଫେରାଦ



ଢେଙ୍କାନାଳ: କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ବେଢାପାଳ ଗ୍ରାମର ଦଳିତ ପାଣ ସମ୍ପ୍ରଦାୟ ମହିଳାମାନଙ୍କୁ ଉକ୍ତ ଗ୍ରାମର ସବର୍ଣ୍ଣ ବ୍ୟକ୍ତିମାନେ ଅଶାଳୀନ ଦୁର୍ବ୍ୟବହାର କରି ମାନସିକ ନିର୍ଯ୍ୟାତନା ଦେଇଥିବାରୁ ମଙ୍ଗଳବାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଗ୍ରାମର ବହୁ ମହିଳାମାନେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ସବର୍ଣ୍ଣ ବ୍ୟକ୍ତିମାନେ ରାଗ ରଖି ଦଳିତ ମହିଳାମାନେ ଗାଧୋଇ ସାରି ଫେରୁଥିବା ସମୟରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦେବା ସହ ଇଜ୍ଜତ ବରବାଦ କରିଦେବାକୁ ଧମକାଇ ଭୟଭୀତ କରିଛନ୍ତି। ଏ ସମ୍ବନ୍ଧରେ ସାହିର ମୁରବୀ ଲୋକମାନଙ୍କୁ ଜଣାଇବାରେ କହିଲେ ଯେ, ସବର୍ଣ୍ଣ ଲୋକମାନେ ବହୁ ସଂଖ୍ୟାରେ ଅଛନ୍ତି ତେଣୁ ଆମ୍ଭେ ତାଙ୍କୁ ପାରିବା ନାହିଁ, ଆମ୍ଭେ ଆଇନ୍‌ର ଆଶ୍ରୟ ନେବା ବୋଲି କହିଥିଲେ। ପୂର୍ବରୁ ଦଳିତ ସାହିର ଲୋକମାନେ କେଉଁ ଆବାହମାନ କାଳରୁ ଗ୍ରାମ ମୁଣ୍ଡରେ ଥିବା ସରକାରୀ ପଡିଆ ଉପରେ କେତେକ ଦରକାରୀ ଗଛ ଲଗାଇବା ସହ କିଛି ଅଳ୍ପ ଭୂମିକୁ ଚାଷ ଉପଯୋଗୀ କରି ସେଥିରୁ ଉପିଦିତ ପଦାର୍ଥରେ ସାହିର ଚୈତନ୍ୟ ଠାକୁର, ଶନି ଠାକୁର ଓ ମଙ୍ଗଳା ମନ୍ଦିରର ପୂଜାକାମରେ ଲଗାଇ ଆସୁଥିଲେ। ସେହି ଗ୍ରାମର ଉତ୍ସବ ବେହେରା ଉକ୍ତ ଗଛ ଓ ଚାଷ ଜମିକୁ ଜେସିବି ଲଗାଇ ତାଡି ନଷ୍ଟ କରୁଥିଲେ। ଏହାର ପ୍ରତିବାଦ କରିବା ଦ୍ୱାରା ସେ ତାଙ୍କ ଗ୍ରାମ ଲୋକଙ୍କୁ ଉସୁକାଇବାରୁ ତାଙ୍କ ଗ୍ରାମ ଲୋକମାନେ ଅସଭ୍ୟ ବ୍ୟବହାର କରୁଛନ୍ତି। ଏପରିକି ଦଳିତ ସାହିକୁ ପାଣି ଛାଡୁ ନାହାଁନ୍ତି, ଇଲେକ୍ଟ୍ରିକ୍ ଲାଇନ୍ କାଟି ଦେଉଛନ୍ତି ଓ ଭାଗଚାଷ ବନ୍ଦ କରି ଗାଇଗୋରୁଙ୍କୁ ଚରିବା ପାଇଁ ମନା କରୁଛନ୍ତି। ପିଲାମାନେ ପାଠପଢି ନଯିବା ଓ ଅନ୍ୟାନ୍ୟ ମନ୍ଦିର ବାରଣ କରୁଛନ୍ତି। ତେଣୁ ଆଇନ୍‌ର ଆଶ୍ରୟ ନେବା ପାଇଁ ଗ୍ରାମର ମହିଳାମାନେ ଉପାୟ ଶୂନ୍ୟ ହୋଇ ଏହା ଉପରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପ୍ରଦାନ ବେଳେ ଗ୍ରାମର ମହିଳା ସୁବାଷିନୀ ମଲ୍ଲିକ, ଦେବସୀ ମଲ୍ଲିକ, ନିରୁପମା ମଲ୍ଲିକ, ଯଶୋଦା ମଲ୍ଲିକ, ମାନିନୀ ମଲ୍ଲିକ, କାଂଚନ ମଳିକ, ଜ୍ୟୋତ୍ସ୍ନା ମଳିକଙ୍କ ସମେତ ବହୁ ମହିଳା ଓ ପୁରୁଷଙ୍କ ସହିତ ଦଳିତ ନେତା ଶ୍ରୀକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

# ୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଠାକୁରଗଡ, (ସବ୍ୟୁ) କିଶୋରନଗର ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକ , ଶିକ୍ଷୟତ୍ରୀମାନଙ୍କୁ ସୋମବାର ଦିନ କିଶୋରନଗର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଇଓ ଅରୁଣ କୁମାର ସେଠୀ , ଏବିଇ ଓ ରମଣୀ ରଞ୍ଜନ ପ୍ରଧାନ, ଜବାହାର ଲାଲ ପ୍ରଧାନ ଯୋଗ ଦେଇ ଅବସର ନେଇଥିବା ଶିକ୍ଷକ ଦିଲ୍ଲୀପ କୁମାର ସାହୁ , ଭଗବାନ ମାଝୀ , ନରୋତ୍ତମ ସାହୁ , ସୁକ୍ରପ୍ରଧାନ , ଅଞ୍ଜଳି ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ଏଥିସହ ସେମାନଙ୍କର ଶିକ୍ଷକତା ସମ୍ପର୍କରେ ଆଲୋକପାତ କରିଥିଲେ ।

# ଯୁବକଙ୍କୁ ଭଙ୍ଗା ବୋତଲରେ ଆକ୍ରମଣ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ହଣ୍ଡପା ଥାନା ନୁନୁକାପଶି ଗ୍ରାମର ଗୋବିନ୍ଦ ପ୍ରଧାନଙ୍କୁ ସେହି ଅଞ୍ଚଳର ମନୋଜ ବେହେରା , ସିପୁନ ବେହେରା , ଏକ ଭଙ୍ଗା ମଦ ବୋତଲ ରେ ଆକ୍ରମଣ କରିଥିବା ଗୋବିନ୍ଦ ସୋମବାର ଦିନ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୨୩୩/୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଗୋବିନ୍ଦଙ୍କୁ ବଜାରକୁ ବୁଲିବା ପାଇଁ କହି ସିପୁନ ଓ ମନୋଜ ଏକ ବାଇକ ମାଧ୍ୟମରେ ତାଙ୍କ ଘରୁ ଡାକି ଆଣିଥିଲେ ।

ପରେ ସେମାନେ ବଇଣ୍ଡା ଠାରେ ଥିବା ଏକ ବିଦେଶୀ ମଦ ଦୋକାନ ପାଖରେ ଥିବା ଚାଟ ଦୋକାନକୁ ଯାଇଥିଲେ । ପରେ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା । ସେଠାରେ ଏକ ଭଙ୍ଗା ବିଅର ବୋତଲ ମାଧ୍ୟମରେ ଗୋବିନ୍ଦଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

# ବ୍ରାଉନସୁଗର କାରବାରରେ ତିନି କୋର୍ଟ ଚାଲାଣ

ବଆଁରପାଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ବଆଁରପାଳ ଥାନା ଅନ୍ତର୍ଗତ ଆଲୁମିନିୟମ ପାର୍କ ଅଞ୍ଚଳରୁ ବ୍ରାଉନ ସୁଗର କାରବାର ଘଟଣାରେ ବଆଁରପାଳ ପୋଲିସ ତିନି ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ବଆଁରପାଳ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଶ୍ରୀକାନ୍ତ ଭୋଇ ,ରାକେଶ ଦେହୁରୀ ଓ ସୁଜିତ ବେହେରା ଏହି ତିନି ଅଭିଯୁକ୍ତ ଆଲୁମିନିୟମ ପାର୍କ ଅଞ୍ଚଳରେ ବ୍ରାଉନସୁଗର ବିକ୍ରୀ କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଁ ତିନି ଅଭିଯୁକ୍ତ ମାଡି ବସିଥିଲା ପୋଲିସ। ସେମାନଙ୍କ ଠାରୁ ମୋଟ ୫୦ଗ୍ରାମ୍.୬୫୦ମିଲି ଗ୍ରାମ୍ ର ବ୍ରାଉନ ସୁଗାର ଜବତ କରିବା ସହ ଏକ ବାଇକ ଜବତ କରି ଗିରଫ କରିଥିଲେ ପୋଲିସ । ଏହି ବ୍ରାଉନସୁଗର ର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ରୁ ଉର୍ଦ୍ଧହେବ ବୋଲି ଜଣାପଡିଛି । ଆଜି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଆଇଆଇସି ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି ।

# ବଇଣ୍ଡା ରେ ୮୬ ଛାତ୍ରଛାତ୍ରୀ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଲେ


ଠାକୁରଗଡ , (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରାମ ଦେଓ ଉଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ମେଟ୍ରିକ ସପ୍ଲି ମେଣ୍ଟାରି ପରୀକ୍ଷା ଆରମ୍ଭ ହୋଇଛି। ଏହି ବିଦ୍ୟାଳୟ ରେ ଛେଣ୍ଡିପଦା , କିଶୋରନଗର , ଆଠମଲ୍ଲିକ ୩ ଟି ବ୍ଲକ ର ୨୨ ଟି ହାଇସ୍କୁଲ ର ୮୬ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଛନ୍ତି। ସକାଳ ୯ ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧.୩୦ ରେ ଏହି ପରୀକ୍ଷା ସମାପ୍ତ ହୋଇଥିଲା। ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ସକାଳ ୮ ଟା ସମୟ ରେ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ର କୁ ଯିବାକୁ ଅନୁମତି ଦିଆଯାଇଥିଲା। ସମୁଦାୟ ୧୦୦ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୮୬ ଜଣ ପରୀକ୍ଷା ଦେଇଥିବା ବେଳେ ୧୪ ଜଣ ଅନୁପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ମଞ୍ଜରି ଚତମ୍ବା ସୁପରିଟେଣ୍ଡ ଭାବରେ ନିଯୁକ୍ତି ହୋଇଥିବା ବେଳେ ସମସ୍ତ ପରୀକ୍ଷାକେନ୍ଦ୍ର ଗୁଡିକ ବୁଲି ଯାଞ୍ଚ କରିଥିଲେ। ପ୍ରଥମ ଦିନରେ ଓଡିଆ ବିଷୟ ରେ ଛାତ୍ରୀ ଛାତ୍ର ମାନେ ପରୀକ୍ଷା ଦେଇଥିବା ବେଳେ ଶାନ୍ତି ଶୃଙ୍ଖଳା ର ସହ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବଇଣ୍ଡା ଫାଣ୍ଡି ପୋଲିସ ଶାନ୍ତି ଶୃଙ୍ଖଳା ପାଇଁ ମୁତୟନ ହୋଇଥିଲେ।

# ଦୁର୍ଘଟଣାରେ ଚାଲିଗଲା ମାଆର ଜୀବନ : ଗୁରୁତର ଅବସ୍ଥାରେ କୁନିଝିଅ

ତାଳଚେର,(ସବ୍ୟୁ) : ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଡ଼ିଏଭି ସ୍କୁଲ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ତାଳଚେର ହାଣ୍ଡିଧୂଆଁ ସ୍ଥିତ ରେଲଷ୍ଟେସନରେ ଲୋକ ପାଇଲଟ୍ ଭାବେ କାର୍ଯ୍ୟରତ ବ୍ରହ୍ମପୁର ଅଂଚଳର ନିରାକାର ସାହୁଙ୍କ ଧର୍ମପନୀ ନାଲିରଙ୍ଗର ହୋଣ୍ଡା ଆକଫିଭା ସ୍କୁଟି ନଂ- ଓଡ଼ି୩୫-ବି- ୩୪୬୨ ଯୋଗେ ଆଜି ସକାଳ ପ୍ରାୟ ୬ଘଟିକା ୩୦ମିନଟ୍ ସମୟରେ ତାଙ୍କ ଝିଅକୁ ଦେଉଳବେଡ଼ା ସ୍ଥିତ ଡ଼ିଏଭି ସ୍କୁଲକୁ ଛାଡ଼ିବାକୁ ନେଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ ଓଡ଼ି୦୯-ପି-୨୭୪୩ ଆଲମ ନେଇ ଏମସିଏଲ ଜଳବିଭାଗକୁ ଯାଉଥିବା ଅବସ୍ଥାରେ ତାଙ୍କୁ ପଛପାଖରୁ ଧକ୍କା ଦେଇଥିଲା । ଫଳରେ ସେ ଛିଟିକି ପଡ଼ି ଗାଡ଼ିର ଚକାତଳେ ପଡ଼ି ଯାଇଥିଲେ ଏବଂ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍କୁଟିର ପଛପାଶ୍ୱର୍ରେ ବସିଥିବା ୪ର୍ଥଶ୍ରେଣୀରେ ଅଧ୍ୟୟନ କରୁଥିବା ତାଙ୍କର କୁନିଝିଅ ଗୁରୁତର ଆହାତ ହୋଇଥିଲେ ।

ଏହି ଘଟଣା ଦେଖି ସ୍ଥାନୀୟ ଲୋକେ ରୁ,, ହେବା ସହିତ କୁନି ଛୁଆକୁ ତୁରନ୍ତ ମେଡ଼ିକାଲକୁ ନେଇଥିଲେ ଓ ଡ଼ାକ୍ତର ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଡ଼ାକ୍ତରଖାନା ପଠାଇ ଦେଇଥିବା ଘଟଣା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଏଘଟଣା ଘଟିବାପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହିତ କ୍ଷତିପୂରଣ ଦାବିରେ ଅଡ଼ି ବସିଥିବା ଜଣାପଡ଼ିଛି ।

## ହାତୀପଲଙ୍କ ଉପଦ୍ରବ



କାମାକ୍ଷାନଗର : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସମାଟାଙ୍ଗି ଗ୍ରାମରେ ୧୨ ଟିକିଆ ହାତୀ ପଲଙ୍କ ଉତ୍ପାତ ଯୋଗୁ ଗ୍ରାମବାସୀ ମାନେ ଭୟଭୀତ ହୋଇ ରହିଛନ୍ତି । ହାତୀ ପଲ ଗାଁ ଭିତରେ ପଶି ଧାନ ଓ କଦଳୀ ଖାଇବା ସହ ଉତ୍ପାତ କରୁଛନ୍ତି ।ସୂଚନା ଅନୁସାରେ ଗତକାଲି ରାତିରେ ୧୨ ଟିକିଆ ହାତୀପଲ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜକୁ ଆସିଥିବା ବେଳେ ସମାଟାଙ୍ଗୀ ଗାଁ ନିକଟରେ ଥିବା ଜଙ୍ଗଲରେ ରହିଯାଇଥିଲେ । ପରେ ହାତୀପଲ ଗାଁ ଭିତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟଇଥିବା ବେଳେ ଫସଲ ନଷ୍ଟ କରିଛନ୍ତି ।ଗ୍ରାମବାସୀଙ୍କ ଠାରୁ ଖବର ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଓ ହାତୀ ସ୍କ୍ୱାର୍ଡ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିବା ବେଳେ ହାତୀ ପଲ ଗାଁ ନିକଟରେ ରହିଥିବାର ଜଣାପଡିଛି ।

# ସାପ କାମୁଡାରେ ନାବାଳିକା ମୃତ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା ଝାଞ୍ଜିରବେରେଣା ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି । ସ୍କୁଲରୁ ଫେରି ଘରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡାରେ ୮ ବର୍ଷର ନାବାଳିକାର ମୃତ୍ୟୁ ଘଟିଥିବାର ଜଣାପଡିଛି ।ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଝିଅ ଆସମେତ ମୁର୍ମୁ ଆଜି ଅପରାହ୍ନରେ ବିଦ୍ୟାଳୟରୁ ଫେରି ନିଜ ଘରେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ତାକୁ କାମୁଡି ଦେଇଥିଲା । ପରିବାର ଲୋକ କିଛି ସମୟ ପରେ ଝିଅ ପାଟିରୁ ଫେଣ ବାହାରୁଥିବା ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ପହଞ୍ଚିଥିଲେ । ସେଠାରେ ଡାକ୍ତର ଆସମେତକୁ ମୃତ ଘୋଷଣା କରିଥିଲେ ।

# ବରିଷ୍ଠ ଶିକ୍ଷୟତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଉଷାରାଣୀ ମିଶ୍ରଙ୍କୁ ବିଦାୟକାଳନୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଶୋକ କୁମାର ପଣ୍ଡା ଶିକ୍ଷୟତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟତ୍ରୀ ନର୍ମଦା ମିଶ୍ର, ମିନତୀ ବେହେରା, ଜ୍ୟୋତିପ୍ରଭା ମହାରଣାପ୍ରମୁଖ ଯୋଗଦେଇ ଶିକ୍ଷୟତ୍ରୀଙ୍କର ପ୍ରଶଂସା କରିଥିଲେ। ତାଙ୍କର ଅବଦାନ କେବେ ପୂରଣ ହୋଇପାରିବ ନାହିଁ ବୋଲି କହିଥିଲେ ।

ମୋ ସ୍କୁଲର ଅଧକ୍ଷ ଡ.ଗିରିଶ ପ୍ରସାଦ ଦାଶ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରବାସୀ ଲେଙ୍କା, ସରୋଜ ସା, କୁନୁ ଭତ୍ରା, ହେରମ୍ବନାରାୟଣ ଦାଶ ,ଲୋପାମୁଦ୍ରା ମିଶ୍ର, ସ୍ମୃତିରେଖା ମିଶ୍ର, ଅମିତା ସାହୁ, ସସ୍ମିତା ମିଶ୍ର ଯୋଗଦେଇଥିବା ବେଳେ ସିଲୁ ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସସ୍ମିତା ବେହେରା ଏବଂ ଶ୍ରଦ୍ଧାଞ୍ଜଳୀ ଦାଶ ସହଯୋଗ କରିଥିଲେ ।

# ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅନୁଗୋଳ, (ସବ୍ୟୁ): ପୂଜ୍ୟ ବାବା ସଦାନନ୍ଦ ଦାସଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ଉଦ୍ୟମରେ, ନଦୀଘେରା ଗ୍ରାମ ଅଙ୍ଗାରବନ୍ଧ ଝାଟକିପଶିଠାରେ ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଠନ ହୋଇଥିଲା । ଅଙ୍ଗାରବନ୍ଧ ଗ୍ରାମର ଶ୍ରୀଯୁକ୍ତ ବିଦ୍ୟାଧର ବାରିକ ପ୍ରଧାନ ଶିକ୍ଷକ ଓ ସହଯୋଗୀ ଶିକ୍ଷକ ଭାବେ ଯୁଧିଷ୍ଠିର ପ୍ରଧାନ ଯୋଗ ଦେଇ ଶିକ୍ଷାଦାନ ଆରମ୍ଭ କରିଥିଲେ । ଉକ୍ତ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ବ୍ରାହ୍ମଲୀନ ବାବା ସଦାନନ୍ଦ ଦାସ, ଉପସଭାପତି ସ୍ୱର୍ଗତ ଚତୁର୍ଭୁଜ ବେହେରା, ସମ୍ପାଦକ ଶିବ ସାହୁ, କମିଟି ସଭ୍ୟ ଲକ୍ଷ୍ମୀଧର ନହରା, କୃଷ୍ଣ ଚନ୍ଦ୍ର ପ୍ରଧାନ, ଜମ୍ବେଶ୍ୱର ବେହେରା, ସ୍ୱର୍ଗତ ଭଗବାନ ବାରିକ, ସ୍ୱର୍ଗତ ବାଲିଆ ସାହୁ, ସ୍ୱର୍ଗତ ଦୁଃଶାସନ ନାଏକଙ୍କ ନେତୃତ୍ୱରେ ଗଠନ ହୋଇଥିବା ବିଦ୍ୟାଳୟରେ ଦିର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱର୍ ସମୟରୁ ଅନ୍ୟୁନ ୨୦ ବର୍ଷ ବିନା ବେତନରେ ନିରବଚ୍ଛିନ୍ନ ଭାବେ ଶହ ଶହ ପିଲାଙ୍କୁ ଶିକ୍ଷାଦାନ କରିବା ସହିତ ୨୦୦୮ ମସିହାଠାରୁ ବ୍ଲକଗ୍ରାଣ୍ଟ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରି ଆଜି ଅବସର ଗ୍ରହଣ କଲେଛ ତାଙ୍କ ଶିକ୍ଷାଦାନରୁ ୨୧୬୦ ପୁରାତନ ଛାତ୍ରଛାତ୍ରୀ, ଗ୍ରାମର ବୁଦ୍ଧିଜୀବୀ, ବିଦ୍ୟାଳୟର ପ୍ରତିଷ୍ଠାତା ଶିବ ସାହୁ, ଲକ୍ଷ୍ମୀଧର ନହରା, ଜମ୍ବେଶ୍ୱର ବେହେରା, ମୁଖ୍ୟ ଅତିଥି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିପକ କୁମାର ସାହୁ, ସହ ଶିକ୍ଷକ ମନୋଜ କୁମାର ଦାସ, ରମେଶ କୁମାର ନାଥ, ଗୁପ୍ତା ସାହୁ, ଦୟାନିଧି ସ୍ୱାମୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ନାଏକ, ମଧୁସ୍ମିତା ସେନାପତି, ଜିତା ସ୍ୱାଇଁ, ସଙ୍ଗ୍ରାମ ରାଉତ , ପୁରାତନ ଛାତ୍ର ସଂସଦ ସଭାପତି ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସମସ୍ତ ଅତିଥି ମାନେ ନିଜର ଅଭିମତ ପ୍ରକାଶ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ପୁରାତନ ଛାତ୍ର ଟଙ୍କଧର ଭୋଇ । ପୁରାତନ ଛାତ୍ର ବିଜ୍ଞାନୀ କୁମାର ବେହେରା, ଅଲେଖ ଚନ୍ଦ୍ର ବେହେରା, କ୍ଷୀରୋଦ ଦାସ, ଯୁଧିଷ୍ଠିର ସାହୁ, ବିଶେଶ୍ୱର ନାୟକ, ସୌଦାମିନୀ ସାହୁ ପ୍ରମୁଖ ଭାବବିହ୍ୱଳତାର ସ୍ମୃତି ବଖାଣି ଥିଲେ ।

ପ୍ରଧାନ ଶିକ୍ଷକ ବିଦ୍ୟାଧର ବାରିକ ପୁରାତନ ଛାତ୍ର, ସହ ଶିକ୍ଷକ ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଦୁଇ ପଦ କଥା ମର୍ମରେ ନିଜର କୋହକୁ ଚାପି ସ୍କୁଲର ନାନାବିଧ ସମସ୍ୟା ବଖାଣିବା ସହିତ ମଝିରେ ମଝିରେ ଶିକ୍ଷାଦାନ କରିବା ପାଇଁ ମତ ପ୍ରକାଶ କରିଥିଲେ ଓ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ସମସ୍ୟାର ସମାଧାନ କରିବା ପାଇଁ ।

ଆରମ୍ଭରେ ପ୍ରଦିପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଓ ଉତ୍କଳ ସଙ୍ଗୀତ ଗାନ ସ୍କୁଲ ଛାତ୍ରୀ ସ୍ୱେତାଲିନା ସାହୁ, ଶୁଭଲକ୍ଷ୍ମୀ ସାହୁ, କୌଶଲ୍ୟା ରାଉଳଙ୍କ ଦ୍ୱାରା ହୋଇଥିଲା । ତତ୍ପରେ ପୁରାତନ ଛାତ୍ର ତଥା ସ୍ୱଇଚ୍ଛାରେ ଦିର୍ଘ ପଚିଶ ବର୍ଷ ଶିକ୍ଷା ଦାନ କରିଥିବା ବିଚିତ୍ରାନନ୍ଦ ଦାସ ଅତିଥି ପରିଚୟ କରିଥିଲେ । ସ୍ୱେଚ୍ଛାସେବୀ ତଥା ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ସାହୁ ଓ କର୍ମକର୍ତ୍ତାଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ଫଟୋଚିତ୍ର ପ୍ରଦାନ କରିଥିଲେ । ବହୁ ବ୍ୟାଚର ଛାତ୍ରଛାତ୍ରୀମାନେ ସ୍ମୃତିର ସ୍ମାରକୀ ଶ୍ରୀବାରିକଙ୍କୁ ପ୍ରଦାନ କରିଥିଲେଛ ପୁରାତନ ଛାତ୍ର ସଂସଦ ତରଫରୁ, ପୁଷ୍ପ ଗୁଚ୍ଛ , ମାନପତ୍ର, ପୁଷ୍ପ ହାର ,ଉପଢୌକନ, ବିଭିନ୍ନ ସ୍ମାରକୀ ପ୍ରଦାନ କରା ଯାଇଥିଲା । ସର୍ବ ଶେଷରେ ଅନିଲ କୁମାର ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହିତ ପଟୁଆରକରି ତାଙ୍କ ଆବାସ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରୋଜ ସାହୁ, ଭବାନୀ ଶଙ୍କର ସାହୁ, ଅଖିଳ ସାହୁ, ସୌଭାଗ୍ୟ ଦାସ, ସୁନିଲ୍ ସାହୁ, ଅନନ୍ତ ବେହେରା, ରଞ୍ଜନ ବେହେରା, ବିରଞ୍ଚି କୁମାର ସାହୁ ଓ ବହୁ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମା'କେ ନାମ ଏକ ପେଡ'ର ଶୁଭାରମ୍ଭ କଲେ ବିଧାୟକ



ରେଙ୍ଗାଳି,(ସବ୍ୟୁ) କଣିହାଁ ବ୍ଲକ ରେଙ୍ଗାଳି ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେଙ୍ଗାଳି ଠାରେ ବିଜେପି ରେଙ୍ଗାଳି ମଣ୍ଡଳ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ ଅଧକ୍ଷତାରେ ବିଜେପି କର୍ମୀମାନଙ୍କୁ ନେଇ ଦେନାଳି ସ୍ଥିତ ବାବା ରାମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ତା ପରେ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣ କରାଯାଇଥିଲା। ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରଥମେ ଗଛ ଲଗାଇ ମା କି ନାମ ଏକ ପେଡ ର ଶୁଭାରମ୍ଭ କରିଥିଲେ ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ବରିଷ୍ଠ ବିଜେପି ନେତା ନୃସିଂହ ବରାଳ, ସୁମନ୍ତ ପ୍ରଧାନ, ଧ୍ରୁବ ଧୀର, ନିଶାକର ପ୍ରଧାନ,ତ୍ରିପୁରାରି ପ୍ରଧାନ, ରେଙ୍ଗାଳି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ରାଣୀ ବେହେରା ଓ ସମସ୍ତ ଶିକ୍ଷକ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶେଷରେ ବିଧାୟକ ଶ୍ରୀ ମହାନ୍ତି ଛାତ୍ର ଛାତ୍ରୀ ମାନଙ୍କୁ ମା ନାମରେ ଗଛଟିଏ ଓ ଗଛ ପାଇଁ ସେଲଫିଟିଏ ପାଇଁ ନିବେଦନ କରିଥିଲେ ।

# ୫ଶହ ବର୍ଷର ଚୈତନ୍ୟଦେବଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ଛେଦନ



ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଜୟନ୍ତରା ସ୍ଥିତ ଗୌରାଙ୍ଗପୁର ମଠରେ ଚୈତନ୍ୟଦେବଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ଛେଦନ ହୋଇଛି। କୋରକଦା ଗ୍ରାମ କନେକେଇ ଏସକେପ ନିକଟରେ ଥିବା ଦିଗାମ୍ବର ସାମଲଙ୍କ ବାଡିର ପ୍ରାଏ ୨୦୦ବର୍ଷର ଏକ ନିମ୍ବ ଗଛକୁ ବଛାଯାଇ ଛେଦନ ଲାଗି ପ୍ରସ୍ତୁତି ହୋଇଛି। ଯାହାକୁ ନେଇ ଅଂଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗୌରାଙ୍ଗପୁର ମଠରେ ଚୈତନ୍ୟଦେବଙ୍କ ମୂର୍ତ୍ତି ୫୦୦ବର୍ଷ ପୂର୍ବେ ନିର୍ମାଣ ହୋଇ ପୂଜାର୍ଚ୍ଚନା କରାଯାଉଥିଲା। ଦୀର୍ଘ ବର୍ଷ ହେବାରୁ ମୂର୍ତ୍ତି ଏବେ ନଷ୍ଟ ହେବାକୁ ବସିଛି। ଏଥିଲାଗି ମଠ ପକ୍ଷରୁ ଦାରୁ ଚିହ୍ନଟ ଲାଗି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟପୁରୋଧା ବରଦା ପ୍ରସାଦ ମହାପାତ୍ରଙ୍କ ସ୍ୱପ୍ନାଦେଶ ପରେ ଏହି ଦାରୁ ଚିହ୍ନଟ କରାଯାଇଥିଲା। ଏନେଇ ମଙ୍ଗଳବାର ସଖାଳୁ ଗୌରାଙ୍ଗ ମହାପ୍ରଭୁଙ୍କ ପାଖରେ ପୂଜା ସାରିବା ପରେ ଆଜ୍ଞାମାଳ ନେଇ ଗଛ ମୂଳେ ଆବାହନ କରାଯାଇଥିଲା। ପରେ ଭୂମି ପୁଜା,ସୂର୍ଯ୍ୟ,ନବଗ୍ରହ,ଦାରୁ ପୂଜନ ପରେ ଯଜ୍ଞ ସହିତ ମହାମନ୍ତ୍ର ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ମାର୍ଚ୍ଚ ମାସରେ ଚୈତନ୍ୟ ଦେବଙ୍କ ଜନ୍ମଦିବସରେ ଏହି ନୂତନ ବିଗ୍ରହ ପ୍ରତିଷ୍ଠା। ଏହି ଧର୍ମୀୟ କାର୍ଯ୍ୟକ୍ରମକୁ ଦେଖିବା ଲାଗି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପହଂଚିଥିଲେ। ଇତିହାସ କୁହେ ଚୈତନ୍ୟ ଦେବ ପୁରୀକୁ ଯିବା ସମୟରେ ଗୌରାଙ୍ଗପୁରର ଏହି ମଠ ପରିସରରେ ବିଶ୍ରାମ ନେଇଥିଲେ। ସେଥିଲାଗି ଏହି ମଠକୁ ଚୈତନ୍ୟ ମଠ କୁହାଯାଏ। ଏହାରି ଭିତରେ ବିଭିନ୍ନ ଦେବା ଦେବୀଙ୍କ ମନ୍ଦିର ରହିଛି। ଗୌରାଙ୍ଗ ଦେବଙ୍କ ନାମରେ ଏହି ଗ୍ରାମର ନାମ ଗୌରାଙ୍ଗପୁର ହୋଇଛି। ଆଜିର ଏହି କାର୍ଯ୍ୟରେ ୫ଜଣ ବ୍ରାହ୍ମଣ ନିୟୋଜିତ ରହିଥିଲେ। କର୍ତ୍ତା ଭାବେ ବରଦା ପ୍ରସାଦ ମହାପାତ୍ର ଓ ସ୍ତ୍ରୀ କଲ୍ୟାଣୀ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଛନ୍ତି। ଧରଣୀଧର ମହାପାତ୍ର,ବ୍ରହ୍ମାନନ୍ଦ ମହାପାତ୍ର ଅନ୍ନଦା ମହାପାତ୍ର,ମମତା ମହାପାତ୍ର, ଖଗେଶ୍ୱର ଦାସ,ରଘୁନାଥ ଦାସ,ପମୋଦ ଦାସ,ସନ୍ତୋଷ ଦାସ ଅଧିକାରୀ,ଦଶରଥ ଦାସ,ଦେବାଶିଷ ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ।

## ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା

# ରାଜଘାଟରେ କମୁଛି, ତଳିଆ ଅଞ୍ଚଳରେ ବଢୁଛି

ଭୋଗରାଇ, (ସବ୍ୟୁ): ସୁବର୍ଣ୍ଣରେଖାରେ ୨ ୟ ବନ୍ୟା ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ ବନ୍ୟା ବିପନ୍ନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି ।ଭଳି ସ୍ଥିତିରେ ବଙ୍ଗୋପସାଗର ରେ ସୃଷ୍ଟ ଲଘୁଚାପ ଧୀରେଧୀରେ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଉତ୍ତର ଓଡିଶା ଓ ଝାଡ଼ଖଣ୍ଡ ମାଳାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ସୂଚନା ଦେଉଥିବାରୁ ସୁବର୍ଣ୍ଣରେଖାରେ ବନ୍ୟା ଜଳ ପୁଣି ବଢିବା ଆଶଙ୍କାକୁ ନେଇଁ ୪ ବ୍ଲକରେ ବନ୍ୟା ବିପନ୍ନଙ୍କ ଛାତି ଧଡ଼ ପଡ କରୁଛି । ଝାଡ଼ଖଣ୍ଡରେ ଥିବା ଚାନ୍ଦିଲ ଡେମ ସହ ଗାଲୁଡ଼ିହି ଓ ଖରଖାଇ ଜଳାଧାର ଉଦବୃତ୍ତ ବର୍ଷାଜଳ ପୁଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେଲେ ୪ ବ୍ଲକର ସ୍ଥିତି ସମସ୍ତ ପୂର୍ବ ବନ୍ୟା ରେକର୍ଡକୁ ଭଙ୍ଗ କରି ତାଣ୍ଡବ ରଚି ପାରେ ବୋଲି ବନ୍ୟା ପ୍ରପୀଡ଼ିତ ପ୍ରବୀଣମାନେ ଆଶଙ୍କା ପ୍ରକାଶ କରିଛନ୍ତି। ମଙ୍ଗଳବାର ପାଗର ଉନ୍ନତି ଘଟିଥିବାବେଳେ ସୁବର୍ଣ୍ଣରେଖାର ଉପରମୁଣ୍ଡା ଜାମସେଦପୁର ୧ ୨ ୦ମି ମି,ଘାଟଶିଲାରେ ୭ ୯. ୮ ଓ ମିମି, ଫେକଘାଟରେ ୪ ୩.୪ ୨ ମିମି, ଜାମଶୁଳାରେ ୪୯. ୫ ୪ ମିମି ବର୍ଷା ହୋଇଥିବାର କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି ।ସେଠାରେ ବର୍ଷାର ପରିମାଣ କାମଥିବାରୁ ସୁବର୍ଣ୍ଣରେଖା ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି ।ସୁବର୍ଣ୍ଣରେଖାର ରାଜଘାଟ ଗେଜ ଠାରେ ବିପଦ ସଂକେତ ୧ ୦. ୩ ୬ ମି ଥିବାବେଳେ ଖବର ଲେଖାକୁ ଜଳସ୍ତର କ୍ରମଶଃ କମି ୧ ୦. ୩ ୯ ମି ତଳେ ପ୍ରବାହିତ ହେଉଛି । ଅପରପକ୍ଷରେ ରାଜଘାଟରେ ବନ୍ୟାପାଣି କମୁଥିବାବେଳେ ଭୋଗରାଇ, ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ନୂଆଁ ଭାବେ ବନ୍ୟାପାଣି ପ୍ରବେଶ କରୁଛି ।ଭୋଗରାଇର ମନୁନଗର, କୁମ୍ଭୀର ଗଡି, ମାଟିଖଣା,କୁହ୍ଲା, ନାଛିନ୍ଦା, ଗବଗାଁ, ବାରବାଟିଆ,



ଚିରକୁଳା,ନୀଳପୁରା ପ୍ରଭୃତି ଗ୍ରାମ ସହିତ ବାଲିଆପାଳ ରସଲପୁର, ବିଷ୍ଣୁପୁର, ରାଉତରାପୁର, ନୟାବାଲି, ଇକଡପାଳ, କୁହ୍ଲା ଚଡ ଏବଂ ଜଳେଶ୍ୱର ବ୍ଲକର ବଡ଼ଖାନପୁର, ଝାଡପିମ୍ପଳ ପ୍ରଭୃତି ଗ୍ରାମଗୁଡିକ ପାଣିଘେରରେ ରହିଥିବାବେଳେ ବାହ୍ୟଜଗତରୁ ବିଛିନ୍ନ ହୋଇଛି । ଜିଲା ପ୍ରଶାସନ ସୋମବାର ବନ୍ୟାଞ୍ଚଳ ଅନୁଧ୍ୟାନକରି ଫେରିଥିବାବେଳେ ବିପନ୍ନଙ୍କୁ ସମସ୍ତ ସୁବିଧା ସୁଯୋଗ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ମଙ୍ଗଳବାର ବହୁ ବନଭାସି ଗ୍ରାମରେ ଗମନା ଗମନ ନିମନ୍ତେ ଡ଼ଙ୍ଗା ଦିଆନଯିବା ରୁ ଲୋକମାନେ ବାଧ ହୋଇ ଅଧିକ ଭଡାରେ ବିପଦ ସଂକୁଳଭାବେ ଯିବାଆସିବା କରୁଥିବାର ଅଭିଯୋଗ ହୋଇଛି। ଏପରିକି ଭୋଗରାଇ ବ୍ଲକରେ ଯୋଗାଣ ବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟାଯୋଗୁ ବନ୍ୟା ବିପନ୍ନଙ୍କ ଠାରେ ରିଲିଫ ସାମଗ୍ରୀ ପହଞ୍ଚି ନଥିବାର ଅଭିଯୋଗ ହୋଇଛି ।ବିଭିନ୍ନ ପଞ୍ଚାୟତରେ ଦିଆଯାଉଥିବା ରିଲିଫ ସାମଗ୍ରୀ ସମୁଦ୍ରକୁ ଶଙ୍ଖେ ବୋଲି ବିପନ୍ନ ମାନେ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିଥିବାର ସୂଚନା ମିଳିଛି ।ଭୋଗରାଇର ୫ଟି ସୁରକ୍ଷିତ ବାତ୍ୟାଶ୍ରୟ ସ୍ଥଳୀ ଓ ପ୍ରାଥମିକ ସ୍କୁଲ ରେ ୫ ଶହ ୫ ୦ ଜଣଙ୍କୁ ଉଠାଇ ଅଣାଯାଇ ରନ୍ଧା ଖାଦ୍ୟ ଦିଆଯାଉଥିବାବେଳେ ଅନୁରୂପ ଭାବେ ବାଲିଆପାଳ, ବସ୍ତା ଓ ଜଳେଶ୍ୱରବ୍ଲକରେ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ବନ୍ୟାସ୍ଥିତି ଗମ୍ଭୀର ଥିବାବେଳେ ସମସ୍ତ ବ୍ଲକରେ ବନ୍ୟାଜନିତ ୨୪ ଘଣ୍ଟିଆ ହେଲ୍ପ ଲାଇନ ଖୋଲା ରହିଛି ।ଜିଲାପ୍ରଶାସନ ତୀକ୍ଷ୍ଣ ନଜର ରଖିଥିବାବେଳେ ସେଚ ବିଭାଗ ନଦୀ କୂଳରେ ନଜରଦାରି ରଖିଛନ୍ତି ।

# ଜାତୀୟ ହ୍ୟାକାଥନରେ ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ

ବାଲେଶ୍ୱର(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଇଣ୍ଡିୟାନ୍ ହର୍ସସ୍ୟୁ କ୍ରାବ୍ ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଦଳ ଜୈବ ବିବିଧତା ସଂରକ୍ଷଣ ଓ ପରିବେଶ ପରିବର୍ତ୍ତନ ବିଷୟରେ ଅନୁଷ୍ଠିତ ଜାତୀୟ ହ୍ୟାକାଥନର ଅନ୍ତିମ ପର୍ଯ୍ୟାୟରେ ଗର୍ବର ସହିତ ତୃତୀୟ ସ୍ଥାନ ଅଧିକାର କରିଛି।ଏହି ଗ୍ରାଣ୍ଡ ଫାଇନାଲ ୩୦ ଜୁନ ୨୦୨୫ ରେ ବିଶ୍ୱ ବଙ୍ଗଳା କନଭେନସନ୍ ସେଣ୍ଟର, କୋଲକାତାରେ ଅନୁଷ୍ଠିତ ହୋଇଥିଲା, ଯାହା ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଙ୍କ ୧୧୦ତମ ପ୍ରତିଷ୍ଠା ଦିବସ ଉତ୍ସବର ଅଂଶ ଥିଲା। ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ମାନ୍ୟବର କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବିଜେତା ଦଳମାନଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିଥିଲେ।ବିଶ୍ୱବିଦ୍ୟାଳୟର ଛାତ୍ର ଶ୍ରୀ ସୌମ୍ୟରଞ୍ଜନ ଦାଶଙ୍କ ନେତୃତ୍ୱ ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦଳ ତାଙ୍କର କଯାପଟିଭ ବ୍ରିଡିଙ୍ଗ ଅଫ ଇଣ୍ଡିଆନ ହର୍ସସୁ କ୍ରାବସ୍ ଇନ୍ କୋଷ୍ଟାଲ ଓଡ଼ିଶା ନାମକ ଗବେଷଣା ମୂଳକ ମଡେଲ ପ୍ରସ୍ତୁତ କରିଥିଲେ, ଯେଉଁଥିରେ ବୈଜ୍ଞାନିକ ନିରୀକ୍ଷଣ, ସମୁଦାୟ ସଂଲଗ୍ନତା ଓ ଶିକ୍ଷା ଅଭିଯାନ ଆଧାରିତ ସଂରକ୍ଷଣର ପ୍ରୟାସକୁ ଉଲ୍ଲେଖ କରାଯାଇଥିଲା।ଏହି ସଫଳତା ପଛରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଇଣ୍ଡିୟାନ୍ ହର୍ସ-ସୁ କ୍ରାବ୍ ଗବେଷଣା ଓ ସଂରକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଡକ୍ଟର ଭରତ ଭୂଷଣ ପଟ୍ଟନାୟକ, ଓ ଜୀବବିଜ୍ଞାନ ବିଭାଗର ସହଯୋଗୀ ଅଧ୍ୟାପକ ଡକ୍ଟର ନିଲାଦ୍ରିଭୂଷଣ କରଙ୍କ ମୂଲ୍ୟବାନ ମାର୍ଗଦର୍ଶନ ଓ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି।ଏହି ବିରଳ ଉପଲବ୍ଧି, ଓଡ଼ିଶାର ଗବେଷଣା ଓ ସଂରକ୍ଷଣ ଜଗତ ପାଇଁ ଗର୍ବର ବିଷୟ ଓ ହର୍ସ-ସୁ କ୍ରାବ୍‌ର ସାମୂହିକ ସଂରକ୍ଷଣ ପ୍ରୟାସର ଏକ ଶକ୍ତିଶାଳୀ ଉଦାହରଣ ଭାବେ ପ୍ରତିଷ୍ଠିତ ହୋଇପାରିଛି।

## ପଞ୍ଚମ ରାଜ୍ୟଅର୍ଥ କମିଶନ ଖର୍ଚ୍ଚ ଉପରେ ଉଚ୍ଚ ଅଦାଲତଙ୍କ ରାୟ

# ୪ସପ୍ତାହ ମଧ୍ୟରେ ଅଭିଯୋଗ ସମାଧାନ ପାଇଁ ନିର୍ଦ୍ଦେଶ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ୫ମ ଅର୍ଥ କମିଶନ ଅର୍ଥ ଖର୍ଚ୍ଚ ରେ ଗ୍ରାମ ପଞ୍ଚାୟତ ନିୟମାବଳୀକୁ ଉଲ୍ଲଂଘନ କରାଯିବା ପ୍ରତିବାଦରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟାବାସନ୍ତୀ ମହାନ୍ତି ଏବଂ ଅନ୍ୟମାନେ ଉଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ । ପ୍ରକଳ୍ପ ଚୟନରେ ଲୋକପ୍ରତିନିଧିଙ୍କୁ ଦୁରେଇ ରଖାଯାଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ । ଜୁନ ୨୫ ତାରିଖରେ ବିଚାରପତି ଆର.କେ ପଟ୍ଟନାୟକ ଉକ୍ତ ମାମଲା (ଡବ୍ଲ୍ୟୁପି(ସି) ୧୪୬୩୬ ଅଫ ୨୦୨୫) ର ବିଚାର କରି ୪ସପ୍ତାହ ମଧ୍ୟରେ ଏହି ଅଭିଯୋଗର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହି ସମୟ ମଧ୍ୟରେ କୌଣସୀ କାର୍ଯ୍ୟାଦେଶ ଇସ୍ୟୁ ନକରିବା ଏବଂ କାର୍ଯ୍ୟ ନିର୍ବାହରୁ ଦୁରେଇ ରହିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି । ଏବେ ୨୪-୨୫ ଆର୍ଥିକ ବର୍ଷରେ ୫ମ ଅର୍ଥ କମିଶନ ଅର୍ଥରେ ରାସ୍ତା ନିର୍ମାଣ,ଜଳାଶ୍ରୟ ନିର୍ମାଣ,ରାସ୍ତା ମରାମତି,ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟ, ମୂଲ୍ୟବାନ ସମ୍ପତ୍ତି ରକ୍ଷଣାବେକ୍ଷଣ, ମାର୍କେଟ କମ୍ପ୍ଲେକ୍ସ ଇତ୍ୟାଦି କାର୍ଯ୍ୟପାଇଁ ପାଖପାଖି ଖଇରା ବ୍ଲକକୁ ସାଢେ ୩କୋଟି ଟଙ୍କା ପ୍ରଦାନ କରାଯାଇଛି । ହେଲେ ପ୍ରକଳ୍ପକୁ ବିଧିବଦ୍ଧ ଭାବେ ଚୟନ କରାନଯିବା ତଥା ଲୋକପ୍ରତିନିଧି ମାନଙ୍କ ମତାମତକୁ ଉପେକ୍ଷା କରାଯିବା ପ୍ରତିବାଦରେ ଶ୍ରୀମତୀ ମହାନ୍ତି ଓ ବହୁ ଲୋକପ୍ରତିନିଧି ନ୍ୟାୟ ପାଇଁ ଅଦାଲତର ଆଶ୍ରୟ ନେଇଥିଲେ ବୋଲି କହିଛନ୍ତି ।

# ବନ ମହୋତ୍ସବ ଉଦ୍‌ଘାଟିତ

ଠାକୁରମୁଣ୍ଡା ,(ସବ୍ୟୁ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ବନ ମହୋତ୍ସବ ସପ୍ତାହ ଉଦଘାଟିତ ହୋଇଯାଇଛି । ସପ୍ତାହ ବ୍ୟାପୀ ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଚମକପୁର ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ବନ ମହୋତ୍ସବ ଉଦଘାଟନ ହୋଇଛି । କାର୍ଯ୍ୟକ୍ରମ ଆରମ୍ଭରେ ବାଳିକା ମାନେ ଏକ ସଂକ୍ଷିପ୍ତ ସଚେତନତା ମୂଳକ ଏକାଙ୍କିକା ପରିବେଷଣ କରିଥିଲେ । ଏହି ଅବସରରେ ବନାଞ୍ଚଳ ଅଧିକାରୀ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ମା ପାଇଁ ଗଛଟିଏ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏବଂ ୧୯୫୦ ମସିହାରେ ତତ୍କାଳୀନ କୃଷି ଓ ଖାଦ୍ୟ ମନ୍ତ୍ରଣାଳୟ ମନ୍ତ୍ରୀ କେ. ଏମ. ମୁନସୀଙ୍କ ଦୁରଦୃଷ୍ଟି ଯୋଗୁଁ ଆଜି ବନ ମହୋତ୍ସବ ପାଳିତ ହୋଇଆସୁଛି । ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନପାଳ ବିଦ୍ୟାଧର ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ, ଗାୟତ୍ରୀ ମହାନ୍ତ, ସମାଜସେବୀ ପଦ୍ମଲୋଚନ ନନ୍ଦ, ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ରାଜେଶ କୁମାର ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ଶିକ୍ଷୟିତ୍ରୀ ସୁଷମାରାଣୀ କର, ଲଳିତା ମହାନ୍ତ, ସସ୍ମିତା ନାଏକ ଓ ସରିତା ମୁର୍ମୁ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ




ବାଲେଶ୍ୱର,(ସବ୍ୟୁ): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଆଧାତ୍ମିକ ପ୍ରବଚକ ଡ. ଭାଗବତ ପ୍ରସାଦ ବେହେରା ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ତଥ୍ୟ ଓ ତତ୍ତ୍ୱ ସମ୍ବଳିତ କଥାମୃତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଏହି କାର୍ଯ୍ୟକ୍ରମକୁ ପୌରୋହିତ କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚଆହ୍ୱାନ ଓ ଅନ୍ୟତମ ଯୁଗ୍ମ ସଂପାଦକ ଜ୍ଞମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ରନାଥ ରାଉତ, ନିରଞ୍ଜନ ରାଉତ, ଡ. ହେମମାଳା ଦାଶ, ଉର୍ମିଳା ନାୟକ, କଲ୍ୟାଣୀ ନନ୍ଦ, ଶାନ୍ତି ବିଶି, ରିତେଶ ଦାଶ, ବେଣୁଧର ସାହୁ, ମନ୍ମଥ କୁମାର ସାହୁ, ଡ. ଶିରୀଶ ଚନ୍ଦ୍ର ଜେନା, ସ୍ନିଗ୍ଧା ସାମନ୍ତରାୟ, ରମାକାନ୍ତ ମହାନ୍ତି, ମହେନ୍ଦ୍ର ପୁଥାଳ, ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ତପନ ରାୟ, ପ୍ରଦୀପ କୁମାର ଚାଟ୍ଟାର୍ଜୀ, ଦୀପକ ବୋଷ, କରୁଣାକର ସ, ଶରତ କୁମାର ମହାପାତ୍ର, ନିତ୍ୟାନନ୍ଦ ରାଉତ, ଦୀପକ ଦାସ, ମଧୁସୂଦନ ମାଝୀ, ଲକ୍ଷ୍ମୀକାନ୍ତ ବେହେରା, ହେମେନ୍ଦ୍ର ମହାପାତ୍ର, ଲମ୍ବୋଧର ନାୟକ, ବିଦ୍ୟାଧର ସାହୁ, ହରେକୃଷ୍ଣ ପଲେଇ, ରତିକାନ୍ତ ମଲ୍ଲିକ ପ୍ରମୁଖ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

## ୯ ସାଇଲେନ୍ସର ଜବତ

# ଚାଳକଙ୍କ ମଧ୍ୟରେ କୋକୁଆ ଭୟ

ଭଦ୍ରକ,(ସବ୍ୟୁ): ଗତ ଦୁଇ ଦିନରେ ଭଦ୍ରକ ଟାଉନ ପୋଲିସ ସହରର ବିଭିନ୍ନ ଛକ ବଜାରରୁ ବିକଟାଳ ଶବ୍ଦ କରିଯାଉଥିବା ବାଇକର ସାଇଲେନ୍ସର ଖୋଲିଛି। ଯାହାକୁ ନେଇ ବାଇକ ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସହରର ଜନଗହଳି ରାସ୍ତାରେ ଅମାନିଆ ବାଇକ ଚାଳକ ମାନେ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ଶବ୍ଦ ପ୍ରଦୂଷଣ କରିବା ସହ ସାଧାରଣ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଥିଲେ। କିଛିଇ ଯୁବକ ସଉକରେ ନିଜ ବାଇକର ସାଇଲେନ୍ସର ବଦଳାଇ ଅଧିକ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ଖୁସି ହେଉଥିଲେ। ଏନେଇ ବିଭିନ୍ନ ସମୟରେ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଅଭିଯୋଗ ମଧ୍ୟ ହେଉଥିଲା। ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଏହାକୁ ଗୁରୁତ୍ୱ ଦେଇ ଗତ ୨ ଦିନରେ ୯ ଟି ବାଇକରୁ ବିକଟାଳ ଶବ୍ଦ କରୁଥବବା ସାଇଲେନ୍ସର ଖୋଲିନେଇଥିବା କହିଛନ୍ତି। ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ବୋଲି ଥାନାଦ୍ୱକାରୀ ମିଶ୍ର ମହିଛନ୍ତି।

# ୩୦ ଗ୍ରାମ ବ୍ରାଉନସୁଗର ଜବତ, ୨ ଗିରଫ

ଭଦ୍ରକ,(ସବ୍ୟୁ): ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ସୋମବାର ସନ୍ଧ୍ୟାରେ ବ୍ରାଉନ ସୁଗାର ଜବତ କରିବା ସହ ୨ ଜଣକୁ ଗିରଫ କରିଛି ବୋଲି ମଙ୍ଗଳବାର ଅପରାହ୍ନ ଗୋଟାଏରେ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ସୋମବାର ଅପରାହ୍ନ ୫ ଟାରେ ୧୬ ନଂ ଜାତୀୟ ରାଜପଥର ନଳାଙ୍ଗ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ମୋଟର ଯାନ ଚେକିଂ ବେଳେ ୨ ଜଣ ଯୁବକ ଏକ ଧଳାରଙ୍ଗର ସ୍କୁଟିରେ ବିନା ହେଲମେଟରେ ଭଦ୍ରକରୁ ନଳାଙ୍ଗ ଯାଉଥିବା ବେଳେ ପୋଲିସ ଅଟକାଇ ତାଲାସୀ ନେଇଥିଲା। ସେମାନଙ୍କ ଠାରୁ ୨୯. ୭୫ ଗ୍ରାମର ବ୍ରାଉନ ସୁଗାର ସହ ଓଜନ ମେସିନ, ଗୋଟିଏ ମୋବାଇଲ ଫୋନ,୧୫ ଟି କାଗଜ ପ୍ୟାକେଟ, ନଗଦ ୩ ହଜାର ଟଙ୍କା ଜବତ କରାଯାଇଥିଲା।୨ଗିରଫ ହେଉଛନ୍ତି ଭଦ୍ରକ ଟାଉନ ଥାନା ଅଧିନ ଅପର୍ତ୍ତିବିନ୍ଧା ମୀର ସାହିର ସେକ କସୁର (୨୩) ଓ ଯାଜପୁର ଟାଉନ ଥାନାରେ ଅଧିନ ସନ୍ଥମାଧବପୁର ଗ୍ରାମର ବଳରାମ ବେହେରା ବୋଲି ସୂଚନା ଦିଆଯାଇଛି। ଏମାନେ କେଉଁଠାରୁ ବ୍ରାଉନ ସୁଗାର ଆଣିଛନ୍ତି କାହାକୁ ବିକ୍ରି କରିବେ ବୋଲି ଆଣିଥିଲେ ତଦନ୍ତ ପରେ ଜଣାପଡିବ ବୋଲି ଅତିରିକ୍ତ ଏସପି ବେହେରା କହିଛନ୍ତି। ସମ୍ମିଳନୀରେ ଥାନାଧିକାରୀ ଦୟାନିଧି ଦାଶ ଉପସ୍ଥିତ ଥିଲେ। ଥାନାରେ ମାମଲା ନଂ (୩୫୬/୨୫) ରୁଜୁ କରଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଖସିଲା ଶ୍ରେଣୀଗୃହ ଛାତ ପ୍ଲାଷ୍ଟର, ବର୍ତ୍ତିଲେ ପିଲା

ଆଗରପଡ଼ା,(ସବ୍ୟୁ): :ଲଘୁଚାପ ଜନିତ ବର୍ଷା ଲାଗି ରହିବାରୁ ଶ୍ରେଣୀଗୃହ ଛାତରେ ପାଣି ଜମି ରହିବା ଫଳରେ ପ୍ଲାଷ୍ଟର ଖସି ପଡ଼ିଥିଲା। ଅଳ୍ପକେ ବଡ଼ ବିପଦରୁ ବର୍ତ୍ତି ଯାଇଛନ୍ତି ପିଲାମାନେ। ଏହିପରି ଘଟଣା ଘଟିଛି ଆଗରପଡ଼ାସ୍ଥିତ ପୁରୁଷଣ୍ଡ ନୋଡାଲ ସ୍କୁଲରେ। ସୋମବାର ସ୍କୁଲର ଶ୍ରେଣୀଗୃହ ଗୁଡ଼ିକ ଖୋଲା ହେବା ପରେ ଗୋଟିଏ ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସୁଥିବାର ଦେଖିବାକୁ ମିଳିଥିଲା। ତେଣୁ ପିଲାମାନଙ୍କୁ ଏଠାରେ ବସାଯାଇ ନଥିଲା। ଯାହାକି ପିଲାମାନେ ବଡ଼ ବିପଦ ମୁଖରୁ ବର୍ତ୍ତି ଯାଇଥିଲେ। ଏହି ସ୍କୁଲରେ ଜଳ ନିଷ୍କାସନ ପାଇଁ କୌଣସି ସୁବ୍ୟବସ୍ଥା ନଥିବାରୁ ଦୀର୍ଘ ଦିନ ଧରି ପାଣି ଜମିରହି ସ୍କୁଲ ପରିସରରେ ଦୂଷିତ ପରିବେଶ ସୃଷ୍ଟି ହେଉଛି। ଆବଶ୍ୟକୀୟ ଶ୍ରେଣୀଗୃହ ନଥିବାରୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବୀ ହେଉଛି।

# ଅବକାରୀ ଚଢ଼ାଉ : ୪ ଗିରଫ

ନୀଳଗିରି,(ସବ୍ୟୁ): ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ଆନୁକୂଲ୍ୟରେ ନୀଳଗିରିର ବିଭିନ୍ନ ସ୍ଥାନରେ ଚଢ଼ାଉକରି ୪୪ଲିଟର ଦେଶୀମଦ ଜବତ କରିବା ସହିତ ୨ହଜାର ଲିଟର ପୋଚ ନଷ୍ଟକରିଛି। ସଜନାଗଡ ପଞ୍ଚାୟତ ବାଣ୍ଡିଆପଡା ଗ୍ରାମର ମଙ୍ଗୁଲି ସିଂ(୪୫)ଙ୍କ ଠାରୁ ୪୦ଲିଟର ଦେଶୀମଦ ଜବତ କରିଥିବା ବେଳେ ଅଯୋଧ୍ୟା ଅଞ୍ଚଳର ରାଜେନ୍ଦ୍ର ସିଂ (୩୫) ଙ୍କ ଠାରୁ ୨୫ଲିଟର, ଚାପଲସାହି ଗ୍ରାମର ସୁଭଦ୍ରା ଟୁଡୁ(୩୫)ଙ୍କ ଠାରୁ ୨୩ଲିଟର ଏବଂ ଝରଣାଘାଟି ଅଞ୍ଚଳର ଖୁପ ମାରାଣ୍ଡି (୪୨) ଙ୍କ ଠାରୁ ୧୬୦ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ବାଣ୍ଡିଆପଡ଼ା ଅଞ୍ଚଳରୁ ୨ଶହ ଲିଟର ଦେଶୀମଦ ଜବତ କରିଥିବା ମିଳିତ ଟିମ୍ ୨ହଜାର ପୋଚ ନଷ୍ଟ କରିଦେଇଥିବା ବେଳେ ଏହାର କୌଣସି ଦାବୀଦାର ନଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଅବକାରୀବିଭାଗର ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ବାଲେଶ୍ୱର ଭ୍ରାମ୍ୟମାଣ ଇନ୍ସପେକ୍ଟର ହରିହର ସିଂ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଭ୍ରାମ୍ୟମାଣ ସବ୍ ଇନ୍ସପେକ୍ଟର ଭବେଶ ଦାସ ଏବଂ ଅନ୍ୟକର୍ମଚାରୀ ସାମିଲଥିଲେ।

# ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଭଦ୍ରକ,(ସବ୍ୟୁ): ଭାରତର ଅର୍ଥନୀତିର ଅନ୍ୟତମ ମହାନାୟକ ପିସି ମହାଲୋନୋବିଶଙ୍କ ତଥା ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପାଳ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଦଭାବନା ସଭା ଗୃହରେ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ,ଉପନିର୍ଦ୍ଦେଶକ ପ୍ରହ୍ଲାଦ ରଣା,ପରିସଂଖ୍ୟାନ ବିଭାଗର ପ୍ରଫେସର ଶ୍ରୀବରାଳ ଓ ଜିଲ୍ଲା ପରିସଂଖ୍ୟାନ ଅଧିକାରୀ ସୌମ୍ୟ ରଂଜନ ନାୟକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ପିସି ମହାଲୋନୋବସଙ୍କ ଭାରତୀୟ ଅର୍ଥନୀତିରେ ଯୋଗଦାନ ତଥା ତାଙ୍କ ଜୀବନ ଉପରେ ଗଭୀର ଆଲୋକପାତ କରାଯାଇଥିଲା।

## ୪ ପଥର ବୋଝେଇ

# ଡମ୍ଫର ଜବତ

ସୋର, (ସବ୍ୟୁ) :ସୋମବାର ବିଳମ୍ବିତ ରାତିରେ ଶିଙ୍ଗାଖୁଣ୍ଟା ଦେଇ ପଥର ବୋଝେଇ କରି ଯାଉଥିବା ବେଳେ ଗ୍ରାମବାସୀ ମାନେ ଚାରୋଟି ପଥର ବୋଝେଇ ଗାଡ଼ିକୁ ଅଟକ ରଖି ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଜବତ କରି ଥାନାରେ ରଖିବା ସହିତ ତଦନ୍ତ ଆରମ୍ଭ କରିଛି। ପୁଲିସର କ୍ୟାମ ସତ୍ତ୍ୱେ ମାଫିଆ ମାନେ କିଛି ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ହାତକରି ଏହି ପଥର ଚାଲାଣ କରୁଥିବା ଅଭିଯୋଗ ହୋଇଛି।

## ପାଣିରେ ବୁଡି ଶିଶୁ

# କନ୍ୟାର ମୃତ୍ୟୁ

ଠାକୁରମୁଣ୍ଡା,(ସବ୍ୟୁ):ହୁଲଡିହା ଥାନା ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ଜଣେ ଶିଶୁକନ୍ୟା ପାଣିରେ ବୁଡି ମୃତ୍ୟୁ ହୋଇଚି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଜାମୁନାଳିଆ ଗ୍ରାମ ର ବିରଞ୍ଚି ମହାନ୍ତଙ୍କ ଶିଶୁକନ୍ୟା ତୁଳସୀ ମହାନ୍ତ (୫) ଘରଠାରୁ ଅଳ୍ପ ଦୂରରେ ଅନ୍ୟ ସାଙ୍ଗମାନଙ୍କ ସହିତ ଖେଳୁଥିଲେ। ଖେଳୁ ଥିବା ସମୟରେ ଅଳ୍ପ ଦୂରରେ ଗାଡିଆ ପାଣିରେ ପଡି ବୁଡିଯାଇଥିଲା । ସେହି ସମୟରେ କିଛି ଲୋକେ ଦେଖି ପରିବାରକୁ ଖବର କରିଥିଲେ। ଗ୍ରାମବାସୀ ତୁଳସୀଙ୍କୁ ଠାକୁରମୁଣ୍ଡା ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତୁଳସୀ କୁ ମୃତ ଘୋଷଣା କରିଥିଲେ। ମହୁଲଡିହା ପୁଲିସ ୬/୨୫ ନମ୍ବର ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କୁ ମରଣାତ୍ମକ

# ଆକ୍ରମଣ କରି ଲୁଟ୍

ସିମୁଳିଆ,(ସବ୍ୟୁ): ସିମୁଳିଆ ଥାନା ଅନ୍ତର୍ଗତ ମଇତାପୂର ପଞ୍ଚାୟତର ରାମବିନ୍ଧା ରମେଶ ପୁହାଣ ସୋମବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ସମୟରେ ସର୍ଭିସ ରୋଡ଼ ରେ ଧୋବ ଗଡିଆ ପୋଲଦେଇ ଏକ ହୋଟେଲକୁ ଖାଇବାକୁ ଯାଉଥିଲେ। ହଠାତ ଆଠ ଦଶ ଜଣ ଯୁବକ ଅତର୍କିତ ଭାବେ ଆକ୍ରମଣ କରି ମାଡ଼ ମାରିବା ସହ ସୁନାଚେନ ଓ ୨୦ ହଜାର ଟଙ୍କା ସବୁ ଛଡାଇ ନେଇ ଥିଲେ। ଏ ସଂକ୍ରାନ୍ତରେ ରମେଶ ସିମୁଳିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ନେସନାଲ ହାଇୱେ ୧୬ ନିକଟରେ ଏହି ଜାଗାରେ କିଛି ନା କିଛି ଅଘଟଣ ଦେଖିବାକୁ ମିଳୁଛି। ଏଥିପ୍ରତି ପୋଲିସ ପକ୍ଷରୁ ନଜରଦେଇ ପେଟ୍ରୋଲିଙ୍ଗ ଅଧିକ କଡାକଡି କରିବାକୁ ଦାବି ହେଉଛି।

## ନଦୀରେ ଭାସିଯାଇ ପ୍ରାଣ

# ହରାଇଲେ ଚାଷୀ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଅମରିଆ ଗ୍ରାମର ଚାଷୀ ଗଜେନ୍ଦ୍ର ବେହେରା(୫୨) ବିଲକୁ କାମ କରିବାକୁ ଯାଇ ଫେରିବା ବାଟରେ କାଂଶବାଂଶ ନଦୀ ରେ ଗୋଡ ଖସିଯିବାରୁ ଭାସିଯାଇ ପ୍ରାଣ ହରାଇଛନ୍ତି । ଏକମାତ୍ର ରୋଜଗାରକ୍ଷମ ଏହି କୃଷକଙ୍କ ମୃତ୍ୟୁ ପରିବାର ତଥା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଗଜେନ୍ଦ୍ର ସୋମବାର ଅପରାହ୍ନରେ କାଂଶବାଂଶ ନଦୀ ଅପରପାର୍ଶ୍ୱରେ ଥିବା ଚାଷଜମି ଦେଖିବାକୁ ଯାଇଥିଲେ । ପୋଲ ନଥିବାରୁ ପ୍ରାୟ ଗ୍ରାମବାସୀ ନଦୀଭିତରେ ପଶି ଯାତାୟାତ କରିଥାନ୍ତି । ଗଜେନ୍ଦ୍ର ଆରପଟକୁ ଚାଲିଯାଇଥିଲେ ହେଁ ଫେରିବା ବାଟରେ ଗୋଡ ଖସିଯିବାରୁ ସେ ଭାସିଯାଇ କିଛି ଦୁରରେ ଥିବା ଗଛଲଟାରେ ଲାଗିଥିଲେ । ଖୋଜାଖୋଜି ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପାଣିରୁ ଉଦ୍ଧାର କରାଯାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ବାରମ୍ବାର ପୋଲ ପାଇଁ ଦାବୀ କରାଯାଉଥିଲେ ହେଁ ଏହି ଅଭାବ ପୁରଣ ହେଉନଥିବାରୁ ଅନେକ ସମୟରେ ଗୃହପାଳିତ ପଶୁଙ୍କର ଜିବନ ଯାଉଥିବା ବେଳେ ଏବେ ଜଣେ ଚାଷୀର ଜିବନ ଗଲାବୋଲି ଗ୍ରାମର ପ୍ରଶାନ୍ତ କୁମାର ବେହେରା ଓ ସୁଲୋଚନା ବେହେରା ଅଭିଯୋଗ କରିଛନ୍ତି । ଗରୀବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ମହାପାତ୍ର ଦାବି କରିଛନ୍ତି ।

# ଜାଳିଦେଲେ ପଞ୍ଚାୟତ ବର୍ଜ୍ୟବସ୍ତୁ ଗୃହ

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ୨୨୦ ନମ୍ବର ଜାତୀୟରାଜପଥ କଡରେ ଥିବା ରାଜବାଟ ଛକଠାରେ ଦୁଇଲକ୍ଷ ଟଙ୍କା ବ୍ୟୟରେ ଏକ ବର୍ଜ୍ୟବସ୍ତୁ ରଖିବାପାଇଁ ଗୃହରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳିଦେଇଛି । ତେବେ ସ୍ଥାନୀୟ ଯୁବକମାନେ ସେଠାରେ ଭୋଜିଭାତ କରୁଥିଲେ,ସେମାନେ ଏ କାଣ୍ଡ ଘଟାଇପାରି ଥାଆନ୍ତି ବୋଲି ସନ୍ଦେହ କରାଯାଏ ।ଏ ଘଟଣା ସୋମବାର ଦିନ ୩ ଟାରେ ଘଟିଛି । ଖବରପାଇ ସରପଞ୍ଚ ଭାମାମଣୀ ଦାସ,ପିଇଓ ଲୋପାମୁଦ୍ରା ମହାନ୍ତ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥିଲେ । ଏ ସଂକ୍ରାନ୍ତରେ ଥାନା ରେ ଲିଖିତ ଆକାରରେ ଜଣାଇବେ ବୋଲି ସେ ପ୍ରକାଶ କରିଛନ୍ତି । ବର୍ଜ୍ୟବସ୍ତୁ ରହୁଥିବା ଗୃହର ଦାଇତ୍ୱ ଗୋଟିଏ ଏସଏଚଜି ଗ୍ରୁପ କୁ ଦିଆଯାଇଥିଲା । ତେବେ ଏ ଘଟଣା କୁ ସରପଞ୍ଚ ଭାମାମଣୀ ଦାସ ନିନ୍ଦା କରିବା ସହିତ ଏ ପ୍ରକାର କାଣ୍ଡ ଘଟାଇଥିବା ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡ ଦେବାକୁ ସେ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ସାମୁହିକ ଛୁଟିରେ ଯିବେ ଜିଲ୍ଲାର

# ସମସ୍ତ ଓଏଏସ ଅଧିକାରୀ

କେନ୍ଦୁଝର,(ସବ୍ୟୁ):ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୁହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ସୂଚିତ କରାଯାଇଛି । ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତ କ୍ଷୋଭ ପ୍ରକାଶ ପାଇଥିଲା, ଏହି ଆକ୍ରମଣକୁ କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ପଷ୍ଟ ଆକ୍ରମଣ ବୋଲି କହିଥିଲେ। ସଂଘ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ପ୍ରସ୍ତାବ ଗୃହୀତ କରାଯାଇଛି ।ଆକ୍ରମଣକୁ ବିରୋଧ କରି ଏହି ଆନ୍ଦୋଳନକୁ ଜିଲ୍ଲା ଓଡ଼ିଶା ରାଜସ୍ୱ ସଂଘ ଏବଂ ରାଜସ୍ୱଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଛନ୍ତି।

# ବେଙ୍ଗାଲୁରୁ ଜିଗନୀରେ ରଥଯାତ୍ରା

ସିମୁଳିଆ,(ସବ୍ୟୁ): ବାଙ୍ଗାଲୋର ଜିଗନୀରେ ଜୟ ଜଗନ୍ନାଥ ସେବା ସମିତି ଓ ଓଡ଼ିଆ ସମାଜ ପକ୍ଷରୁ ବହୁ ଧୂମାଧାମରେ ରଥଯାତ୍ରା ପାଳିତ ହୋଇ ଯାଇଛି କ୍ଷ ନବ ଯୌବନ ଦର୍ଶନ, ପହଣ୍ଡି ବିଜେ, ରଥଯାତ୍ରା ନିମନ୍ତେ ସମସ୍ତ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପଣ୍ଡିତ ବିଶ୍ୱନାଥ କର ଓ ପ୍ରଶାନ୍ତ କୁମାର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ । ସମିତିର ସଭାପତି ଅମୂଲ୍ୟ ଚନ୍ଦ୍ର ରାଉତ ସେବକ ଭାବେ ଛେରା ପହଁରା କରିଥିଲେ । ବହୁ ଓଡ଼ିଆ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ଭଂଜନ, କୀର୍ତ୍ତନ ତାଳେ ତାଳେ ରଥକୁ ଟାଣି ଟାଣି ମାଉସୀ ମାଆ ବାଡ଼ି ପର୍ଯ୍ୟନ୍ତ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ଜଗନ୍ନାଥ ଦାସ ଅଧିକାରୀ, ଉପସଭାପତି ସୁଶାନ୍ତ କୁମାର ନାଥ, କମିଟିର ମୁଖ୍ୟ ଦେବେନ୍ଦ୍ର କୁମାର ରାଉତ, ମହେଶ୍ୱର ଜେନା, କରୁଣାକାର ସେଠି, ଓ ସାମାଜିକ ଗଣମାଧ୍ୟମ ସୂଚନା ତୁଳିକା ରାଣୀ ସଙ୍କ ସମେତ ସମସ୍ତ ଓଡିଆ ଭାଇ ଭଉଣୀ ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ସପରିବାର ମା' ତାରିଣୀଙ୍କ ଦର୍ଶନ କଲେ ପ୍ରତାପ ଷଡ଼ଙ୍ଗୀ

କେନ୍ଦୁଝର,(ସବ୍ୟୁ): ପରିବାର ସହିତ ଘଟଗାଁ ଆସି ମା ତାରିଣୀଙ୍କ ଦର୍ଶନ କଲେ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ। ସାଂସଦଙ୍କ ଗସ୍ତ ଖବର ପାଇ ବିଜେପି ନେତା ଏବଂ କେନ୍ଦୁଝର ରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇବାର୍ଥ ର ପ୍ରତିଷ୍ଠାତା ସୁନୀଲ କୁମାର ବେହେରା ଏବଂ ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁ ଏବଂ ତାଙ୍କ ଟିମ ଉପସ୍ଥିତ ରହି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମା ତାରିଣୀଙ୍କ ପୀଠରେ ସ୍ୱାଗତ କରିଥିଲେ। ମା ଙ୍କ ଦର୍ଶନ କରି ଆଶୀର୍ବାଦ ନେବାସହିତ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ। ଦର୍ଶନ ପରେ କେନ୍ଦୁଝର ଆସି ଇଣ୍ଡିଆନ ବାଇବାର୍ଥ ର ପ୍ରତିଷ୍ଠାତା ସୁନୀଲ କୁମାର ବେହେରା ଙ୍କ କେନ୍ଦୁଝର ମାଇନିଙ୍ଗ ସ୍ଥିତ ବାସଭବନରେ ପହଞ୍ଚି ସେଠାରେ



ପରିବାର ସହିତ ମିଶିବା ଏବଂ ଇଣ୍ଡିଆନ ବାଇବାର୍ଥର କର୍ମକର୍ତ୍ତାଙ୍କ ସହିତ ମିଶି ସାଂସଦ ଶ୍ରୀ ଷଡ଼ଙ୍ଗୀ ଖୁବ ଆନନ୍ଦିତ ହେବାସହିତ ନିଷ୍ଠାର ସହିତ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତି ମାନଙ୍କର ସେବା କରିବାକୁ ପରାମର୍ଶ ଦେଇଥିଲେ। ପରେ ସନ୍ଧ୍ୟାରେ ସାଂସଦ କେନ୍ଦୁଝରରୁ ନୀଳଗିରି ଅଭିମୁଖେ ଗସ୍ତ କରିଥିଲେ।

# ବର୍ଷକର ବିକାଶ ପୁସ୍ତିକା ଉନ୍ମୋଚନ କଲେ ସୂର୍ଯ୍ୟବଂଶୀ

ଧାମନଗର,(ସବ୍ୟୁ): ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଓ ଧାମନଗର ବିଧାୟକ ହେବାସହ ମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ଏକ ବର୍ଷ ମଧ୍ୟରେ ଧାମନଗରର ବିକାଶ ନିମନ୍ତେ ଯେଉଁ ସବୁ ପଦକ୍ଷେପ ନିଆଯାଇଛି ତା'ର ଏକ ରିପୋର୍ଟ କାର୍ଡ ଉନ୍ମୋଚନ କରାଯାଇଛି। ଧାମନଗର ଏନଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏପରି ଉନ୍ନତିର ଏକ ଦସ୍ତାବିଜ ଉନ୍ମୋଚନ କରିଛନ୍ତି। ଏଥିସହ ଧାମନଗର ଏନଏସି ଓ ପଞ୍ଚାୟତ ସମିତିର ୫ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମନ୍ତ୍ରୀ। ଧାମନଗର ଏନଏସି ଅଂଚଳରେ ୩କୋଟି ୩୮ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଶାଳା,୩କୋଟି ୧୬ଲକ୍ଷ ଟଙ୍କା ବ୍ୟୟରେ ଏକ ଆଧୁନିକ ପାର୍କ ଓ ଆମ୍ଫିଥିଏଟର,ମଳ ଉପଚାର କେନ୍ଦ୍ର ଆଦି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସେହିପରି ଧାମନଗର ବ୍ଲକ ଅଧିନରେ ବିଭିନ୍ନ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ। ଏହି ଅବସରରେ ୪୧୭ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ କାର୍ଯ୍ୟାଦେଶକୁ ମନ୍ତ୍ରୀ ବଣ୍ଟନ କରିଥିଲେ। ମନ୍ତ୍ରୀ ତାଙ୍କ ରିପୋର୍ଟ କାର୍ଡରେ ଧାମନଗର ବ୍ଲକ ଅନ୍ତର୍ଗତ ପଧାନି କୋଚିଳା ବ୍ୟାରେଜ ଠାରେ ଭୂତଳ ପାଇପ ଲାଇନ ଜଳସେଚନର ପ୍ରସ୍ତାବ,ଧାମନଗର ଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ସ୍ପୋର୍ଟ୍ସ କଂପ୍ଲେକ୍ସ ଯେଉଁଥିରେ ଆନ୍ତର୍ଜାତୀୟସ୍ତରର ଫୁଟବଲ୍ ପଡ଼ିଆ,ସିନ୍ଥେଟିକ ଆଥଲେଟିକ ଟ୍ରାକ,କ୍ରିକେଟ କୋଚିଂ ସେଣ୍ଟର,ସନ୍ତରଣ କ୍ରୀଡ଼ା ଓ ୧୦୦ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ରହିବ ବୋଲି ଦର୍ଶାଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ଲାଗି ୧୯କୋଟି ୬୨ଲକ୍ଷ ଦିଆଯାଇଥିବାବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ମୋଟ ୪୩କୋଟି ଦିଆଯାଇଛି। ସେହିପରି ଧାମନଗର ଅଂଚଳରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ ପାଇଁ ୧୨୩କୋଟି ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଧାମନଗରର ବନ୍ୟା ନିୟନ୍ତ୍ରଣ ନିମନ୍ତେ ମୋଟ ୧୩୭କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଥିବା ଦର୍ଶାଯାଇଛି। ଏଥିରେ ଶିକ୍ଷା,ସ୍ୱାସ୍ଥ୍ୟ,ଧର୍ମ ଓ ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ଏକ ବର୍ଷର ସଫଳତା ଉପରେ ଲମ୍ବା ଫର୍ଦ୍ଦ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବିଡ଼ିଓ ବନବିହାରୀ ଦିଣ୍ଡା,ଧାମନଗର ଏନଏସି ଅଧକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏସଦାନି କାଦରୀ,ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ବହୁ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୦୬)

-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-

(ଶ୍ରୀଭଗବାନୁବାଚ )

**କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।**
**ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ବିଦ୍ଧ୍ୟାସୁରନିଶ୍ଚୟାନ୍ ।।୬।।**

ଯେଉଁସବୁ ଅବିବେକୀ ମନୁଷ୍ୟ ଦମ୍ଭ ଓ ଅହଂକାର ପରବଶ ହୋଇ ଏବଂ କାମନା, ଆସକ୍ତି ଓ ଆଗ୍ରହଯୁକ୍ତ ହୋଇ (ବୃଥା ଉପବାସାଦିଦ୍ୱାରା) ଦେହସ୍ଥ ପୃଥିବ୍ୟାଦି ଭୂତଗଣଙ୍କୁ ଏବଂ ଶରୀର ମଧ୍ୟରେ ଅନ୍ତର୍ଯ୍ୟାମୀରୂପରେ ଅବସ୍ଥିତ ମୋତେ (ମୋର ଆଦେଶ ଲଂଘନ ପୂର୍ବକ) ପୀଡ଼ା ଦେଇ ଅଶାସ୍ତ୍ରବିହିତ ଉତ୍କଟ ତପସ୍ୟା କରନ୍ତି, ସେମାନଙ୍କୁ ତୁମେ ଅତି କ୍ରୂରପ୍ରକୃତିର ବୋଲି ଜାଣିବ ।।୬।।

# ରାଜ୍ୟର ଲକ୍ଷାଧିକ ସବୁଜ କାର୍ଡଧାରୀଙ୍କ ଦୁର୍ଦ୍ଦଶା

## ସମ୍ପାଦକୀୟ

**ରା**ଜ୍ୟରେ ଜଣେ ବା ଦୁଇଜଣ ସନ୍ତାନଙ୍କ ପିତାମାତା ସବୁଜ କାର୍ଡଧାରୀ ହୋଇଥିଲେ ମଧ୍ୟ ସେମାନଙ୍କ ଦୁର୍ଦ୍ଦଶା ଏବେ ରାଜ୍ୟବାସୀଙ୍କୁ ବିଚଳିତ କରିଛି । ମାନ୍ୟବର ହାଇକୋର୍ଟ ମଧ୍ୟ ଏ ବିଷୟରେ ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ଠାରୁ ଜବାବ ମାଗିଛନ୍ତି । ଏହି ଦୁର୍ଦ୍ଦଶାଗ୍ରସ୍ତ ସବୁଜ କାର୍ଡଧାରୀଙ୍କ ସଂଖ୍ୟା ଛଅ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି ।

ଉଲ୍ଲେଖନୀୟ ଯେ ବାଲେଶ୍ୱର ଜିଲ୍ଲାର ୧୧ ଜଣ ସବୁଜ କାର୍ଡଧାରୀ ନ୍ୟାୟ ପାଇବାକୁ ଏବେ ଓଡ଼ିଶା ହାଇକୋର୍ଟଙ୍କ ଆଶ୍ରୟ ନେଇଛନ୍ତି । ଗ୍ରୀନ କାର୍ଡ ବା ସବୁଜ କାର୍ଡ ଯୋଗେ ମିଳୁଥିବା ସରକାରୀ ସୁବିଧା ଓ ସୁଯୋଗ ସଂକ୍ରାନ୍ତୀୟ ପରିଯୋଜନାକୁ ରାଜ୍ୟ ସରକାର ବନ୍ଦ କରି ଦେଇଥିବା ଯୋଗୁଁ ସେମାନେ ନ୍ୟାୟ ପାଇପାରି ନାହାନ୍ତି । ସେମାନେ ସମସ୍ତେ ଗତ ୧୯୮୮ରୁ ୨୦୧୨ ପର୍ଯ୍ୟନ୍ତ ସମୟ ମଧ୍ୟରେ ଗ୍ରୀନ କାର୍ଡ ବା ସବୁଜ କାର୍ଡ ରାଜ୍ୟ ସରକାରଙ୍କ ଠାରୁ ପାଇଥିଲେ ମଧ୍ୟ ଏହି କାର୍ଡ ଅନୁଯାୟୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ପରିବାର ନିୟନ୍ତ୍ରଣ ଯୋଜନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପରିଯୋଜନା ସକାଶେ ବାସଗୃହ ନିର୍ମାଣ ସକାଶେ ଜମି, ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା, ଗୃହ ନିର୍ମାଣ ଲାଗି ସ୍ୱଳ୍ପ ଆୟ ସଂପନ୍ନ ବ୍ୟକ୍ତିଙ୍କୁ ଋଣ ଯୋଗାଣ, ସେମାନଙ୍କ ପିଲାମାନେ ପଢ଼ିବା ପାଇଁ ବୈଷୟିକ ଶିକ୍ଷାରେ ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ରହି ଆସିଥିଲା ।

ଜଣାଯାଇଛି ଯେ ୧୯୮୩ ମସିହାରୁ ଏହି ସବୁଜ କାର୍ଡଧାରୀଙ୍କ ଯାବତୀୟ ସୁବିଧାସୁଯୋଗ ଦେବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଥିଲେ ମଧ୍ୟ ତାହାକୁ ରାଜ୍ୟ ସରକାର ୨୦୧୨ ମସିହାରେ ପ୍ରତ୍ୟାହାର କରି ନେଇଥିଲେ । ଫଳରେ ରାଜ୍ୟରେ ଥିବା ପ୍ରାୟ ଛଅ ଲକ୍ଷ ଦମ୍ପତିଙ୍କ ମଧ୍ୟରେ ଏ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ବର୍ଷ ବର୍ଷ ଧରି ଏହି ହିତାଧିକାରୀମାନେ କୌଣସି ସୁବିଧା ସୁଯୋଗ ପାଇ ନଥିଲେ । ଓଡ଼ିଶା ହାଇକୋର୍ଟରେ ଆବେଦନକାରୀମାନଙ୍କର ଆବେଦନଗୁଡ଼ିକ ବିଚାର ପାଇଁ ଗୃହୀତ ହେବା ପରେ ଗତ ଜୁନ୍ ୨୬ (୨୦୨୫)ରେ ଏହାର ଶୁଣାଣୀ ହୋଇଥିଲା । ଆବେଦନକାରୀମାନଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ହାଇକୋର୍ଟଙ୍କୁ ଆବେଦନ କରିଥିଲେ ଯେ ଯଦିଓ ନୂଆ ଗ୍ରୀନ କାର୍ଡ ସରକାର ଏବେ ଦେଉନାହାନ୍ତି, ତଥାପି ରାଜ୍ୟ ସରକାର ଗ୍ରୀନ କାର୍ଡ ହୋଲଡରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ହେଉଛି ତାଙ୍କର ନୈତିକ କର୍ତ୍ତବ୍ୟ ।

ଆବେଦକାରୀଙ୍କ ଆବେଦନକୁ ଦୃଷ୍ଟିରେ ରଖି ହାଇକୋର୍ଟର ମାନ୍ୟବର ବିଚାରପତି ଶଶିକାନ୍ତ ମିଶ୍ର ରାଜ୍ୟ ସରକାରୀ ଓକିଲମାନଙ୍କ ଠାରୁ ଜବାବ ମାଗିଥିଲେ ଯେ ସରକାର କାହିଁକି ଏହି ସୁବିଧାସୁଯୋଗ ସବୁ ଦେଉନାହାନ୍ତି, ସେ ବିଷୟରେ ବୁଝି ଜଣାନ୍ତୁ । ଆସନ୍ତା ଜୁଲାଇ ୧୭ରେ ଏ ବିଷୟରେ ପରବର୍ତ୍ତୀ ଶୁଣାଣୀ ହେବା ଲାଗି ତାରିଖ ଧାର୍ଯ୍ୟ ହୋଇଛି । ଗତ ବର୍ଷ ନଭେମ୍ବର ୩୦(୨୦୨୪)ରେ ଆବେଦନକାରୀମାନେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଲେଖି ବାଲେଶ୍ୱରର ଜିଲ୍ଲାପାଳଙ୍କୁ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବଙ୍କୁ ମଧ୍ୟ ଜଣାଇଥିଲେ । ମାତ୍ର ସେ ବିଷୟରେ କୌଣସି ସୁଫଳ ନ ମିଳିବାରୁ ଆବେଦନକାରୀମାନେ ଓଡ଼ିଶା ହାଇକୋର୍ଟଙ୍କର ଆଶ୍ରୟ ନେଇଥିଲେ ।

ଆବେଦନକାରୀମାନେ ହାଇକୋର୍ଟଙ୍କ ନିକଟରୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏକ ନିର୍ଦ୍ଦେଶ ମିଳିବ ବୋଲି ଆଶା କରିବା ସଙ୍ଗେ ସଙ୍ଗେ ସେମାନେ ପୂର୍ବରୁ ମିଳୁଥିବା ସୁବିଧା-ସୁଯୋଗ ଫେରି ପାଇବେ ବୋଲି ବିଶ୍ୱାସ କରୁଛନ୍ତି । ଆବେଦନକାରୀମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଓ ଦରିଦ୍ର ଶ୍ରେଣୀର । ଗତ ୨୦୦୭ ମସିହାରେ ରାଜ୍ୟ ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ରାଜସ୍ୱ ପର୍ଷଦକୁ ନିର୍ଦ୍ଦେଶ ଦେଇଥିଲେ ଯେ ଗ୍ରୀନକାର୍ଡଧାରୀ ଭୂମିହୀନମାନଙ୍କୁ ଘର କରିବା ପାଇଁ ଭୂମି ଯୋଗାଇ ଦିଆଯାଉ । ମାତ୍ର ରାଜସ୍ୱ ପର୍ଷଦ ସେ ବିଷୟରେ କୌଣସି ପଦକ୍ଷେପ ନେଇ ନାହାନ୍ତି ।

ଏବେ ରାଜସ୍ୱ ବିଭାଗ ଜମିଜମା ରେକର୍ଡର ଆଧୁନିକୀକରଣ ଲାଗି ଉଦ୍ୟମ ଜାରି ରଖିଛନ୍ତି । ସମାଜର ନିମ୍ନବର୍ଗରେ ଥିବା ଭୂମିହୀନଙ୍କୁ ଜମି ଓ ଘର କରିବା ପାଇଁ ଋଣର ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି । ମାତ୍ର ମନେ ହେଉଛି, ଏ ଘୋଷଣା ସବୁ ଯେପରି କାଗଜପତ୍ରରେ, ଖବରକାଗଜରେ କିମ୍ବା ଟି.ଭି. ଚାନେଲମାନଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଯାଉଛି । ଗରିବ ଲୋକଙ୍କ ପାଇଁ ହେଉଥିବା ଯୋଜନାଦ୍ୱାରା ଗରିବ ଲୋକେ ଉପକୃତ ହୋଇପାରିଲେ, ରାଜ୍ୟ ସରକାର ଖୁବ୍ ଆତ୍ମସନ୍ତୋଷ ଲାଭ କରନ୍ତେ ବୋଲି ମନେ ହେଉଛି ।

### ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ସଂଗ୍ରାହକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଦ**ଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ । ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା । ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ । ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ । ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା ।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ । ଆଜି, ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆ ସବୁଠି ରହିଛି ।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ, ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା । ଆଜି, ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି । ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି । ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି । ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି । ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି ।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି । ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି । ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି ।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛିଛ ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ । ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ । ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି । ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି । ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି । ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି । ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି ।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ :** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)-ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି । ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି । କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢୁଛି । ୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବଛ ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢୁଛୁ । ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ ।

* * *

# ଭକତ ନିମନ୍ତେ ତୋର ଶଙ୍ଖଚକ୍ର ଚିହ୍ନ





**ବିଜୟଲକ୍ଷ୍ମୀ ପଟ୍ଟନାୟକ**

**ତ**ରଙ୍ଗ କଲ୍ଲୋଳିତ ସୁନୀଳ ସାଗର, ସ୍ୱର୍ଣ୍ଣାଭ ବାଲୁକାକୀର୍ଣ୍ଣ ବିସ୍ତୀର୍ଣ୍ଣ ରମଣୀୟ ବେଳାଭୂମି, ତାଳତମାଳ ନାରିକେଳ ବୃକ୍ଷରାଜିର ଶୋଭନ ସବୁଜିମା- ତା' ଭିତରେ ବିଶ୍ୱମୟ ପରମ ସତ୍ୟ, ପରମ ଭାଗବତ, ସତ୍ ଚିତ୍ ଆନନ୍ଦର ମୂର୍ତ୍ତିମନ୍ତ ପୁରୁଷ ଶ୍ରୀଜଗନ୍ନାଥ । ହେ ନାରୀ-ବଦନ- କମଳ- ସ୍ୱାଦ-ମଧୁପ, ହେ ନୀଳଭୂଧରଭୂଷିତ ପରମ ପାବନ କୃପା ପାରାବାର , ହେ ନୀଳଶୈଳର ନୀଳକନ୍ଦରାନନ୍ଦ, ହେ କୃପାସିନ୍ଧୁ, ସର୍ବ ଭବରୋଗର ବୈଦ୍ୟ ତୁମ ଚରଣକମଳରେ କୋଟି କୋଟି ପ୍ରଣାମ ନିବେଦନ କରୁଛୁ ଆମେ ଦୀନ ଅକିଞ୍ଚନମାନେ । ଡେଣାମେଲି ଉଡିବାର ପ୍ରବଣତା ନୁହେଁ, ଭୂମିଲଗ୍ନା ହେବାର ଶୁଭ ମୁହୂର୍ତ୍ତର ସଂକଳ୍ପ ସେହି ଓଡ଼ିଆ ତତ୍ତ୍ୱର ଜୀବନବୋଧର ଜୀବରେ ତାଙ୍କର ସହାବସ୍ଥାନ । ମହାମାନବୀୟ ଯଜ୍ଞବେଦୀରେ ତାଙ୍କୁ ସମର୍ପଣର ଆହୁତି ଦେବାକୁ ଠିଆ ଜନସମୁଦ୍ର । ଜାତୀୟ ଉତ୍ତରଣର ସମୁଦ୍ରରେ ତାଙ୍କର ଶ୍ରଦ୍ଧାମୟ ସନ୍ତରଣ ଓ ଲୋକତନ୍ତ୍ରରେ ଦୁଷ୍ଟ ଶକ୍ତିର ପ୍ରତିରୋଧ କରି ପତିତଜନଙ୍କୁ ଉଦ୍ଧାର ତାଙ୍କର ସଂକଳ୍ପ । ସେଇଥିପାଇଁ ସେ ଓଡିଆଙ୍କ ହୃଦୟରେ ତିଆରିଛନ୍ତି ଚାଖଣ୍ଡେ ଜାଗା । ତାଙ୍କ ଭଜନ, ଜଣାଣ, କବିତା ଓ କଥାରେ ଥାଏ ଚଳମାନ ବିଶ୍ୱରେ ମାନବବାଦର କଥା । ସେ ଛୁଇଁ ଯାଆନ୍ତି ଭକ୍ତର ହୃଦୟକୁ, ତିନ୍ତିଯାଆନ୍ତି ଭକ୍ତର ଭାବରେ । ନୀଳଗିରି ପର୍ବତରେ ସମସ୍ତ ପାପର ତ୍ରାଣକର୍ତ୍ତା ବିଷ୍ଣୁରୂପୀ ନୀଳମାଧବଙ୍କର ଦାରବ ଲୀଳା ମହୋତ୍ସବମୟ କୋଳାହଳମୟ ଆନନ୍ଦମୟ । ଓଡ଼ିଶାର ଧର୍ମ ପରମ୍ପରା ରୀତିନୀତି ସବୁ ଗୋଟିଏ ସ୍ଥାନରେ ଠୁଳ । ତେଣୁ ଗୋପବନ୍ଧୁ ଲେଖିଲେ -

*'ଉତ୍କଳେ ନେତାର ନାହିଁ ପ୍ରୟୋଜନ*
*ଉତ୍କଳର ନେତା ସ୍ୱୟଂ ନାରାୟଣ ।'*

ଜଗନ୍ନାଥ ଧର୍ମ ସର୍ବଧର୍ମର ସମନ୍ୱୟ । ଏକତ୍ୱରେ ବହୁତ୍ୱ ଓ ଦିବ୍ୟତ୍ୱ । ପ୍ରବହମାନ କାଳସ୍ରୋତରେ, ଭିନ୍ନ ଭିନ୍ନ ତରଙ୍ଗରେ ଏହି ସଂସ୍କୃତିର ସୂକ୍ଷ୍ମାତିସୂକ୍ଷ୍ମ ଧାର୍ମିକ ବିବେଚନା ବାସ୍ତବରେ ରହସ୍ୟମୟ । ବେଦ, ବ୍ରାହ୍ମଣ୍ୟ, ଆରଣ୍ୟକ, ଉପନିଷଦ, ଯନ୍ତ୍ର-ମନ୍ତ୍ର-ତନ୍ତ୍ର, ଶାସ୍ତ୍ର - ସ୍ତୋତ୍ର, ସୂତ୍ର- ଭାଷ୍ୟ, ପିଟକ-ଓଷା-ବ୍ରତ, କଥା-କିମ୍ବଦନ୍ତୀ ବହୁରୂପରେ ବିରାଜିତ ଦାରୁବ୍ରହ୍ମ । ଶୈବ, ଶାକ୍ତ, ଜୈନ ବୌଦ୍ଧ, ସୌର ଗାଣପତ୍ୟ, ରାମାନୁଜୀ ରାମାନନ୍ଦୀ, ମାଧ୍ୱ , ଚୈତନ୍ୟ, ନାନକ ଶଙ୍କର-ଏହି ମହାସମୁଦ୍ର ପୀଠରେ କିଏ ଅବଗାହନ ନ କରିଛି ଯେ ! ବେଦ ବର୍ଣ୍ଣିତ ନିରାକାର ନିର୍ଗୁଣ ଦାରୁବ୍ରହ୍ମଙ୍କୁ ସାକାର ରୂପ ଦେବା ପାଇଁ ଜଗନ୍ନାଥଙ୍କ ବିଗ୍ରହର ପରିକଳ୍ପନା-ବୈଦିକ ତତ୍ତ୍ୱସମ୍ମତ ଅଥଚ ପାରମ୍ପରିକ ମୂର୍ତ୍ତି ତତ୍ତ୍ୱର ଏକ ବ୍ୟତିକ୍ରମ ।

ସେ ମାଧବରୁ ନୀଳମାଧବ, ନୀଳମାଧବରୁ ଦାରୁବ୍ରହ୍ମ -ପୁରୁଷୋତ୍ତମ । ଓଡ଼ିଶାର କେଉଁ ପୁଣ୍ୟଫଳେ ସାରା ପୃଥିବୀରେ ଜଗନ୍ନାଥ ଦର୍ଶନର ଏଇ ଘୋଷଯାତ୍ରା ପରିବର୍ଦ୍ଧିତ ଭଙ୍ଗୀରେ ଆଜି ଉଭା ହୋଇଛି । ଋକବେଦ, ପ୍ରାଚ୍ୟଭୂଖଣ୍ଡ ତଥା ସଂପୂର୍ଣ୍ଣ ବିଶ୍ୱର ପ୍ରାଚୀନତମ ଦର୍ଶନ ଗ୍ରନ୍ଥ, ଧର୍ମ ଗ୍ରନ୍ଥ, ଆଧ୍ୟାତ୍ମିକ ଗ୍ରନ୍ଥ ବୋଲି ବିବେଚିତ ଗ୍ରନ୍ଥରେ ଦାରୁବ୍ରହ୍ମ ଦାରୁବ୍ରହ୍ମ ସମ୍ପର୍କରେ ଉଲ୍ଲେଖ ରହିବା ଯେତିକି ବିସ୍ମୟକର ସେତିକି ଆନନ୍ଦଦାୟକ । ହାତ ନାହିଁ ଅଥଚ ବାହୁ ପ୍ରସାରି ସମସ୍ତଙ୍କୁ ଆଲିଙ୍ଗନ କରନ୍ତି, ପାଦ ନାହିଁ ଅଥଚ ତ୍ରିଭୁବନକୁ ଯାତ୍ରା କରନ୍ତି, ଆଖିରେ ପଟଳ ନାହିଁ, ଚକା ଚକା ଆଖିରେ ବିଶ୍ୱକୁ ଦେଖନ୍ତି । କାନ ନାହିଁ, ସାରା ସଂସାରର ଦୁଃଖକୁ କାନଡେରି ଶୁଣନ୍ତି । କିଏ କଲା ଏ ରୂପ ? ଇଏ କଣ ଗୋଟେ ରୂପ ! ଗୁଣ୍ଡିଚା ରାଣୀ ଜିଦ୍ କରି କବାଟ ଖୋଲେଇବାରୁ କଣ ଏପରି ରୂପ ହେଲା କି ? ନା ସେ ନିଜେ ଏପରି ରୂପ ହେବାକୁ ଚାହିଁଲେ ! ଚାଲିଛି ମନ ବଡଦାଣ୍ଡରେ ଘୋର ଘର୍ଘର ନାଦରେ ବ୍ରହ୍ମରଥ । ଚର୍ମଚକ୍ଷୁ ପବିତ୍ର ହେଇଯାଉଛି । ଆତ୍ମା ସହ ପରମାତ୍ମାଙ୍କ ମିଳନ, ଭକ୍ତ ସହ ଭଗବାନଙ୍କର ମିଳନ । ଭକ୍ତ ଭଗବାନଙ୍କ ମିଳନର ଏ ଅବଧି ପୁଣି ନବ ଦିନାତ୍ମକ ।

ବିଶ୍ୱର ବିସ୍ମୟ ଚିର ରହସ୍ୟମୟ ପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହି ଯାତ୍ରାକୁ ନବଦିନାତ୍ମକ ଯାତ୍ରା, ଆଡପ ମଣ୍ଡପ ଯାତ୍ରା , ଗୁଣ୍ଡିଚା ଯାତ୍ରା, ଜନ୍ମବେଦୀ ଯାତ୍ରା, ଘୋଷ ଯାତ୍ରା ବୋଲି ଅଭିହିତ କରାଯାଏ । ମହାପ୍ରଭୁଙ୍କର ବାରମାସରେ ତେରଯାତ୍ରା ମଧ୍ୟରୁ ରଥଯାତ୍ରା ହିଁ ଶ୍ରେଷ୍ଠ ଯାତ୍ରା । ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ପ୍ରଭୁ ରତ୍ନସିଂହାସନ ତ୍ୟାଗ କରନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ -

*'ସ୍ନାନ, ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯା'ର*
*ପତିତପାବନ ଅର୍ଥେ ପ୍ରାସାଦୁ ବାହାର ।'*

ଏହା ଭକ୍ତ ଭଗବାନଙ୍କର ଅପୂର୍ବ ମିଳନର ଯାତ୍ରା, ଭକ୍ତ ସହିତ ମିଳିତ ହେବାଲାଗି ପ୍ରଭୁ ଆଜି ରତ୍ନସିଂହାସନ, ରତ୍ନବେଦୀ ଛାଡି, ଷାଠିଏ ପଉଟି ଭୋଗ ଓ ଛପନ ଭୋଗର ମୋହ ଛାଡି ଓହ୍ଲାଇ ଆସିବେ ବଡଦାଣ୍ଡକୁ । ସାରା ଜଗତରେ ଏପରି କୌଣସି ଦେବତା ନାହାନ୍ତି ଯିଏକି ସମସ୍ତ ଭୋଗ ଐଶ୍ୱର୍ଯ୍ୟ ତ୍ୟାଗ କରି ଚାଲି ଆସନ୍ତି ଭକ୍ତଙ୍କ ଗହଣକୁ, ତାର ସୁଖ ଦୁଃଖ ବୁଝିବା ସହିତ ମନ ଭିତରର ଅବ୍ୟକ୍ତ ବେଦନାକୁ ଦୂରିଭୂତ କରିବା ନିମନ୍ତେ । ସେଥିପାଇଁ ସେ ହେଉଛନ୍ତି ଜଗତରନାଥ ଶ୍ରୀଜଗନ୍ନାଥ । ସେ ଭକତର ପରାଣମିତ । ସେ ପୁଣି ଭକ୍ତଙ୍କର ପ୍ରାଣର ପବନ ଓ ହୃଦର ଚନ୍ଦନ ।

ସେ ଭକ୍ତ ପ୍ରାଣ , ଭକ୍ତ ହିଁ ତାଙ୍କର ସବୁକିଛି । ସେ ଭକ୍ତ ଲାଗି ପାଗଳ । ଭକ୍ତ ବ୍ୟତୀତ ସେ କ୍ଷଣେ ମାତ୍ର ରହି ପାରନ୍ତି ନାହିଁ । ଭକ୍ତକୁ ସବୁବେଳେ ଦେଖିବା ପାଇଁ ଆଖିରେ ପଲକ ପଡେନାହିଁ । ରଙ୍ଗ ଅଧରରେ ହାସ୍ୟରେଖା ଖେଳାଇ ଦୁଇ ବାହୁ ପ୍ରସାରିତ କରି କୋଳେଇ ନେବେ ଭକ୍ତଙ୍କୁ ଆଲିଙ୍ଗନ କରିବେ । ଧନ୍ୟ ମହାପ୍ରଭୁ , ଧନ୍ୟ ତୁମର ଭକତ ପ୍ରୀତି ।

*'ଭକତ ତୋ ପିତାମାତା, ଭକତ ତୋ ବନ୍ଧୁ*
*ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ*
*ନାମ କୃପାସିନ୍ଧୁ*
*ଏକା ତୋ ଭକତ ଜୀବନ*
*ଭକତ ନିମନ୍ତେ ତୋର ଶଂଖଚକ୍ର ଚିହ୍ନ*
*ଶଂଖଚକ୍ର ଚିହ୍ନ ...।'*

ଯୁଗେ ଯୁଗେ ମହାପ୍ରଭୁଙ୍କର ଭକତ ପ୍ରୀତିର ଅନେକ ଉଦାହରଣମାନ ଶାସ୍ତ୍ରମାନଙ୍କରେ ରହିଅଛି । ସତ୍ୟ ଯୁଗରେ ଭକ୍ତ ଧ୍ରୁବର ଆକୁଳ ପ୍ରାର୍ଥନାରେ ଗୋଲକ ଧାମ ତ୍ୟାଗ କରି ପ୍ରଭୁ ଚାଲି ଆସିଥିଲେ ଧରାପୃଷ୍ଠକୁ । ଭକ୍ତକୁ ଦେଇଥିଲେ ଦିବ୍ୟ ଦର୍ଶନର ସୁଯୋଗ । ଧ୍ରୁବଲୋକରେ ରହିବା ପାଇଁ ଯାଚି ଦେଇଥିଲେ ବର । ସେହିପରି ଭକ୍ତ ପ୍ରହ୍ଲାଦକୁ ଅସହ୍ୟ ଦୁଃଖ ଯନ୍ତ୍ରଣାରୁ ଉଦ୍ଧାର କରିବା ପାଇଁ ଖମ୍ବ ଭିତରୁ ଏକ ବିଚିତ୍ର ରୂପରେ ଉଭା ହୋଇଥିଲେ ନରସିଂହ ରୂପେ । ସବୁ ଦୁଃଖଯନ୍ତ୍ରଣାର ହେତୁ ତାର ପିତା ନରସିଂହଙ୍କୁ ନଖରେ କଲେ ବିଦାରଣ । ଭକ୍ତ ବଳିକୁ ଦର୍ଶନ ଦେବାଲାଗି ପହଞ୍ଚି ଥିଲେ ତା'ର ଦ୍ୱାରଦେଶରେ ବାମନ ଅବତାର ରୂପରେ । ପୁଣି ସାଜିଥିଲେ ତା'ର ଦ୍ୱାରପାଳ । ତ୍ରେତୟା ଯୁଗରେ ପ୍ରଭୁ ରାମ ଅବତାରରେ ଅଜ୍ଞାନୀ କୈବର୍ତ୍ତର ଜିଦ୍ ନିକଟରେ ହାର୍ ମାନି ବଢାଇ ଦେଇଥିଲେ ପାଦ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗାଇଲେ -

*'ବଢ଼ାଇଦେଲେ ପୟର ଭାବଗ୍ରାହୀ ରଘୁବୀର*
*ଶୁଣିଲିଣି ପଥରେ ପଥର ଅବଳା*
*ଧୂଳିପଡି ତୋ ଚରଣୁ ଆଶଙ୍କା ଉପୁଜେ ଏଣୁ*
*ନଉକା ନାଉକା ହେଲେ ବୁଡିବ ଭେଳା*
*ବୃତ୍ତି ଏ ମୋ ପୋଷେ କୁଟୁମ୍ବ*
*ବସାଇ ନ ଦେବି ନାବ ନ ଧୋଇ ପାଦ ।*
*ବିଜ୍ଞାନୀ କୈବର୍ତ୍ତ ଧୋଇଲା*
*ବିଶ୍ୱେ ପତିତପାବନ ନାମ ରହିଲା ।'*

ମୁନିମାନଙ୍କର ଅନ୍ତରର ଭାବକୁ ବୁଝି ଅନ୍ତର୍ଯ୍ୟାମୀ ଭାବଗ୍ରାହୀ ସେମାନଙ୍କୁ ଦର୍ଶନ ଦେଇଥିଲେ ଏବଂ ସେମାନଙ୍କ ମନୋଭୀଷ୍ଟ ପୂରଣ କରିବା ପାଇଁ ଆଉଗୋଟେ ଜନ୍ମ ନେଇ ସଙ୍ଗସୁଖ ପ୍ରଦାନ କରିଥିଲେ । ମାତଙ୍ଗ ଋଷି ବର୍ଷ ବର୍ଷ ତପସ୍ୟାର ଫଳ ସ୍ୱରୂପ ଯାହା ପାଇ ନ ଥିଲେ ତାହା ପାଇଥିଲା ତାଙ୍କ ଶିଷ୍ୟା ଶ୍ରମଣା ଶବରୀ । ଯାଇଥିଲେ ଶବରୀର ଆଶ୍ରମକୁ ଆଉ ତାର ଉଚ୍ଛିଷ୍ଟ ଫଳ ଭକ୍ଷଣ କରିଥିଲେ ଆନନ୍ଦରେ । ଭକ୍ତର ଭକ୍ତି ନିକଟରେ ସବୁବେଳେ ସେ ବନ୍ଧା ପଡିଥାନ୍ତି ।

ସେହିପରି ଦ୍ୱାପର ଯୁଗରେ ପ୍ରଭୁ କୃଷ୍ଣ ଅବତାରରେ ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ ଦଉଡିରେ ବନ୍ଧା ହୋଇ ଯାମଳାର୍ଜ୍ଜୁନଙ୍କୁ ଉଦ୍ଧାର କରିଥିଲେ । ଅସୁନ୍ଦରୀ କୁବୁଜା ପାଖରେ ପହଞ୍ଚି ତା'ର ଚନ୍ଦନ ଗ୍ରହଣ କରି ତାକୁ ଦିବ୍ୟ ସୁନ୍ଦର ତନୁ ପ୍ରଦାନ କରିଥିଲେ । ଅଦ୍ୟାବଧି ମଥୁରାରେ ଏକ ମନ୍ଦିରରେ କୁବୁଜା ସହିତ ପୂଜା ପାଉଛନ୍ତି ରସରାଜ ଶ୍ରୀକୃଷ୍ଣ । ଦୁର୍ଯ୍ୟୋଧନଙ୍କ ବିଭିନ୍ନ ରାଜକୀୟ ବ୍ୟଞ୍ଜନ ତ୍ୟାଗ କରି ବିଦୁରଘରେ ଶାଗଭଜା ଅନ୍ନ ଖାଇବାକୁ ଉଚିତ ମନେ କରିଥିଲେ ଭାବଗ୍ରାହୀ । ଭକ୍ତ ସୁଦାମାର ଚିରା ଗାମୁଛାରୁ ଛଡାଇ ଆଣି ଭକ୍ଷଣ କରିଥିଲେ ଖୁଦଭଜା । ପ୍ରତିଦାନରେ ଦେଇଥିଲେ ବିଳାସପୂର୍ଣ୍ଣ ପ୍ରାସାଦ ସହିତ ଅନ୍ନ ବ୍ୟଞ୍ଜନ ସବୁ । ହେ ମହାପ୍ରଭୁ ଆପଣ ଯୁଗେ ଯୁଗେ ଭକତ ଭାବରେ ବନ୍ଧା ।

*'ସେ ତ ଭକତ ଭାବରେ ବନ୍ଧାରେ*
*ସେ ତ ଭକତ ଜୀବନ ଧନ*
*ତୁ ତାକୁ ଖୋଜିଲେ ସେ ତୋତେ ଖୋଜଇ*
*ସିଏ ଜୀବ ତୁ ଜୀବନରେ*
*ଉଣା କର ନାହିଁ ମନ... ସେତ ଭକତ...।'*

ଆପଣ ନବଦିନାତ୍ମକ ଯାତ୍ରା ଶେଷ କରି ଫେରି ଆସନ୍ତୁ ଶ୍ରୀମନ୍ଦିରରୁ । ଆପଣଙ୍କ ପ୍ରିୟ ଦଇତାପତିମାନେ ଆପଣଙ୍କ ସେବା ନିମନ୍ତେ ସଜ୍ଜିତ ହେବେ ଆପଣଙ୍କ ବାହୁଡା ଯାତ୍ରା ପାଇଁ ।

ଝୁଲି ଝୁଲି ହଲି ହଲି ଆସନ୍ତୁ ଆପଣ ପହଣ୍ଡିରେ । ପିଛନ୍ତୁ ଚାହିଁଆ । ଘଣ୍ଟଘଣ୍ଟା କାହାଳି ବାଦ୍ୟ ସହିତ ଭକ୍ତ କଣ୍ଠରୁ ଝରିଆସୁ ଜୟ ଜଗନ୍ନାଥ, ଜୟ ଜଗନ୍ନାଥ । ରଥ ପ୍ରସ୍ତୁତ । ପଥ ପ୍ରସ୍ତୁତ । କୋଠାବାଡି ଗଛପତ୍ର ପ୍ରସ୍ତୁତ । ରୁଣ୍ଡ ହୋଇଛନ୍ତି ଭକତଗଣ ।

ବଡଦାଣ୍ଡ ଜନାକୀର୍ଣ୍ଣ । ସୋରିଷ ପକେଇବାକୁ ଜାଗା ନାହିଁ । ବଡଦାଣ୍ଡରେ ମୁଣ୍ଡ ମାଳର ଲହରୀ । ଭକ୍ତ ଭୂଲୁଣ୍ଠିତ । ଭକ୍ତ ଆଜି ଧୂଳିଧୂସରିତ । ନାହିଁ ହାତ ନାହିଁ ଗୋଡ । ନାହିଁ କାନ । କିଏ ତେବେ ଯାଉଛି, ଶୁଣୁଛି, କରୁଛି ? ସବୁ ସେଇ ଦାରୁବ୍ରହ୍ମ କରୁଛି, ଶୁଣୁଛି, ଯାଉଛି । ଭକ୍ତ ଏଠି କଣ ତୋତେ ମାଗିବ । ତୋତେ ଦେଖିଦେଲେ ତ ସେ ସବୁ ଭୁଲିଯିବ । ତା ଆଖିରେ ତୋ ଚକା ଆଖି ମିଶିଗଲେ ତା ଆଖିରୁ ଝର ଝର ଲୁହ ଝରିଯିବ । ସେ ଅଟକେଇ ପାରିବନି ସେ ଲୁହକୁ । ସେ ଖାଲି କହିବ -

*'ଜଗନ୍ନାଥ ହୋ...କିଛି ମାଗୁନାହିଁ ତୋତେ*
*ଧନ ମାଗୁନାହିଁ ଜନ ମାଗୁନାହିଁ*
*ମାଗୁଛି ଶରଧା ବାଲିରୁ ହାତେ ... ।'*

ପ୍ରଭୁ ଏଣେ ବଡଦାଣ୍ଡରେ ଭକ୍ତର ଗୁହାରି ଶୁଣି ଶୁଣି ଦୁଇ ପାର୍ଶ୍ୱକୁ ଚାହିଁ ଚାହିଁ ଚାଲୁଛନ୍ତି । ଟିକେ ରହୁଛନ୍ତି । ରଥ ଆଗରେ ଜନୈକ ଗୌରବର୍ଣ୍ଣ ସନ୍ନ୍ୟାସୀ । ମହାମନ୍ତ୍ର ଗାଉଥିଲେ ରଥ ଦିନ- *'ହରେ କୃଷ୍ଣ ହରେ ରାମ'*

*ନିତାଇ ଗୌର ରାଧେ ଶ୍ୟାମ '-*

ସେଦିନ ଗାଇ ଗାଇ ନାଚି ନାଚି ଧୂଳିରେ ଲୋଟି ପଡୁଥିଲେ ସେ । ମଝିରେ ମଝିରେ ମୂର୍ଚ୍ଛା ବି ଯାଉଥିଲେ । । ପାର୍ଷଦମାନେ ଜଳ ସିଞ୍ଚନ କରୁଥିଲେ । ନଦୀୟା ନବଦ୍ୱୀପର ବାସିନ୍ଦା ଶ୍ରୀଚୈତନ୍ୟ ଦେବ । ଆସୁଥିଲେ ରଥରେ ଦର୍ଶନ ନିମନ୍ତେ । ଭାବବିଭୋର ହୋଇ ଧାର ଧାର ଲୁହ ବୋହିଯାଉଥିଲା ତାଙ୍କ ବେନି ନେତ୍ରରୁ । ଆହା ! କି ଭାବ , କି ଭକ୍ତି ! ନ ଦେଖିଲେ କିଏ କଳିକାଳର ମନୁଷ୍ୟ ବିଶ୍ୱାସ କରିବ ଅବା !

ଅନତି ଦୂରରେ ରଥକୁ ଆଉଜି ଛିଡା ହୋଇଥିଲେ ଜନୈକ ଶ୍ମଶ୍ରୁଧାରୀ ବୃଦ୍ଧ । ଆଖିକୁ ଦିଶୁନଥିଲା ଭଲ । ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିଲେ ରଥକୁ ଭରା ଦେଇ । ସେ ଆଉ କେହି ନୁହଁନ୍ତି , ଆପଣଙ୍କ ଭକ୍ତ, ଯାହାକୁ ଆପଣ ଦର୍ଶନ ଦେବା ଲାଗି ରଥକୁ ଅଟକାଇ ଓହ୍ଲାଇ ଯାଇଥିଲେ ବାଲିରଥକୁ , ଆଉ ତାଙ୍କର ମାନରକ୍ଷା କରିଥିଲେ । ଭକ୍ତର ଅପମାନ କଣ ଆପଣଙ୍କ ଅପମାନ ନୁହେଁ କି ? କେମିତି ସହିଥାନ୍ତେ ? ଆଉ ଟିକେ ଦୂରରେ ବାଡିଖଣ୍ଡେକୁ ଭିରା ଦେଇ ଠିଆ ହୋଇଥିଲେ ଭକ୍ତ ଦାସିଆ । ମନେ ଅଛିନା ସାଆନ୍ତେ , ଇଏ ସେଇ ଦାସିଆ, ଯାହା ହାତରୁ ଆପଣ ବିଶାଳ ଲମ୍ବ ହାତରେ ନଡିଆ ନେଇଯାଇଥିଲେ । ସେ ମଧ ଜଗିବସିଛି, ଦେଖିବ ସେ ଚକାଆଖିକୁ ଯିଏ ଅନ୍ଧାରରେ ବି ଦେଖିପାରେ ଭକ୍ତକୁ । ବୃଦ୍ଧ ସେ, ତଥାପି ଏ ଆଶା କଣ କିଏ ଛାଡିପାରେ !

ପ୍ରଭୁ, ବଳଗଣ୍ଡିଠାରେ ଆଉ ଜଣେ ଭକ୍ତ ଅପେକ୍ଷା କରିଛି ଆପଣଙ୍କ ଦର୍ଶନ ପାଇଁ । ମନେ ଅଛି ତ, ବିଧର୍ମୀ ମୁସଲମାନ ବୋଲି ସେ ମନ୍ଦିର ମଧ୍ୟକୁ ଯାଇ ପାରୁ ନ ଥିଲା । ତେଣୁ ସେ ସିଂହଦ୍ୱାର ନିକଟକୁ ନ ଯାଇ ପାରି ତୁମକୁ ସେହି ଜାଗାରେ ଦର୍ଶନ କରିବେ ବୋଲି ଠିଆ ହେଇଛନ୍ତି । ଆଉ ଗାଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଭଜନ -

*'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ*
*ମୋ ଆରତ ନଳିନୀ ବନକୁ କର ଦଳନ '*
*ପୁଣି -*
*'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ*
*ଆମ୍ଭେ ଦ୍ରଶନ କରିବୁ କାହାକୁ ...।'*

ତାଳି ମାରି ଭଜନ ଗାଇ ଗାଇ ଅଥୟ ହୋଇଗଲେଣି । ଆସନ୍ତୁ ପ୍ରଭୁ ସେଇ ସାଲବେଗ ଯାହାଙ୍କ ପାଇଁ ଆପଣ ରଥ ଅଟକେଇ ଅପେକ୍ଷା କରିଥିଲେ ସେ ଆସିବାକୁ । ସେ ଅପେକ୍ଷା କରିଛନ୍ତି ଆପଣଙ୍କୁ ଆପଣ ତାଙ୍କୁ ଦର୍ଶନ ଦିଅନ୍ତୁ ପ୍ରଭୁ !

ଏ ମହୋଦଧି ପାଖରୁ ଆସୁଛନ୍ତି ଆଉଜଣେ ବୃଦ୍ଧ ଭକ୍ତ ଗାଇ ଗାଇ

*'ନମସ୍ତେ ପ୍ରଭୁ ଜଗନ୍ନାଥ,*
*ଅନାଥ ଜନଙ୍କର ନାଥ ।'*

ରାଧା ଅଙ୍ଗରେ ଜନ୍ମିତ ଗୌରବର୍ଣ୍ଣ ଶୁଭ୍ର ବସନ ପରିହିତ ଭକ୍ତ ଜଗନ୍ନାଥ ଦାସ । ସାତଲହଡି ମଠରୁ ବାଡି ଖଣ୍ଡିଏ ଧରି ଧୀରେ ଧୀରେ ପଦପାତ କରି ଆସୁଛନ୍ତି ଆପଣଙ୍କୁ ଦର୍ଶନ କରିବା ପାଇଁ । ଆପଣଙ୍କୁ ରଥରେ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ ବୋଲି ସେ ଗାଉଛନ୍ତି -
*'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।'*

ଅଦୂରରେ ଅପେକ୍ଷାରେ ଅଛନ୍ତି ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ,ହାଡି ଦାସଙ୍କ ଠାରୁ ଆରମ୍ଭ କରି ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀ, ଗୌରଚରଣ, ବେଣୁଧର, ଭକ୍ତଚରଣଙ୍କ ପର୍ଯ୍ୟନ୍ତ କେତେ ଲମ୍ବା ଧାଡି ତାର କଳନା ନାହିଁ ପ୍ରଭୁ । ଘଣ୍ଟ ଘଣ୍ଟା ନାଦରେ ପ୍ରକମ୍ପିତ ବଡଦାଣ୍ଡ । ଗଗନ ପବନ ପ୍ରକମ୍ପିତ, ପ୍ରକମ୍ପିତ ବଡଦାଣ୍ଡ । ମଙ୍ଗଳ ମୁହୂର୍ତ୍ତ ଉପଗତ । ଧାଡି ପହଣ୍ଡିରେ ଜଗନ୍ନାଥ ବିଜେ କରୁଛନ୍ତି ରଥାରୂଢ ହେଉଛନ୍ତି । ଦର୍ଶନରେ ସାର୍ଥକ ଜୀବନ, ଜନ୍ମ, ଚାରି ପୁରୁଷାର୍ଥ- ଧର୍ମ ଅର୍ଥ କାମ ମୋକ୍ଷ । ଆସନ୍ତୁ ମହାବାହୁ, ଦର୍ଶନ ଦିଅନ୍ତୁ । ଶତକୋଟି ଦଣ୍ଡବତ ପ୍ରଣାମ ଆପଣଙ୍କୁ ମଣିମା । ଆପଣଙ୍କ ରଥକୁ, ସେ ପଥକୁ, ସେ ବଡଦାଣ୍ଡକୁ
ସେ ଦାରୁଦିଅଁଙ୍କୁ ପ୍ରଣିପାତ ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୧୬
ମୋ-୮୮୯୫୨୭୪୭୯୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୬ ପଞ୍ଚାୟତରେ...

କରିଥିଲେ ।ଏଥିସହିତ, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଆରଡ଼ିସି ସହ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉପସ୍ଥିତ ଥିଲେ । ସେହିପରି, ଜଳସମ୍ପଦ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ବେରା ମଧ୍ୟ ଆଜି ପୂର୍ବାହ୍ନ@ ସାଢ଼େ ୧୦ଟାରେ ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ପହଞ୍ଚି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ଶ୍ରୀ ବେରାଙ୍କ ସହ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ନବ କୁମାର ମହାଲିକ ଉପସ୍ଥିତ ଥିଲେ । ଜଳସମ୍ପଦ ବିଭାଗର ଚିଫ ଇଞ୍ଜିନିୟର ଚିତ୍ତ ରଞ୍ଜନ ଭୂୟାଁ, ଜଳ ନିଷ୍କାସନ ବିଭାଗର ଆଡିସନାଲ ଚିଫ ଇଞ୍ଜିନିୟର ଦୀପକ ରଞ୍ଜନ ବେହେରା, ବାଲେଶ୍ୱର ଏସିଂଓ ତାପସ କୁମାର ନାୟକ, ସହକାରୀ ଯନ୍ତ୍ରୀ ମହେଶ୍ୱର ସିଂ, ରାଜଘାଟସ୍ଥିତ କେନ୍ଦ୍ର ଜଳ ଆୟୋଗ ଦ୍ୱାରା ପରିଚାଳିତ ବନ୍ୟା ପୂର୍ବାନୁମାନ କେନ୍ଦ୍ରର ଜେଇ ତଥା ସୁପରଭାଇଜର ପୀୟୂଷ ନନ୍ଦୀ ପ୍ରମୁଖ ମଧ୍ୟ ସୁବର୍ଣ୍ଣରେଖା ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ । ଅପରପକ୍ଷରେ ବୁଢାବଳଙ୍ଗ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ବେଶ ତଳେ ରହିଥିବାବେଳେ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ବୁଢାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬.୦୪ ମିଟରରେ ପ୍ରବାହିତ ହୋଇଛି । ସେହିପରି, ଜଳକା ନଦୀର ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ସନ୍ଧ୍ୟାରେ ୬.୬୮ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି ।

## ବୈତରଣୀରେ...

ପ୍ରବାହିତ ହେଉଛି । ସେଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିପଦ ସଙ୍କେତ ହେଉଛି ୧୮.୩୩ ମିଟର । ସୋମବାର ରାତିରେ ବନ୍ୟାଜଳ ସତର୍କ ସଙ୍କେତ ଅତିକ୍ରମ କରିଥିବାବେଳେ ମଙ୍ଗଳବାର ଅପରାହ୍ନ ଦୁଇଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତର ନିକଟତର ଅର୍ଥାତ ୧୮.୨୦ମିଟରରେ ପ୍ରବାହିତ ହୋଇ ସ୍ଥିର ରହିବା ପରେ କ୍ରମଶ କମୁଥିବାର ଜଣାଯାଇଛି । ଉପର ମୁଣ୍ଡରେ ବର୍ଷା ନଥିବାରୁ ବନ୍ୟା ହେବ ନାହିଁ ବୋଲି ଧାମନଗର ଜଳସଂପଦ ବିଭାଗ ଏସଡିଓ କିଶୋର ଦାସ ଠାରୁ ସୂଚନା ମିଳିଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ପ୍ରଶାସନ ସତର୍କ ଥିବାବେଳେ ଓଏଏସ ସଂଘର ହରତାଳ ସେ‰ ଆମେ ସମ୍ପୂର୍ଣ୍ଣ ସଜାଗ ଅଛୁ ବୋଲି ଧାମନଗର ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି । ତେବେ ଉପର ମୁଣ୍ଡରେ ବନ୍ୟା ଜଳ କମିଲେ ତଳ ମୁଣ୍ଡ ବନ୍ଧ ବାଡରେ କ୍ଷୟକ୍ଷତି ହୋଇଥାଏ । ସେଥିପାଇଁ ଜଳସମ୍ପଦ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାଯାଇଛି ।

## ୧୪ରେ...

ବିଶ୍ୱବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାସହ ରେଭେନ୍ସା ବାଳିକା ହାଇସ୍କୁଲର ଶିଳାନ୍ୟାସ କରିବେ । ଏହି ଅବସରରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଜବାହରଲାଲ୍ ନେହେରୁ ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଆଦିକବି ଶାରଳା ଦାସଙ୍କ ୬୦୦ ତମ ଜନ୍ମ ଜୟନ୍ତୀ ଉତ୍ସବ ଓ କଳିଙ୍ଗ ରନ୍ ସମ୍ମାନ ୨୦୨୪ ଲାଗି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସେହିଦିନ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

## ୧୧ରେ ରାହୁଲଙ୍କ...

ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ରାହୁଲ ଗାନ୍ଧିଙ୍କ ସମାବେଶ କିଭଳି ସଫଳ ହୋଇପାରିବ ସେ ନେଇ ସୁଚିନ୍ତିତ ମତ ଦେଇଥିଲେ ।

## ବାହୁଡା...

କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

କର୍ଡନ ଭିତରେ ଗହଳି ହ୍ରାସ କରିବା ପାଇଁ କର୍ଡନ ପାସ ପ୍ରଦାନକୁ କାଣ୍ଟ ଛାଣ୍ଟ କରିବା ପାଇଁ ସେ କହିଥିଲେ । ମହାରଣା ସେବକ ଓ ଭୋଇ ସେବକ ମାନଙ୍କ ପରାମର୍ଶ ନେଇ, ରଥ ଟଣା ନୀତି କରିବା ଆବଶ୍ୟକ ବୋଲି ସେ କହିଥିଲେ । ବାହୁଡା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସ୍ଥଳେ ଅଧିକ ଫୋର୍ସ ମୁତୟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନ ମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି ସେଗୁଡିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ସେ କହିଥିଲେ । ବାକି ଥିବା ତିନୋଟି ଉତ୍ସବରେ ଅସଂଖ୍ୟ ଲୋକ ବେଳାଭୂମିରେ ସମୟ ଅତିବାହିତ କରିବେ ତେଣୁ ବେଳାଭୂମିକୁ ସୁରକ୍ଷିତ ରଖିବା ପାଇଁ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ଅଗ୍ନିଶମ ବିଭାଗକୁ କହିଥିଲେ ।

ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପୁରୀ ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କୁ, କଡା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ ଓ କହିଥିଲେ, ଏହି କାମ ଆମ ମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ ଏହା ହେଉଛି ସୌଭାଗ୍ୟର ବିଷୟ । ସମର୍ପଣ ଭାବ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ସମାପନ ବିଷୟରେ ବିବରଣୀ ରଖିଥିଲେ ଓ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆଡପ ମଣ୍ଡପ ଦର୍ଶନ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଟ୍ରାଫିକ ନିୟନ୍ତ୍ରଣ ଓ ରଥଯାତ୍ରା ସମାପ୍ତ ହେବା ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପର ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ଗୃହ ବିଭାଗରଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହା ନିର୍ଦ୍ଦେଶକ (ଅଗ୍ନିଶମ) ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହା ନିର୍ଦ୍ଦେଶକ ଦୟାଳ ମଙ୍ଗୁଆର ଓ ପୁରୀ ଏସପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## କାର୍ଯ୍ୟାନୁଷ୍ଠାନ...

ସୁନ୍ଦରଗଡ଼, କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାର ଓଏଏସ୍ ସଂଘ ଆନ୍ଦୋଳନ ଜାରି ରଖିଛନ୍ତି । ସମସ୍ତ ଓଏଏସ ଓ ଓଆରଏସ୍ ଅଧିକାରୀ ସମୂହ ଛୁଟିରେ ଯିବା ସହିତ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି । ସେହିଭଳି ପୁରୀରେ ଓଏଏସ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନେଇ ସଂଘ ଗୋଟିଏ ଦିନ ସମୟ ଦେଇଛି । ଆସନ୍ତାକାଲି (ବୁଧବାର) ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନହେଲେ ସବୁ ଅଫିସର ସମୂହ ଛୁଟିରେ ଯିବେ ବୋଲି ସଂଘ କହିଛି । ରଥଯାତ୍ରାରେ କାମ ବନ୍ଦ ନିଷ୍ପତ୍ତିକୁ ଅଧିକାଂଶ ଅଫିସର ଗ୍ରହଣ କଲେନି । ଏଣୁ ଗୋଟିଏ ଦିନ ସମୟ ଦେବାକୁ ସାମୂହିକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କୁ ଭେଟିଛନ୍ତି ଓଏଏସ୍ ସଂଘ ସଭାପତି ଓ ସାଧାରଣ ସମ୍ପାଦକ । ସାକ୍ଷାତ ପରେ ସଂଘର ସଭାପତି ଶ୍ରୀ ମିଶ୍ର କହିଛନ୍ତି, ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ଭଲ ନାହିଁ । ସେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି । ତାଙ୍କ ବିରୋଧରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେବା ସହିତ ମିଛ କେସ ରୁଜୁ କରାଯାଉଛି । ଓଏଏସ୍ ଅଧିକାରୀଙ୍କ ମନବଳ ଉପରେ ପ୍ରଭାବ ପକାଉଛି । ତେଣୁ ଗତକାଲି ଓଏଏସ୍ ସଂଘର ସମୂହ ଛୁଟି ନିଷ୍ପତ୍ତି ସ୍ଥଗିତ ଘୋଷଣାକୁ ଆମେ ହଟେଇ ଦେଇଛୁ । ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ଛୁଟିରେ ରହିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ସେପଟେ ବିଜେପି ନେତା ଜଗନ୍ନାଥ ପ୍ରଧାନ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବିଏମସି ଅତିରିକ୍ତ କମିଶନର ଶ୍ରୀ ସାହୁ ବିରୋଧରେ ମତ ରଖିଛନ୍ତି । ଏହା ଜବାବରେ ଶ୍ରୀ ସାହୁ କହିଛନ୍ତି, ମୋ ବିରୋଧରେ ସ୍ୱଚ୍ଛ ସାଥୀ ଆଣିଥିବା ଅଭିଯୋଗ ଭିତ୍ତିହୀନ । ମୁଁ ଓ ମୋ ବ୍ୟକ୍ତିତ୍ୱ କ'ଣ ସମସ୍ତେ ଜାଣିଛନ୍ତି । ବହୁ ଲୋକ ମିଥ୍ୟା ଅଭିଯୋଗ ଆଣିବେ । ଏହା ସମ୍ପୂର୍ଣ୍ଣ ମିଛ । ପୁଲିସ ତା ହିସାବରେ କାମ କରୁଛି । ମୋର ଆଇନ ଉପରେ ଭରସା ଅଛି । ମୋତେ ସବୁ କ୍ଷେତ୍ରରୁ ବିପୁଳ ସହଯୋଗ ମିଳିଛି । ଉପରସ୍ଥ ଅଧିକାରୀଙ୍କ ଠାରୁ ନେଇ ତଳସ୍ତରର କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ ପାଇଛି । ବେଳେବେଳେ କାମ କରିବା ସମୟରେ ଏଭଳି ଦୁର୍ଘଟଣା ଘଟିଥାଏ । କିନ୍ତୁ ମୋର ଆଶା ଓ ଭରସା ଅଛି ଯେ, ଆଇନ ମୋତେ ନ୍ୟାୟ ଦେବ ବୋଲି ବିଏମସି ଅତିରିକ୍ତ କମିଶନର ଶ୍ରୀ ସାହୁ କହିଛନ୍ତି ।

## ମୃତ୍ୟୁ...

ବର୍ତ୍ତମାନସୁଦ୍ଧା ଆମେ ଧ୍ୱଂସାବଶେଷ ତଳୁ କର୍ମଚାରୀ ଓ ଶ୍ରମିକଙ୍କ ମୃତଦେହ ମିଳୁଛି । ଆହୁରି ଅଧିକାଂଶ ଏହା ଭିତରେ ଥିବାର ସନ୍ଦେହ କରାଯାଉଛି । ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ୧୪୦ରୁ ଅଧିକ ଲୋକ ଏହି କାରଖାନାରେ ଯେତେବେଳେ ବିସ୍ଫୋରଣ ଘଟିଲା ସେତେ ବେଳେ କାର୍ଯ୍ୟ କରୁଥିଲେ । ୨୫ ମୃତଦେହକୁ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇପାରିନାହିଁ । ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ କହିବାନୁଯାୟୀ ବୋମା ବିସ୍ଫୋରଣ ଭଳି ଏକ ଶବ୍ଦ ହେଲା । ସେ ଆସି ଦେଖିବାବେଳକୁ କାରଖାନାଟି ଜଳୁଥିଲା । ସେ କାନ୍ଥ ଡେଇଁ ପଳାଇ ଆସିବାରୁ ବଞ୍ଚି ଯାଇଥିଲେ । ଅଧିକାଂଶ ମଧ୍ୟ କୌଣସି ଉପାୟରେ ରକ୍ଷା ପାଇଯାଇଥିଲେ । ତେବେ ବହୁ ସଂଖ୍ୟକ ଲୋକ ତା' ମଧ୍ୟରେ ରହିଯାଇଥିଲେ । ଏହି କାରଖାନାରେ ମାଇକ୍ରୋ କ୍ରିଷ୍ଟାଲାଇନ୍ ସେଲିଲୁଜ୍ ସାମଗ୍ରୀ ତିଆରି କରାଯାଇଥାଏ । ଔଷଧ ସହ କଷ୍ଟମେଟିକ୍ସ, ଖାଦ୍ୟ ଆଦି ରହିଥାଏ । ଆମେରିକା ଓ ଅଷ୍ଟ୍ରେଲିଆରୁ ସାମଗ୍ରୀ ଆସିଥାଏ । ମୃତକଙ୍କ ମଧ୍ୟରେ ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ଆନ୍ଧ୍ରର ଶ୍ରମିକ ରହିଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ୧ କୋଟି କ୍ଷତିପୂରଣ ରାଶି ଘୋଷଣା କରିଥିବାବେଳେ ଗୁରୁତର ଆହତଙ୍କ ଲାଗି ୧୦ ଲକ୍ଷ ଓ ଆହତଙ୍କ ଲାଗି ୫ ଲକ୍ଷ ଟଙ୍କା ମିଳିବ ବୋଲି କହିଥିଲେ ।

ପୂର୍ବାହ୍ନ ୮.୧୫ରୁ ୯.୩୫ ମଧ୍ୟରେ ତେଲେଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାର ସିଗାଚୀ ଫାର୍ମ କମ୍ପାନୀରେ ବିରାଟ ବିସ୍ଫୋରଣ ଘଟିଥିଲା । ଘଟଣା ଘଟିବା ପରେ ୧୧ ଦମକଳ ବାହିନୀକୁ ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ପ୍ରଶାସନକୁ ଏ ପର୍ଯ୍ୟନ୍ତ କୌଣସି ମୃତଦେହ ମିଳିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି ।


**ଦ.ପୂ. ରେଳପଥ-ଟେଣ୍ଡର**

**ଇ-ଟେଣ୍ଡର ନୋଟିସ ବାତିଲ**

ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ପକ୍ଷରୁ ପୂର୍ବରୁ ଏହି ଖବରକାଗଜରେ ପ୍ରକାଶ ପାଇଥିବା ଇ-ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୨୫-୨୬-୩୨, ତାରିଖ : ୧୯.୦୬.୨୦୨୫ କୁ ବାତିଲ କରାଯାଇଛି ବୋଲି ବିବେଚନା କରାଯାଇପାରେ । (PR-339/C)

**AFFIDAVIT**

I ARAKSHITA MAHAVOI S/O BISUNI BEHERA AT-PODA SAHI, BADAGADA, PO-BADAGADA BRIT COLONY, PS-BADAGADA, BHUBANESWAR-751018, KHORDA, ODISHA DECLARE BY THIS AFFIDAVIT NO- 17938, DATED- 26.06.2025 THAT NOW ONWARDS I SHALL BE KNOWN AS ARAKSHITA BEHERA FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated. 30.06.2025 I, Smt. PRAMILA SINGH Address : At-Srirampur, PO : Pruthunathpur, PS : Badasahi, DIST.- Mayurbhanj, PIN-757017, Odisha declare that I have changed my daughter's NAME and DOB from "PUJA MAHANTA to ARCHANA SINGH and 24.04.2009 to 21.11.2008". Henceforth, She shall be known as "ARCHANA SINGH and 21.11.2008" for all purposes.

Sd/- (PRAMILA SINGH)

**AFFIDAVIT**

By virtue of an affidavit sworn before the Executive Magistrate BHUBAN on Dated. 1055 / 8th April 2025. I Mr. LAMBODAR SAHOO, Address WARD NO-09, BHUBAN, GOPALPURPATANA, DHENKANAL, ODISHA, 759017, Odisha, have changed my name from "SURESH KUMAR SAHOO" to "LAMBODAR SAHOO". Henceforth, I shall be known as "LAMBODAR SAHOO" for all purposes.

LAMBODAR SAHOO

**LOST**

By virtue of an affidavit, I Budhi Barik aged about 82 years S/o Hari Barik at-Poda Sahi, Po-Banthapur, Dist- Nayagarh, Pin-752081, Odisha do hereby solemnly affirm and state that the property stands record in the name of Budhi Barik under Mouza-Podasahi, ROR (Patta) No. 68/90, Plot No. 414/607 & 416/608, Area- 0.050 Decimal. I purchased this property from Natha Pradhan before 21 years ago at odagaon SRO the sale deed No. 911400401141 which are kept in my bag. That the the date sale deed has been missing in some where else in the area of Nayagarh trafic to odagaon road on dtd. 12.06.2025 at about 7 P.M. and inspite of my through search it could not be trace out. If found by any body kindly contract in the above address.


## ହେରାପଞ୍ଚମୀ...

ନବ ଦିନାତ୍ମକ ଯାତ୍ରା କରିଛନ୍ତି । ଦୀର୍ଘ ଦିନ ଧରି ମହାପ୍ରଭୁଙ୍କ ସହ ମହାଲକ୍ଷ୍ମୀଙ୍କ ସାକ୍ଷାତ ହୋଇନାହିଁ । ସେଥି ପାଇଁ ମହାଲକ୍ଷ୍ମୀ ବ୍ୟସ୍ତ ବିବ୍ରତ ହୋଇପଡିଛନ୍ତି । ହେରା ପଞ୍ଚମୀ ଦିନ ଅର୍ଥାତ ଗତକାଲି ରାତିରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ ମହାଲକ୍ଷ୍ମୀ । ଗତକାଲି ସଂଧ୍ୟା ଆଳତୀ ପରେ ଏକ ସୁସଜିତ ବିମାନ ପଟୁଆରରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀ ପହଞ୍ଚିବା ପରେ ପତିମହାପାତ୍ର ସେବାୟତ କର୍ପୂର ବନ୍ଦାପନା, ବଳିତା ବନ୍ଦାପନା,ଚାଉଳ ବନ୍ଦାପନା ଇତ୍ୟାଦି କରିଥିଲେ । ସେପଟେ ଗୁଣ୍ଡିଚା ମନ୍ଦିରକୁ ମହାଲକ୍ଷ୍ମୀ ଯିବାବେଳେ ମହାପ୍ରଭୁଙ୍କ ଠାରୁ ମୁଖଚୁମ୍ବିତ ଅଧରମାଳା ମହାଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା । ସେହି ସମୟରେ ସଂଧ୍ୟାଧୂପ ଚାଲିଥିବାରୁ ଟେରା ପଡିଥିବା କାରଣରୁ ମହାପ୍ରଭୁଙ୍କ ଭେଟ ନ ପାଇ ରାଗରେ ଅଭିମାନ କରିଥିଲେ ମା ମହାଲକ୍ଷ୍ମୀ । ରାଗ ଜର୍ଜରିତ ଅଭିମାନୀନି ମହାଲକ୍ଷ୍ମୀ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିବା ସମୟରେ ଭିତରଚ୍ଛ ମହାପାତ୍ର ଦହିପଟି ମଣୋହି ନୀତି କରିଥିଲେ । ଏହାପରେ ଅଭିମାନୀନି ମହାଲକ୍ଷ୍ମୀ ନନ୍ଦିଘୋଷ ରଥର ଚକ ଭାଙ୍ଗି ବଡଦାଣ୍ଡ ଓ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରସ୍ଥାନ କରିଥିଲେ | ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମହାପ୍ରଭୁଙ୍କ ଏହି ନୀତିକାନ୍ତି ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିର ଓ ଶରଧାବାଲି ଅଂଚଳରେ ପ୍ରବଳ ଭକ୍ତ ରୁଣ୍ଡ ହୋଇଥିଲେ । ସେପଟେ ମହାପ୍ରଭୁଙ୍କ ହେରାପଞ୍ଚମୀ ନିତି ଦେଖିବାକୁ ଗତକାଲି ରାତିରେ ହୋଇଥିଲା ହଜାର ହଜାର ଭକ୍ତଙ୍କ ଗହଳି ଚହଳି । ମହାଲକ୍ଷ୍ମୀ ବଡଦାଣ୍ଡରେ ପଙ୍କ୍ତି ଖାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ । ପ୍ରଥମେ ରଥଭଙ୍ଗା ନିତି ସାରି ସିଂହଦ୍‌ବାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ । ।ତାପରେ ମହାପ୍ରଭୁଙ୍କ ଦର୍ଶନ ନପାଇ ମହାଲକ୍ଷ୍ମୀ ରାଗଜର୍ଜରିତ ହୋଇ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ତେବେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ କଳି ଭକ୍ତଙ୍କୁ ବେଶ୍ । ରୋମାଞ୍ଚିତ କରିଥିଲା । କେବଳ ଯେ ପ୍ରତି ପରିବାରରେ ଯେଉଁ କଳି ଝଗଡା ଲାଗେ ତାହା ନୁହେଁ ମହାପ୍ରଭୁଙ୍କ ପରିବାରରେ ମଧ୍ୟ ଏହି ସମସ୍ୟା ରହିଥାଏ । ଭକ୍ତ ମାନେ ରାତି ଉଜାଗର ରହି ମହାପ୍ରଭୁଙ୍କ ଲିଳା ଦର୍ଶନ କରିଛନ୍ତି । ମହାପ୍ରଭୁଙ୍କ ସହ ଅଭିମାନିନି ମହାଲକ୍ଷ୍ମୀ ରାଗଜର୍ଜରିତ ହୋଇ ଫେରିଯିବା ଖବର ପାଇବା ପରେ ମହାପ୍ରଭୁ ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରମ୍ପରା ଆଧାରରେ ଷଷ୍ଠୀ ତିଥିରେ ତିନିରଥର ଦକ୍ଷିଣ ମୋଡ କରାଯିବ ।

## ଆଉ ଦୁଇ...

ଉଚିତ୍ ପଦକ୍ଷେପ ନେବାକୁ । ଶ୍ରୀ ସାହୁଙ୍କୁ ୫ଜଣ ଦୁର୍ବୃତ୍ତ ଅଫିସ୍ ଭିତରେ ମାଡ ମାରିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଥିବା ବେଳେ ମାମଲାରେ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କଲେଣି । ପୋଲିସ ସୋମବାର ଗିରଫ କରିଥିବା ତିନି ଅଭିଯୁକ୍ତ ଜୀବନ ରାଉତ, ରଶ୍ମି ମହାପାତ୍ର, ଦେବାଶିଷ ପ୍ରଧାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।


**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/PJ/O/SU/2500000994
**Rate contract for supply of various sizes of GI Wire.**

The time period is hereby extended for Submission of Tender Participation Fee and Authorization Letter through e-mail till **08th July 2025**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd/- Head-Contracts and Procurement

CAD-934

Idco ODISHA

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No- BBSR/ELECT/E-4748/25-26/2010 Dt.26.06.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work: Supply,Installation, Testing & Commissioning of 11KV OH and UG line for power supply to Worker's Hostel at Somnathpur IID under electrical section Balasore, Odisha .

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No BBSR/ELECT/e-145 /2025-26 | 04 07 2025 at 17 00 Hrs | 15.07.2025 at 17 00 Hrs |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/-
Divisional Head (Elect) IDCO, Bhubaneswar

OIPR : 14003/11/0184/2526

imfa
ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ : ଇମ୍ଫା ବିଲ୍ଡିଂ, ବମିଖାଲ, ପୋ.ଅ. : ରସୁଲଗଡ଼
ଭୁବନେଶ୍ୱର : ୭୫୧୦୧୦, ଓଡ଼ିଶା
ଫୋନ : +91 674 2611000, ଫାକ୍ସ : +91 674 2580020, 2580145
ଇ-ମେଲ : mail@imfa.in, ୱେବସାଇଟ୍ : www.imfa.in
କର୍ପୋରେଟ୍ ଆଇଡି ନଂ : L27101OR1961PLC000428

**୬୩ତମ ବାର୍ଷିକ ସାଧାରଣ ବୈଠକ ସଦସ୍ୟମାନଙ୍କୁ ସୂଚନା**

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR** eerwbnjr@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender / 01 / RWDBNJ/2025-2026**
Ltr. No. 3418 Date : 24.06.25

O-337

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/01/ 2025-2026 | Road Works | 1 Nos. | 84.95 Lakhs | "B" & "A" Class | 06 (Six) Calendar Months. |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender / 01/ RWDBNJ/2025-2026 | 24.06.2025 at 10.00 A.M. | 04.07.2025 04.07.2025 upto 3.00 P.M. |

Further details can be seen from the website : www.tendersodisha.gov.in.

OIPR : 25174/11/0022/2526

Sd/- Executive Engineer
R.W. Division, Bhanjanagar

**GOVERNMENT OF ODISHA : OFFICE OF THE SUPERINTENDING ENGINEER,**
**GANJAM (R&B) DIVISION NO.II, BERHAMPUR**
Phone / Fax : 0680-2233996, e-mail : sernb2.ganjam@gmail.com
**INVITATION FOR BIDS (IFB) (e-Procurment)**
**TENDER CALL NOTICE**
**Bid Identification No. SC (R&B)-GM-II-05/2025-26 No. Dated. 23.06.2025**

B-241

1. The Superintending Engineer, Ganjam (R&B) Division No.II Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below.
2. Nature of Work : Electrical work
3. No. of work : 03 Nos
4. Tender Cost : Rs. 6,000/-
5. Class of Contractor : HT of registered with the ELBO Authorized HT License.
6. Availability of bid documents in the website : From 02.07.2025 10.00 AM to 11.07.2025 4.00 P.M.
7. Date of opening of Bid : 14.07.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**

(Sd/- S.Panigrahi)
Superintending Engineer
Ganjam (R&B) Division No.II

OIPR : 34080/11/0020/2526

**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
**e-Procurement Notice**
**e-Procurement Notice Bid Identification No. ITDANGR-01/2025-26**
**Notice No. 389 / ITDA, Date : 30.06.2025**

**CAD-932 :** The project Administrator, ITDA, Nilgiri on behalf of Governor of odisha invites Percentage Rate bids in online mode for construction of the work detailed below :

1. Nature of the work : Cost. of 100 seated Hostel, Additional Classrooms, Dormitories with Toilet and bathroom facilities, CC road, Head Wall & Canal System etc.
2. Total No. of work : 9 (Nine) nos. (Approximately)
3. Estimated Cost : 15,00,000 to 3,00,00,000 (Approximately)
4. Class of Contractor : "D" & "C" Class, "C" & "B" Class & "B" & "A" Class.
5. Period of Completion : Nine, Six & Three Calendar Months.
6. Availability of Bids : 10.00 AM of 05.07.2025 to 5.00 PM of 20.07.2025.
7. Date of opening of Security to technical Bid : 11.00 A.M. of 21.07.2025.

The bidders have to participate in ONLINE bidding only. The details will be available in the website **www.tendersorissa.gov.in** from 10.00 AM of 05.07.2025 to 5.00 PM of 20.07.2025.

Sd/- Project Administrator
ITDA, Nilgiri

OIPR : 26055/11/0001/2526

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At : Ichhapur, Post : Shree Baladevjew, Email : eerwsskendrapara@gmail.com
**INVITATIONS FOR BIDS (IFB) (e-Procurement)**
**Bid Identification No. RWS/31/2025-26**
**Letter No. 4078 / Dated. 26.06.2025**

O-354

1. The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in SINGLE cover system in ONLINE MODE from eligible Electrical contractors for External electrification works of different Rural Piped Water Supply Schemes in Kendrapara District.
2. Name of the work : External electrification work of different RWSS points in Kendrapara District
3. No. of Work : 02 No. (Two) only.
4. Value of the Work : Rs. 11.04 lakhs to Rs. 13.63 Lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Cost of Bid documents (Rs.) (Online) : Rs. 6000/-
7. Cost of EMD @ 1% (Online) : Rs. 11100/- & 13700/- as applicable
8. Class of Bidder : "HT".
9. Period of Completion : 30 days
10. Availability of bid documents in the website : From date. 02.07.2025 at 10.00 AM to date. 14.07.2025 till 5.30 P.M.
11. Last Date & Time of seeking tender clarification : Up to 04.07.2025 up to 5.30 P.M.
12. Date of Opening of Bid : 15.07.2025 at 11.00 A.M onwards

The bidders have to participate in the tender through ONLINE bidding only. Further details can be had from the website i.e. **http://tendersodisha.gov.in.** The bid shall be accompanied with valid Contractor Registration Certificate, PAN GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeard in the above website.

Sd/- Executive Officer
RWS&S Division, Kendrapara

OIPR : 25004/11/0037/2526

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
**No. 2190 / WE, Dt. 26.06.2025**

O-363

**e-procurement Notice**

1. Name of the work : "Building Works"
2. Estimated Csot : As per Annexure.
3. Time of Completion : As per Annexure.
4. No of Work : As per Annexure
5. Summary for key dates is provided below :

| ProcurementBid Officer | Bid Identification No. | Availability of Tender on-line for bidding | | Date & Time of seeking Tender Clarification | Date & Time of openign of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works, Circle, Balasore | N.C.B. No-15 of 2025-26 | Dt. 08.07.2025 at 11.00 A.M. | Dt.22.07.2025 up to 5.00 P.M. | Dt. 21.07.2025 up to 5.00 P.M. | Dt.23.07.2025 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in
Any other changes/Corrigendums may be seen only in website : www.tendesodisha.gov.in

Sd/- Er. Durjyodhan Behera
Chief Construction Engineer, ,
Rural Works Circle, Balasore

OIPR:25105/11/0061/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
Email ID-ccerwcrayagada@gmail.com
Letter No. 1264 / WE / Date : 23.06.2025

O-333

**NATIONAL COMPETITIVE BIDDING THROUGH GEPNIC e-Procurement Notice**

1. Name of the work : Construction & Maintenance of road works for the year 2024-25. (04 Nos)
2. Class of Contractor : "A" & "Spl" Class of (Odisha PWD) or relevant Class of other licensing authority
3. Estimated Cost : Varies from Rs. 685.21 Lakhs to Rs. 866.02 Lakhs (Approximately)
4. Details projects as per Annexure attached

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works, Circle, Rayagada | NCB-12/ RWCRGDA/ 2025-26 | Dt. 03.07.2025 at 11.00 A.M. | Dt.23.07.2025 up to 5.00 P.M. | Dt. 22.07.2025 up to 5.00 P.M. | Dt.24.07.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersodisha.gov.in.
6. Any Corrigendum / Addendum will be displayed in the above e-tender website.

Chief Construction Engineer, ,
Rural Works Circle, Rayagada
Dtd. 23.06.2025

OIPR:25196/11/0020/2526

**GOVERNMENT OF ODISHA**
**DEPARTMENT OF WATER RESOURCES**

A-346 **'e' Procurement Notice No. 03 (NGR) / 2025-26**

1. Name of Work : Electrical work & Procurement of DG Set.
2. Total No of work : 3 (Three)
3. Estimated Cost : Rs. 6.77 Lakhs to 29.61 Lakhs
4. Period of Completion : (02) Two calendar months & (01) Calendar Month.
5. Date & time of availability of Bid Document in the portal : 15.00 hours of 04.07.2025 to 17.00 hours 15.07.2025
6. Last date / Time for receipt of Bids in the Portal : 15.07.2025 up to 17.00 hours
7. Date and place of opening of Technical Bid : Dt. 16.07.2025 at 11.00 Hours in the Office of the Superintending Engineer, Nayagarh Irrigation Division, Nayagarh.
8. Name and address of the O.I.T. (Officer Inviting Tender) : Superintending Engineer, Nayagarh Irrigation Division, Nayagarh.

Further details can be seen from the e-Procurement Portal "https://tendersodisha.gov.in".

Sd/- Superintending Engineer
Nayagarh Irrigation Division,
Nayagarh

OIPR : 32303/11/0018/2526


## ପୁରୁଣା...

ଦିଆଯାଇଛି । ସର୍ଭେ ଅନୁଯାୟୀ ଦିଲ୍ଲୀ ପ୍ରଦ୍ୟୁଷଣରେ ଗାଡି ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପ୍ରଦୂଷଣର ମୋଟ୍ ୫୧% ଗାଡି ଜନିତ । ଏହି ନିୟମ ଦ୍ୱାରା ଦିଲ୍ଲୀରେ ପ୍ରାୟ ୬୨ ଲକ୍ଷ ତେଲ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାବାଦ୍ ହରିୟାଣାରେ ୨୭.୫ ଲକ୍ଷ, ଉତ୍ତରପ୍ରଦେଶରେ ୧୨.୬୯ ଲକ୍ଷ ଓ ରାଜସ୍ଥାନରେ ୬.୨ ଲକ୍ଷ ପୁରୁଣା ଗାଡି ରହିଛି । ଏହି ନିୟମ ଆଜି ଲାଗୁ ହେବାପରେ ୧୫ ବର୍ଷର ପୁରୁଣା ମର୍ସଡିଜରେ ଜଣେ ଲୋକ ତେଲ ଭର୍ତ୍ତି କରିବାକୁ ଆସିଥିଲେ । କିନ୍ତୁ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କ କାରକୁ ଜବତ କରାଗଲା । କାର ଜବତ ହେବାରେ ସେ ବହୁତ ଦୁଃଖି ବୋଲି ଜଣାପଡିଛି । ୧୫ ବର୍ଷର ପୁରୁଣା ହୋଇଥିଲେ ମଧ୍ୟ ଗାଡିର ସେ ଏଭଳି ଯତ୍ନ ନେଉଥିଲେ ଯାହା ନୂଆ ଭଳି ଦିଶୁଛି ।

### ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ରଥଯାତ୍ରାରେ ରିଲାଏନ୍ସ ପକ୍ଷରୁ ବହୁବିଧ ପ୍ରୟାସ

# ଲକ୍ଷ ଲକ୍ଷ ଦର୍ଶନାର୍ଥୀଙ୍କୁ ପୁଷ୍ଟିକର ଏବଂ ଗରମ ଭୋଜନ ବିତରଣ

ଭୁବନେଶ୍ୱର: (ସବ୍ୟୁ): ପବିତ୍ର ରଥଯାତ୍ରାରେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ ସହିତ ସହଭାଗିତାରେ ଦର୍ଶନାର୍ଥୀମାନଙ୍କୁ ସୁଗମ, ସୁରକ୍ଷିତ ଏବଂ ପରିପୂର୍ଣ୍ଣ ଯାତ୍ରାର ଅନୁଭୂତି ସୁନିଶ୍ଚିତ କରିବା ପାଇଁ ବିବିଧ ପଦକ୍ଷେପ ମାଧ୍ୟମରେ ୧୩ ଦିନ ବ୍ୟାପୀ ବ୍ୟାପକ ପ୍ରୟାସ ଜାରି ରଖିଛି। ପୁରୀରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ ଯେଉଁମାନେ ଶ୍ରୀଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଯାଏଁ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଏକାଠି ହୁଅନ୍ତି। ସେବାର ଭାବନାକୁ ସମ୍ମାନ ଜଣାଇ, ରିଲାଏନ୍ସ ଫାଉଣ୍ଡେସନ୍, ଏହାର ୱି କେୟାର ଭାବନା ସହିତ ବିବିଧ ଅର୍ଥପୂର୍ଣ୍ଣ ଯୋଗଦାନ ଜରିଆରେ ଏହି ୧୩ ଦିନ ବ୍ୟାପୀ ପବିତ୍ର ଯାତ୍ରାରେ ସହଯୋଗ କରୁଥିବାରୁ ଗୌରବାନ୍ୱିତ ମନେକରୁଛି।

"ରିଲାଏନ୍ସର ୱି କେୟାର ଦର୍ଶନରେ ସେବା ଗଭୀର ଭାବରେ ଅନ୍ତଃନିହିତ ହୋଇରହିଛି ଏବଂ ପୁରୀରେ ଭକ୍ତଗଣଙ୍କର ସେବା କରିବାର ଏହି ସୁଯୋଗ ବାସ୍ତବରେ ଏକ ଆଶୀର୍ବାଦ। ଆମେ ବିଶ୍ୱାସ କରୁଛୁ ଯେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଏବଂ କର୍ତ୍ତବ୍ୟରତ ସମସ୍ତ କର୍ମଚାରୀଙ୍କ ସେବା କରି ଆମେ ଈଶ୍ୱରଙ୍କ ସେବା କରୁଛୁ। ଭୋଜନ



୧୦୦ ପୋଲିସ ସହାୟତା ପୋଷ୍ଟ ସ୍ଥାପନ କରାଯାଇଛି

ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନଙ୍କ ଅନୁଭୂତିକୁ ସୁଗମ, ନିରାପଦ ଓ ଆରାମଦାୟକ କରି ସମୃଦ୍ଧ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ" ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଛନ୍ତି।

ରିଲାଏନ୍ସ ଫାଉଣ୍ଡେସନ୍ ଯାତ୍ରା ମାର୍ଗରେ ଛଅଟି ପ୍ରମୁଖ ସ୍ଥାନରେ ଲକ୍ଷ ଲକ୍ଷ ଭକ୍ତ ଏବଂ ପୋଲିସ କର୍ମଚାରୀଙ୍କୁ ପୁଷ୍ଟିକର ଗରମ ଭୋଜନ ପରିବେଷଣ କରୁଛି ଏବଂ କୌଣସି ବ୍ୟକ୍ତି ଭୋକରେ ନଯିବା ସୁନିଶ୍ଚିତ କରୁଛି। ଖାଦ୍ୟ ଷ୍ଟଲଗୁଡ଼ିକରେ କଣ୍ଟାକ୍ଟଲେସ୍ ସାନିଟାଇଜର ସହ ପୌରପାଳିକା ସହିତ ସହଭାଗିତାରେ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟାଗ ଯୋଗାଇ ଦିଆଯାଇଛି ଏବଂ ପୋଲିସ ଶିବିର ଗୁଡ଼ିକୁ ପରିଚ୍ଛନ୍ନତା ଓ ପରିମଳ ସୁବିଧା ଉପଲବ୍ଧ କରାଯାଇଛି। ପୌରପାଳିକା ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ସହିତ ମିଳିତ ସହଭାଗିତାରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନଙ୍କ ମାର୍ଗଦର୍ଶନ ଏବଂ ସୁଗମ ଯାତ୍ରା ପାଇଁ ଦୂରରୁ ସ୍ପଷ୍ଟ ଦେଖାଯାଉଥିବା ମାର୍ଗଦର୍ଶକ ବୋର୍ଡ ଏବଂ ଦିଗସୂଚକ ସ୍ଥାପନ କରାଯାଇଛି। ଚିହ୍ନିତ ୟୁନିଫର୍ମ ବା ପୋଷାକ ମାଧ୍ୟମରେ ସହଜରେ ସୂଚିତ ହୋଇପାରୁଥିବା ୪,୦୦୦ରୁ ଅଧିକ ସ୍ୱେଚ୍ଛାସେବୀ ପରିଚାଳନା ସହାୟତା ଏବଂ ଗ୍ରୀଷ୍ମ ପ୍ରବାହରେ ଭକ୍ତମାନଙ୍କୁ ଆବଶ୍ୟକ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ରହିଥିବା ଜଳ ପଏଣ୍ଟଗୁଡ଼ିକର ତଦାରଖରେ ସହାୟତା କରୁଛନ୍ତି। କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ ୧୦୦ ଟି ପୋଲିସ ସହାୟତା ପୋଷ୍ଟ ଏବଂ ଆଶ୍ରୟସ୍ଥଳ ସ୍ଥାପନ କରାଯାଇଛି ଯାହା ସହାୟତା ଆବଶ୍ୟକ କରୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ସହଜ ଓ ସୁଗମ ସହାୟତା ସ୍ଥାନ ପ୍ରଦାନ କରୁଛି। ବର୍ଷା ଋତୁକୁ ଦୃଷ୍ଟିରେ ରଖି ପୋଲିସ କର୍ମଚାରୀମାନଙ୍କୁ ୩,୫୦୦ ରେନକୋଟ୍ ବିତରଣ କରାଯାଇଛି। ଏଥି ସହିତ ଲକ୍ଷ ଲକ୍ଷ ଦର୍ଶନାର୍ଥୀଙ୍କୁ ସେବା ଯୋଗାଉଥିବା ସ୍ୱେଚ୍ଛାସେବୀ, ପୌର କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କୁ ରିଫ୍ରେସମେଣ୍ଟ କିଟ୍ ମଧ୍ୟ ପ୍ରଦାନ କରାଯାଇଛି।

## ଏମ୍ସ ହସ୍ପିଟାଲରୁ ପୁଣି ଦୁଇ ଦଲାଲ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ଅଞ୍ଚଳରେ ଅବସ୍ଥିତ ଏମ୍ସ ହସ୍ପିଟାଲରେ ରୋଗୀ ଓ ଆଟେଣ୍ଡାଣ୍ଟଙ୍କୁ ଦଲାଲମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ଟଙ୍କା ନେଉଥିବା ଅଭିଯୋଗ ହେଉଥିବା ବେଳେ କିଛିଦିନ ତଳେ ଜଣକୁ ଗିରଫ କରାଯାଇଥିଲା। ପୁଣି ମଙ୍ଗଳବାର ଦୁଇଜଣଙ୍କୁ ଗିରଫ କରିଛି ପୋଲିସ। ସେ ଦୁଇଜଣ ହେଲେ ଜିତେନ ସୂତାର (୩୨), ବିଧାନ ଚଲାକ (୩୨)। ସେମାନଙ୍କ ନିକଟରୁ ରୋଗୀଙ୍କ ଆଧାରକାର୍ଡ ପୋଲିସ ଜବତ କରିଛି।

ସିକ୍ୟୁରିଟି ଇନ୍‌ଚାର୍ଜ ରବୀନ୍ଦ୍ର କୁମାର ନାୟକଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ସକାଳ ୮ଟା ସମୟରେ ଅଭିଯୋଗକାରୀ ଓ ତାଙ୍କ କର୍ମଚାରୀମାନେ ହସ୍ପିଟାଲ ଓପିଡି କାଉଣ୍ଟର ନିକଟରେ ଡ୍ୟୁଟି କରୁଥିବା ବେଳେ ଜିତେନ ସୂତାର ଓ ବିଧାନ ଚାଲାକଙ୍କୁ ଦଲାଲି କରୁଥିବା ଦେଖିଥିଲେ। ଧାଡିରେ ଠିଆ ନହୋଇ ଟିକେଟ୍ ବ୍ୟବସ୍ଥା କରାଇଦେବାକୁ କହି ରୋଗୀ ଓ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଏ ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଦିବ୍ୟାଙ୍ଗ ମାନଙ୍କୁ ଦର୍ଶନ ସୁବିଧା ବ୍ୟବସ୍ଥା କଲା ପ୍ରଶାସନ



ପୁରୀ: (ସବ୍ୟୁ): ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ପରାମର୍ଶ ଓ ସହାୟତା କ୍ରମେ ମଙ୍ଗଳବାର ଦିନ ଦିବ୍ୟାଙ୍ଗମାନଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଶ୍ରୀଜୀଉ ମାନଙ୍କୁ ଦର୍ଶନ ସୁବିଧା କରାଯାଇଛି। ଜିଲ୍ଲାପାଳ ଶ୍ରୀ ରାଣା ନିଜେ ଉପସ୍ଥିତ ରହି ଦିବ୍ୟାଙ୍ଗ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପରେ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଦର୍ଶନ ର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କୁ ଆଡପ ମଣ୍ଡପରେ ଦର୍ଶନ କରି ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ମାନେ ଖୁସି ବ୍ୟକ୍ତ କରିଥିଲେ।

### ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ

# ପୋଲିସ କମିଶନର ଅଫିସ ଘେରାଉ

ଭୁବନେଶ୍ୱର, (ସବ୍ୟୁ): ଯେଉଁଭଳି ଭାବରେ ବରିଷ୍ଠ ପୋଲିସ ଅଧିକାରୀ ନରସିଂହ ଭୋଳ ଆଇନ ବିରୋଧୀ ଏବଂ ଯୁବକଂଗ୍ରେସଆନ୍ଦୋଳନକାରୀଙ୍କୁ ଧମକପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି, ତା ବିରୁଦ୍ଧରେ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ତରଫରୁ ପୋଲିସ କମିଶନର ଅଫିସ ଘେରାଉ କରିବା ସହ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଦାବି ସହିତ ଯୁବ କଂଗ୍ରେସକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଭଳି ଧମକପୂର୍ଣ୍ଣ ମନ୍ତବ୍ୟକୁ ଯୁବସମାଜ କେବେ ବରଦାସ୍ତ କରିବ ନାହିଁ ଏବଂ ଶ୍ରୀ ଭୋଳ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ନହେଲେ ନିଜପଦରୁ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। ଉକ୍ତ ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନ ରାଉତ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବିଶ୍ୱଜିତ ଲେଙ୍କା, ଖୋର୍ଦ୍ଧା ଯୁବ କଂଗ୍ରେସ ସଭାପତି ସମ୍ବିତ ମଙ୍ଗରାଜ, ନିହାର ରଞ୍ଜନ ନାୟକ, ବିରେନ ପଶାୟତ, ଆଦିତ୍ୟପରିଡା ଏବଂ ହୃଦାନନ୍ଦ ସେନାପତି ଅନେକ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ହାଇଟେକ୍ ହସ୍ପିଟାଲରେ ଜାତୀୟ ଚିକିତ୍ସକ ଦିବସ




ଭୁବନେଶ୍ୱର (ସବ୍ୟୁ): ଈଶ୍ୱରଙ୍କର ଦ୍ୱିତୀୟ ଅବତାର କୁହାଯାଉଥିବା ଡାକ୍ତରଙ୍କର ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଜାତୀୟ ଚିକିତ୍ସକ ଦିବସ ମହାସମାରୋହରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଯୋଗଦାନ କରି ଅର୍ଥ ପାଇଁ କୌଣସି ରୋଗୀ ଯେପରି ହସ୍ପିଟାଲ ଦ୍ୱାର ମୁହଁରୁ ଫେରି ନ ଯାଆନ୍ତି ସେଥିପ୍ରତି ଚିକିତ୍ସକମାନେ ଯତ୍ନବାନ ହେବା ଦରକାର ଏବଂ ଅର୍ଥ ଅଭାବ କେବେ କାହାର ଜୀବନ ନ ନେଉ, ଏଥିପାଇଁ ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲ୍ ସମାଜର ଗରିବ, ମଧ୍ୟ ବର୍ଗର ଲୋକମାନଙ୍କ ପାଇଁ ସଦାସର୍ବଦା ମୁକ୍ତ ଭାବରେ ସାହାଯ୍ୟ କରି ଆସୁଛି ଏବଂ ଆଗକୁ ମଧ୍ୟ କରିବ ବୋଲି କହିଛନ୍ତି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇ ଡାକ୍ତରମାନେ ହିଁ ସମାଜର ପ୍ରକୃତ ହିରୋ ବୋଲି କହିଛନ୍ତି। ଏଥିରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଉପନିର୍ଦ୍ଦେଶକ ଅନିଲ୍ କୁମାର ପାଣିଗ୍ରାହୀ, ଉପାଧ୍ୟକ୍ଷା ପ୍ରଫେସର୍ ଡକ୍ଟର ଲିସା ଷଡଙ୍ଗୀ, ମେଡିକାଲ ସୁପରିଟେଣ୍ଡେ ପ୍ରଫେସର୍ ଡକ୍ଟର ରବିନ୍ଦ୍ରନାଥ ବେହେରା, ସାଧାରଣ ପ୍ରଶାସନ ଡକ୍ଟର ବାସୁଦେବ ବେହେରା, ନିର୍ଦ୍ଦେଶକ ଓ ଡିନ୍ ପ୍ରଫେସର୍ ଡକ୍ଟର ରାଧା ମାଧବ ତ୍ରିପାଠୀ, ଜେନେରାଲ ସର୍ଜରୀ ନିର୍ଦ୍ଦେଶକ ପ୍ରଫେସର୍ ଡକ୍ଟର ଅଶୋକ ଆଚାର୍ଯ୍ୟ, ସାଇକାଟ୍ରିକ୍ ବିଭାଗର ପ୍ରଫେସର୍ ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀଙ୍କ ସହ ବିଭିନ୍ନ ବିଭାଗର ଡାକ୍ତର ଓ ପି.ଜି ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏଥି ସହିତ ହାଇଟେକ୍ ହସ୍ପିଟାଲ ପରିସରରେ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଇଛି। ରୋଟାରୀ ଆର୍.ଆଇ.ଡି – ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରୀଆନ୍ ମନୋଜ୍ ତ୍ରିପାଠୀ, ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱରର ପ୍ରେସିଡେ ରୋଟାରୀଆନ୍ ସଞ୍ଜୟ ଚୌଧୁରୀ, ସେକ୍ରେଟାରୀ ରୋଟାରୀଆନ୍ ବିଶ୍ୱଜିତ୍ ପାତ୍ର ଯୋଗଦେଇ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗର ୧୦ଜଣ ଡାକ୍ତରଙ୍କୁ ସମ୍ମାନିତ କରିଛନ୍ତି।

# ଝଙ୍କଡ଼ରତ୍ନ ଗୋଲୋକ ପଲଝଇଙ୍କ 'ଏଇ ମୋ ଗାଁ' ପୁସ୍ତକ ଉନ୍ମୋଚନ

ତିର୍ତ୍ତୋଲ, (ସବ୍ୟୁ): ସମଗ୍ର ବିଶ୍ୱ ସାହିତ୍ୟର ଏନ୍ତୁଡ଼ିଶାଳ ହେଉଛି ଗାଆଁ। ଗାଆଁ ମାଟିର କବି ସାରଳା ଦାସ ଓଡ଼ିଆ ଭାଷାରେ ବିଶାଳ ମହାଭାରତ କାବ୍ୟ ରଚନା କରିଥିବାରୁ ତାଙ୍କୁ ଏ ମାଟିର ମହାକବି ବୋଲି କୁହାଯାଇଛି। ପଲ୍ଲୀକବି ନନ୍ଦକିଶୋର ବଳ, କବି ସଚ୍ଚି ରାଉତରାୟ,କବି ନନ୍ଦକିଶୋର ସାମଲଙ୍କ ଭଳି କବିମାନଙ୍କ ଗ୍ରାମ୍ୟ କବିତାଗୁଡିକରେ ଅନୁପ୍ରାଣିତ ହୋଇ ଝଙ୍କଡ଼ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ଦ୍ୱାରା ପଚସ୍ତରୀଟି ଗ୍ରାମ୍ୟ କବିତାର ଏକ ସଂକଳନ 'ଏଇ ମୋ ଗାଆଁ 'ପ୍ରକାଶ କରାଯାଇଛି ବୋଲି ଗତ ରବିବାର ଦିନ ପୂର୍ବାହ୍ନରେ ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଗରାମ ପଂଚାୟତସ୍ଥ ଅଲଣା ଗ୍ରାମରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଯୋଗଦେଇ ବହୁବିଶିଷ୍ଟ ସାହିତ୍ୟିକଗଣ ସେମାନଙ୍କର ମତ ବ୍ୟକ୍ତ କରିଛନ୍ତି। ଅଲଣା ନେତାଜୀ ସାଂସ୍କୃତିକ ଯୁବପରିଷଦ ଓ ଶ୍ରୀ ଶ୍ରୀ ସତ୍ୟନାରାୟଣ ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ,ସମୀକ୍ଷା ଓ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱଭାରତୀ ଶାନ୍ତିନିକେତନର ପୂର୍ବତନ ପ୍ରଫେସର ଡ. ବୈଷ୍ଣବ



ଚରଣ ସାମଲ ଏହା ଏକ ଗ୍ରାମ୍ୟଭିତ୍ତିକ ତଥ୍ୟସମ୍ବଳିତ କବିତାଗ୍ରନ୍ଥ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଝଙ୍କଡ଼ ସାହିତ୍ୟ ସଂସଦର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତାଭାବେ ବାଲେଶ୍ୱର ବିଶ୍ୱବିଦ୍ୟାଳୟ ଓଡ଼ିଆଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅବସରପ୍ରାପ୍ତ ପ୍ରଫେସର ଡ. ନାରାୟଣ ପଣ୍ଡା,ବିଶିଷ୍ଟ ଆଲୋଚିକାଭାବେ ସୁଲେଖିକା ତଥା ବାଗ୍ମୀ ପ୍ରଫେସର ଡ. ପ୍ରତିଭା ମହାରଥୀ,ଆଲୋଚକ ଭାବେ ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ନାୟକ, ଗାୟକ ଗୌରବ ରଜନୀକାନ୍ତ ପୃଷ୍ଟି,ସାହିତ୍ୟରତ୍ନ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ମୁଖ୍ୟ ସଂଚାଳିକା ଭାବେ ଝଙ୍କଡ଼ ସାହିତ୍ୟ ସଂସଦ ଉପସଭାପତି ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ, ପ୍ରମୁଖ ଲୋକାର୍ପିତ ଗ୍ରନ୍ଥ 'ଏଇ ମୋ ଗାଆଁ 'ର ବିଭିନ୍ନ କବିତା ସମୀକ୍ଷାକରି ନିଜ ନିଜର ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦକ ପଣ୍ଡିତ ବାସବ କୁମାର ନନ୍ଦ ଅତିଥିପରିଚୟ ଦେଇଥିବାବେଳେ ଯୁବପରିଷଦ ତରଫରୁ ନିରଞ୍ଜନ କୁଅଁର ଓ ପୁରାତନ ଛାତ୍ର ପରିଷଦ ପକ୍ଷରୁ ରମାକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଗ୍ରନ୍ଥ ଉନ୍ମୋଚନ ପୂର୍ବରୁ ଶିକ୍ଷାବିତ ଅକ୍ଷୟ ଦାସଙ୍କ ପୌରୋହିତ୍ୟରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହିସଭାରେ ମୁଖ୍ୟ ଅତିଥିଭାବରେ ସୁସାହିତ୍ୟିକ ପଣ୍ଡିତ ନାଗୁଚରଣ ଦେବତା, ମୁଖ୍ୟ ବକ୍ତା ଭାବରେ ଡ. ଆରତୀ ତ୍ରିପାଠୀ,ସମ୍ମାନିତ ଅତିଥି ଭାବେ କବି ହେମନ୍ତ କୁମାର ନାୟକ, ଡ. ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ ଗୋଲାପ ରାଣୀ ସାହୁ,ଗୀତିକାର ଜୀବନାନନ୍ଦ ଅଧିକାରୀ, ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ଯୋଗଦେଇଥିଲେ। କବିତା ସଂଯୋଜିକା ଭାବରେ ଝଙ୍କଡକନ୍ୟା ସବିତଝ ନାୟକ,ପ୍ରତିଭା ମିଶ୍ର ଓ ଆରତୀ ଦାଶ ଯୋଗଦାନ କରିଥିଲେ। କବି ଝୁଲରାମ ଦାସ ଅତିଥି ପରିଚୟ, ଦିଗମ୍ବର ରାଉତ ସ୍ୱାଗତ ଭାଷଣ ଓ ମାନସୀପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ମୋହରିରଙ୍କ କଲମ ଛାଡ଼ ଆନ୍ଦୋଳନ

କାକଟପୁର , (ସବ୍ୟୁ): କାକଟପୁର ସବରେଜିଷ୍ଟର କାର୍ଯ୍ୟାଳୟରେ ଦିନକୁ ଦିନ ସବରେଜିଷ୍ଟର ଅଫିସରଙ୍କ ମନମୁଖୀ କାର୍ଯ୍ୟ ଓ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ମୋହରିରମାନେ ଚରମ ନିଷ୍ପତି ନେଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଚାଷ ଜମିର ଆଂଶିକ ବିକ୍ରି ଓ ଘରବାରୀ ବୃତ୍ତି ୫-୫୦୦ବର୍ଗମିଟର ପର୍ଯ୍ୟନ୍ତ ବିନା ଲେଆଉଟରେ ରେଜିଷ୍ଟ୍ରି କରାଯିବାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପୂର୍ବ ଖର୍ଦି କରାଯାଇଥିବା ଦଲିଲି ରୁ ଦଲିଲି ରେଜିଷ୍ଟ୍ର କରାଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଏହାକୁ କାକଟପୁର ସବରେଜିଷ୍ଟର ଓଡିଶା ସରକାର ଆଇନକୁ ନ ମାନି ଶହେ ଡ଼ିସିମିଲରୁ କମ ଚାଷଜମି ଓ ତେରଡ଼ିସିମିଲିରୁ କମ ଜମିର ରେଜିଷ୍ଟ୍ର ସମ୍ପୂର୍ଣ ବନ୍ଦ କରିଅଛନ୍ତି। ପ୍ରତେକ ଦଲିଲି ପୂର୍ବରୁ ସମସ୍ତ କାଗଜ ପତ୍ର ଯାଞ୍ଚ ନ କରି ରେଜିଷ୍ଟି କରିବାକୁ ମୋହରିର ମାନଙ୍କୁ ତାଗିଦ କରୁଛନ୍ତି। ଇଜିମାଇଲି ଖାତା ଭୁକ୍ତ ସମ୍ପତିରୁ କୌଣସି ଅଂଶୀଦାର ତାଙ୍କ ଅଂଶ ପୂର୍ବରୁ ବିକ୍ରୟ କରିଥିଲେ ଅନ୍ୟ ଅଂଶୀଦାରକୁ ନିଜ ଅଂଶ ବିକ୍ରୟ କରିବାକୁ ସୁଯୋଗ ଦେଉନାଁହାନ୍ତି। ସବରେଜଷ୍ଟାର ଅଫିସରେ ମୋହରିର ମାନଙ୍କର କୌଣସି ଆବଶ୍ୟକତା ନାହିଁ କହି ମୋହରିର ମାନଙ୍କୁ ଲାଂଛିତ ଓ ଅପମାନିତ କରୁଛନ୍ତି।

# ୟୁକୋ ବ୍ୟାଙ୍କ ବାଲେଶ୍ୱର ପକ୍ଷରୁ ଜନ ସୁରକ୍ଷା ଅଭିଯାନ

ଭୁବନେଶ୍ୱର: (ସବ୍ୟୁ): ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନ ସୁରକ୍ଷା ଅଭିଯାନ ୧ ଜୁଲାଇ ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତରେ ପାଳନ କରାଯାଉଅଛି।



ଏହି ଉପଲକ୍ଷେ ସର୍ବପ୍ରଥମେ ବାଲେଶ୍ୱର ଜିଲ୍ଲାର ରେମୁଣା ନିର୍ବାଚନ ମଣ୍ଡଳୀ, ବର୍ଦ୍ଧନପୁର ଗ୍ରାମ, ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀ ଗୃହରେ ୟୁକୋ ବ୍ୟାଙ୍କ ବାଲେଶ୍ୱରର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକଙ୍କ ଦ୍ୱାରା ଜନ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ମୋତି କୁମାର ସା ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଲୋକମାନଙ୍କୁ ଜନ ସୁରକ୍ଷା ଯୋଜନା ବିଷୟରେ ଅବଗତ କରାଇଥିବା ସହ ଏହାର ସମସ୍ତ ସୁବିଧା ସୁଯୋଗ ନେବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁଦୀପ ଡାକୁଆ ଉପସ୍ଥିତ ରହି ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ, ପିଏମ୍‌ଜେଡିୱାଇ ଏବଂ ଏପିୱାଇ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇଥିଲେ ଏବଂ ନାବାର୍ଡ ଡିଡିଏମ୍ ତାପସ କୁମାର ପ୍ରଧାନ ସମସ୍ତଙ୍କୁ ଡିଜିଟାଲ ଆୱାରନେସ୍ , ସାଇବର କ୍ରାଇମ୍ ଏବଂ ଠକେଇ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସରପଞ୍ଚ ଆରତୀ ଶତପଥୀ ଉପସ୍ଥିତ ରହି ଜନ ସୁରକ୍ଷା ଯୋଜନା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କାନାରା ବ୍ୟାଙ୍କ ବର୍ଦ୍ଧନପୁରର ପ୍ରବନ୍ଧକ, ପିଏନ୍‌ବି ରସାଲପୁରର ପ୍ରବନ୍ଧକ, ଓଜିବି ରସାଲପୁର ପ୍ରବନ୍ଧକ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ, ବାଲେଶ୍ୱରର ପ୍ରବନ୍ଧକ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ, ସି.ଏଫ୍.ଏଲ୍ କାଉନସିଲର ନରୋତମ ଓ ସୃଷ୍ଟିଧର ଏବଂ ସମସ୍ତ ବ୍ୟାଙ୍କର ବିସିମାନେ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରିଥିଲେ। ଏଥିରେ ୨୫୦ରୁ ଉଦ୍ଧ୍ୱର୍ ବ୍ୟକ୍ତି ଉପସ୍ଥିତ ଥିଲେ। ପରିଶେଷରେ ସରପଞ୍ଚ ଆରତୀ ଶତପଥୀ ସମସ୍ତଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ରଥଯାତ୍ରା ଅବସରରେ ଦୁଇ ଲକ୍ଷରୁ ଅଧିକ ଭକ୍ତଙ୍କୁ ସେବା ଯୋଗାଇଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପୁରୀରେ ପ୍ରସିଦ୍ଧ ରଥଯାତ୍ରା ଅବସରରେ ସାମୁଦାୟିକ କଲ୍ୟାଣ, ସାଂସ୍କୃତିକ ଉତ୍ସବ ଏବଂ ପରିଦର୍ଶକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭକ୍ତିକୁ ସୁଗମ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ ଚିନ୍ତନଶୀଳ ପଦକ୍ଷେପ ଗ୍ରହଣ କରିଛି। ଏହି ବର୍ଷ, କମ୍ପାନୀ ପୁରୀର ଜଗନ୍ନାଥ ମନ୍ଦିର ନିକଟରେ ଏକ ଅର୍ଣ୍ଣଛତ୍ର (ସାମୁଦାୟିକ ରୋଷେଇ ଘର) ସ୍ଥାପନ କରିଛି, ଯାହା ଦୁଇ ଲକ୍ଷରୁ ଅଧିକ ଭକ୍ତଙ୍କୁ ଗରମ ତଥା ପୁଷ୍ଟିକର ଖାଦ୍ୟ ଏବଂ ପାଣି ଯୋଗାଣ ଜାରି ରଖିଛି। ଏହା ସହିତ, ଭକ୍ତମାନଙ୍କୁ ସତେଜ କରିବା ଏବଂ ଉତ୍ସବର ଆଧ୍ୟାତ୍ମିକ ସାରକୁ ଦୃଢ କରିବା ପାଇଁ ଭକ୍ତମାନଙ୍କୁ ଚନ୍ଦନକର୍ପୂର ମିଶ୍ରିତ ପାଣି (ଚନ୍ଦନ ଏବଂ କର୍ପୂର) ଯୋଗାଇ ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମରେ ତୀର୍ଥଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ ଏକ ୫୦ ଜଣିଆ ସ୍ୱେଚ୍ଛାସେବୀ ଦଳ ନିୟୋଜିତ କରାଯାଇଥିଲା। ଏହି ଉତ୍ସବକୁ ଆହୁରି ସୁମଧୁର କରିବା ପାଇଁ, ବେଦାନ୍ତ ଆଲୁମିନିୟମ୍ ୱାଟକୋ ଏବଂ ପ୍ରଶାସନ ସହିତ ସହଭାଗୀ ହୋଇ ଭକ୍ତମାନଙ୍କୁ ମାଗଣା ବୋତଲ ପାଣି ବଂଟନ କରିଥିଲା। ଭଣ୍ଡାରରେ ପାରାଲିମ୍ପିକ ଚାମ୍ପିଅନ୍ ପଦ୍ମଶ୍ରୀ ପ୍ରମୋଦ ଭଗତ, ଓଡ଼ିଆ ସିନେମାର ପ୍ରସିଦ୍ଧ ଅଭିନେତା ଶ୍ରୀ ବବି ମିଶ୍ର ଏବଂ ପ୍ରସିଦ୍ଧ ବାଲୁକା ଶିଳ୍ପୀ ଶ୍ରୀ ମାନସ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

କମ୍ପାନୀ ୪ ଜୁଲାଇରେ ମହାପ୍ରସାଦ ବଂଟନ ଏବଂ ଭଜନ ସନ୍ଧ୍ୟା ମଧ୍ୟ ଆୟୋଜନ କରୁଛି। ଏହାର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପଦକ୍ଷେପର ଏକ ଅଂଶ ଭାବରେ, ସାରା ସ୍ଥାନରେ ଉପଯୁକ୍ତ ପରିଚ୍ଛନ୍ନତା କରାଯାଇଥିଲା, ବିଶେଷକରି ଖାଦ୍ୟ ବଂଟନ ସମୟରେ। ସମସ୍ତ ରୋଷେଇ ଏବଂ ପରିବେଷଣ କ୍ଷେତ୍ରଗୁଡ଼ିକୁ ନିୟମିତ ଭାବରେ ଜୀବାଣୁମୁକ୍ତ କରାଯାଇଥିଲା, ଖାଦ୍ୟକୁ ସ୍ୱାସ୍ଥ୍ୟକର ଅବସ୍ଥାରେ ପ୍ରସ୍ତୁତ କରାଯାଇଥିଲା ଏବଂ ଭକ୍ତ ଏବଂ ସ୍ୱେଚ୍ଛାସେବକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବଣ୍ଟନ କାଉଣ୍ଟରଗୁଡ଼ିକୁ



ବାରମ୍ବାର ବ୍ୟବଧାନରେ ସଫା କରାଯାଇଥିଲା। ଏହା ସହିତ, ସମଗ୍ର କାର୍ଯ୍ୟକ୍ରମରେ ଏକ ଦୃଢ଼ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସହିତ ସଫାସୁତୁରାକୁ ପ୍ରାଥମିକତା ଦିଆଯାଇଥିଲା। ଅର୍ଣ୍ଣଛତ୍ର ଏବଂ ଆଖପାଖ ସ୍ଥାନ ସହିତ ଏହାର ଚାରିପାଖରେ ଅଳିଆ ପରିଚାଳନା, ତୁରନ୍ତ ଅଳିଆ ସଂଗ୍ରହ ସୁନିଶ୍ଚିତ କରିବା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏକ ଉତ୍ସର୍ଗୀକୃତ ଦଳ ସ୍ଥାନୀୟ ପୌରପାଳିକା ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଥିଲେ।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଥିଲେ, "ବେଦାନ୍ତ ଆଲୁମିନିୟମ ବହୁ ବର୍ଷ ଧରି ରଥଯାତ୍ରାକୁ ଗର୍ବର ସହିତ ସମର୍ଥନ କରିଆସୁଛି, ଏହା କେବଳ ଏକ ଉତ୍ସବ ନୁହେଁ ବରଂ ଏହା ଓଡ଼ିଶାର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପରିଚୟର ଏକ ଗଭୀର ପ୍ରକାଶନ। ବେଦାନ୍ତ ଆଲୁମିନିୟମରେ, ଆମେ ଏହି ପବିତ୍ର ଅବସରରେ ସମାଜର ସେବା କରୁଥିବା ଏବଂ ଆମର ସହଭାଗୀ ଐତିହ୍ୟକୁ ପାଳନ କରୁଥିବା ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ଯୋଗଦାନ କରିବାକୁ ସମ୍ମାନିତ। ଆମର ପ୍ରୟାସ ଜୀବନକୁ ସମୃଦ୍ଧ କରିବା ଏବଂ ସ୍ପନ୍ଦନଶୀଳ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଆମର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।" ସାଂସ୍କୃତିକ ଉତ୍ସବ ବ୍ୟତୀତ, ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାରେ ଅଟଳ ରହିଛି।

## ମସ୍କଙ୍କ ନୂଆ ଦଳ 'ଆମେରିକା ପାର୍ଟି'

ୱାସିଂଟନ: ଶିଳ୍ପପତି ଏଲନ ମସ୍କ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି । ଏହାର ନାଁ ରହିବ 'ଆମେରିକା ପାର୍ଟି' ।

ମସ୍କ କହିଛନ୍ତି ଯେ ଯଦି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଆମେରିକା ସଂସଦରେ ଗୃହୀତ ହୁଏ, ତେବେ ସେ ପରଦିନ ଏକ ନୂତନ ରାଜନୈତିକ ଦଳ ଆନୁଷ୍ଠାନିକଭାବେ ଘୋଷଣା କରିବେ ।

ମସ୍କ କହିଛନ୍ତି ଯେ ଯଦି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଆମେରିକା ସଂସଦରେ ଗୃହୀତ ହୁଏ, ତେବେ ସେ ପରଦିନ ଏକ ନୂତନ ରାଜନୈତିକ ଦଳ ଆନୁଷ୍ଠାନିକଭାବେ ଘୋଷଣା କରିବେ ।ସେ ଟ୍ରମ୍ପଙ୍କ ବିଲକୁ



ସମାଲୋଚନା କରିଛନ୍ତି ଏବଂ ଏହାକୁ ଋଣ ଏବଂ ଦାସତ୍ୱର ବିଲ୍ ବୋଲି କହିଛନ୍ତି । ବର୍ତ୍ତମାନ ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଉପରେ ସିନେଟରେ ଆଲୋଚନା ହେଉଛି ।

ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ ଯଦି ଏହି ବିଲ୍ ଗୃହୀତ ହୁଏ, ତେବେ ସଂସଦର ପ୍ରତ୍ୟେକ ସଦସ୍ୟ ଲଜ୍ଜିତ ହେବା ଉଚିତ । ଯେଉଁମାନେ ସରକାରୀ ଖର୍ଚ୍ଚ ହ୍ରାସ କରିବା ପାଇଁ ଅଭିଯାନ ଚଳାଇଥିଲେ ଏବଂ ତା'ପରେ ଇତିହାସର ସବୁଠାରୁ ବଡ଼ ଋଣ ବୃଦ୍ଧି ପାଇଁ ଭୋଟ ଦେଇଥିଲେ । ମୁଁ ଭାବୁଛି ଏହି ବିଲ୍ ପାସ୍ ହେବା ପରେ, ଦେଶରେ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତା ପଡ଼ିବ । ସେ କହିଛନ୍ତି ଯେ ବିଗ୍ ବିୟୁଟିଫୁଲ୍ ବିଲ୍ କୁ ସମର୍ଥନ କରୁଥିବା ନେତାମାନେ ଆସନ୍ତା ବର୍ଷ ପ୍ରାଥମିକ ନିର୍ବାଚନରେ ହାରିଯିବେ ।

# ଇଏଲଆଇ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ କରିଛି । ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମକରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ । ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ । ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ । ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା । ୯୯,୪୪୬ କୋଟି ଟଙ୍କାର ବ୍ୟୟବରାଦ ସହିତ ଇଏଲଆଇ ଯୋଜନାର ଲକ୍ଷ୍ୟ ହେଉଛି ୨ ବର୍ଷ ମଧ୍ୟରେ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା । ଏଥିମଧ୍ୟରୁ ୧.୯୨ କୋଟି ହିତାଧିକାରୀ ପ୍ରଥମ ଥର ପାଇଁ କର୍ମଶକ୍ତିରେ ପ୍ରବେଶ କରିବେ । ଏହି ଯୋଜନାର ଲାଭ ୧ ଅଗଷ୍ଟ, ୨୦୨୫ ରୁ ୩୧ ଜୁଲାଇ, ୨୦୨୭ ମଧ୍ୟରେ ସୃଷ୍ଟି ହୋଇଥିବା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ହେବ । ଇପିଏଫଓରେ ପଞ୍ଜିକୃତ ପ୍ରଥମ ଥର ପାଇଁ କର୍ମଚାରୀଙ୍କୁ ଦୃଷ୍ଟିରେ ରଖି, ଏହି ଭାଗ ଦୁଇଟି କିସ୍ତିରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଏକ ମାସର ଇପିଏଫ ଦରମା ପ୍ରଦାନ କରିବଛ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଥିବା କର୍ମଚାରୀମାନେ ଏଥିପାଇଁ ଯୋଗ୍ୟ ହେବେ । ପ୍ରଥମ କିସ୍ତି ୬ ମାସର



ସେବା ପରେ ଏବଂ ଦ୍ୱିତୀୟ କିସ୍ତି ୧୨ ମାସର ସେବା ଏବଂ କର୍ମଚାରୀଙ୍କ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପ୍ରଦାନ କରାଯିବ । ସଞ୍ଚୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ, ପ୍ରୋତ୍ସାହନ ରାଶିର ଏକ ଅଂଶ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଜମା ଖାତାର ସଞ୍ଚୟ ଉପକରଣରେ ରଖାଯିବ ଏବଂ ପରବର୍ତ୍ତୀ ସମୟରେ କର୍ମଚାରୀ ଏହାକୁ ଉଠାଇପାରିବେ ।

ଏହି ଭାଗ ସମସ୍ତ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୃଷ୍ଟିକୁ ଅନ୍ତର୍ଭୁକ୍ତ କରିବ, ବିଶେଷ ଭାବରେ ଉତ୍ପାଦନ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ । ନିଯୁକ୍ତିଦାତାମାନେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଥିବା କର୍ମଚାରୀଙ୍କ ପାଇଁ ପ୍ରୋତ୍ସାହନ ପାଇବେ । ସରକାର ଅତି କମରେ ଛଅ ମାସ ପାଇଁ ନିରନ୍ତର ନିଯୁକ୍ତି ସହିତ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ଦୁଇ ବର୍ଷ ପାଇଁ ପ୍ରତି ମାସରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେବେ । ଉତ୍ପାଦନ କ୍ଷେତ୍ର ପାଇଁ ତୃତୀୟ ଏବଂ ଚତୁର୍ଥ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନକୁ ବିସ୍ତାର କରାଯିବ ।

ଇପିଏଫଓରେ ପଞ୍ଜିକୃତ ପ୍ରତିଷ୍ଠାନଗୁଡ଼ିକୁ ଅତି କମରେ ଛଅ ମାସ ପାଇଁ ନିରନ୍ତର ଭିତ୍ତିରେ ଅତି କମରେ ଦୁଇ ଜଣ ଅତିରିକ୍ତ କର୍ମଚାରୀ (୫୦ ରୁ କମ୍ କର୍ମଚାରୀ ଥିବା ନିଯୁକ୍ତିଦାତାଙ୍କ ପାଇଁ) କିମ୍ବା ପାଞ୍ଚ ଜଣ ଅତିରିକ୍ତ କର୍ମଚାରୀ (୫୦ କିମ୍ବା ଅଧିକ କର୍ମଚାରୀ ଥିବା ନିଯୁକ୍ତିଦାତାଙ୍କ ପାଇଁ)ଙ୍କୁ ନିଯୁକ୍ତି ଦେବାକୁ ପଡିବ । ଇଏଲଆଇ ଯୋଜନା ସହିତ, ସରକାର ସମସ୍ତ କ୍ଷେତ୍ରରେ, ବିଶେଷକରି ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା ସହିତ ପ୍ରଥମ ଥର କର୍ମଶକ୍ତିରେ ଯୋଗଦାନ କରୁଥିବା ଯୁବପିଢ଼ିଙ୍କୁ ଉତ୍ସାହିତ କରିବାକୁ ଚାହୁଁଛନ୍ତି ।ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ରୂପେ କୋଟି କୋଟି ଯୁବକ ଏବଂ ଯୁବତୀଙ୍କୁ ସାମାଜିକ ସୁରକ୍ଷା ଲାଭ ପ୍ରଦାନ କରି ଦେଶର କର୍ମଶକ୍ତିର ଆନୁଷ୍ଠାନିକୀକରଣ ମଧ୍ୟ ହେବ ।

# ଯାନ୍ତ୍ରିକ ତ୍ରୁଟିରୁ ୯୦୦ ଫୁଟ ତଳକୁ ଖସି ଥିଲା ବିମାନ

## ଅଳ୍ପକେ ରକ୍ଷା ପାଇଲେ ଏୟାର ଇଣ୍ଡିଆ ଯାତ୍ରୀ

ନୂଆଦିଲ୍ଲୀ:ଅହମଦାବାଦ ଘଟଣା ପରେ ଏଭଳି ଏୟାର ଇଣ୍ଡିଆର ଆଉ ଏକ ବିମାନ ଦୁର୍ଘଟଣା ଘଟିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି । ଦିଲ୍ଲୀରୁ ଭିଏନା ଯାଉଥିବା ବିମାନ ଏଆଇ ୧୮୭ ଉଡ଼ିବାର କିଛି ସମୟ ପରେ ପାଇଲଟ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଅନୁଭବ କରିଥିଲେ, ଯାହା ପରେ ବିମାନଟି ପ୍ରାୟ ୯୦୦ ଫୁଟ ତଳକୁ ଖସି ଆସିଥିଲା । ସୌଭାଗ୍ୟବଶତଃ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲା । ସୂଚନା ଅନୁଯାୟୀ, ଜୁନ୍ ୧୪ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଏୟାର ଇଣ୍ଡିଆର ବୋଇଂ ୭୭୭ ବିମାନ ହଠାତ୍ ବିପଦପୂର୍ଣ୍ଣ ଭାବରେ ତଳକୁ ଖସି ଆସିବା ଆରମ୍ଭ କରିଥିଲା । ପାଇଲଟ୍ କକପିଟ୍ ଭିତରେ ଯାନ୍ତ୍ରିକ ତ୍ରୁଟି ଥିବା ଅନୁଭବ କରିଥିଲେ ।

ଏହି ସମୟ ମଧ୍ୟରେ, 'ଷ୍ଟିକ୍ ସେକର୍' ଆଲର୍ଟ ମଧ୍ୟ ସକ୍ରିୟ ହୋଇ ଯାଇଥିଲା, ଅର୍ଥାତ୍ କକପିଟର ନିୟନ୍ତ୍ରଣ ସ୍ତମ୍ଭ ଥରିବାକୁ ଲାଗିଥିଲା ଏବଂ ପାଇଲଟଙ୍କୁ ତୁରନ୍ତ ବିପଦ ବିଷୟରେ ଅବଗତ କରାଯାଇଥିଲା । ପାଇଲଟ୍ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ବିମାନକୁ ସଠିକ୍ ଉଚ୍ଚତାକୁ ଆଣି ଉଡ଼ାଣ ଜାରି ରଖିଥିଲେ । ଏହି ଘଟଣାରେ କୌଣସି ପ୍ରକାର କ୍ଷୟ କ୍ଷତି ହୋଇ ନଥିବା ବେଳେ ୯ ଘଣ୍ଟା ୮ ମିନିଟ୍ ଉଡ଼ାଣ ପରେ ବିମାନଟିକୁ ସୁରକ୍ଷିତ ଭାବରେ ଭିଏନାରେ ପାଇଲଟ ଅବତରଣ କରିଥିଲେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଇଲଟ୍ ଦେଇଥିବା ରିପୋର୍ଟରେ କେବଳ ଏତିକି ଲେଖାଯାଇଥିଲା ଯେ 'ଉଡ଼ାଣ ପରେ ଟର୍ବୁଲେନ୍ସ ଯୋଗୁଁ 'ଷ୍ଟିକ୍ ସେକର୍' ଆଲର୍ଟ ସକ୍ରିୟ ହୋଇଥିଲା' । ଅନ୍ୟ ଚେତାବନୀ ବିଷୟରେ କୌଣସି ସୂଚନା ଦିଆଯାଇ ନଥିଲା । ତଥାପି, ଡିଜିସିଏ ଦୁର୍ଘଟଣାର ଗମ୍ଭୀରତାକୁ ବିଚାର କରି ଫ୍ଲାଇଟ୍ ଡାଟା ରେକର୍ଡର୍ (ଡିଏଫଡିଆର) ଯାଞ୍ଚ କରିଥିଲେ । ଏହାପରେ ଜଣାପଡିଥିଲା ଯେ 'ଜିପିଡବ୍ଲୁଏସ୍ ଡୋଣ୍ଟ ସିଙ୍କ' ଏବଂ 'ଷ୍ଟଲ୍ ୱାର୍ଣ୍ଣିଂ' ଭଳି ଗମ୍ଭୀର ଚେତାବନୀ ମଧ୍ୟ ଆସିଥିଲା ।ଏହି ମାମଲାରେ ଏୟାର ଇଣ୍ଡିଆର ମୁଖପାତ୍ର ଏକ ବିବୃତ୍ତି ଜାରି କରି କହିଛନ୍ତି, ପାଇଲଟଙ୍କ ରିପୋର୍ଟ ପାଇବା ପରେ, ନିୟମ ଅନୁଯାୟୀ ଡିଜିସିଏଙ୍କୁ ଏହି ବିଷୟ ଅବଗତ କରାଯାଇଥିଲା। ଏହା ପରେ, ବିମାନ ରେକର୍ଡରରୁ ତଥ୍ୟ ପାଇବା ପରେ, ଅଧିକ ତଦନ୍ତ ଆରମ୍ଭ କରାଯାଇଥିଲା ।। ଘଟଣାର ତଦନ୍ତ ଚାଲିଛିଛ ତଦନ୍ତର ଫଳାଫଳ ଆସିବା ପର୍ଯ୍ୟନ୍ତ ବୋଇଂ ୭୭୭ ବିମାନରେ ଥିବା ଉଭୟ ପାଇଲଟ୍ଙ୍କୁ ଉଡ଼ାଣ ଡ୍ୟୁଟିରୁ ନିବୃତ୍ତ ରଖାଯାଇଛି ।

## 'ଓଭରଟାଇମ୍'କୁ ବିରୋଧ କଲା ଇନଫୋସିସ୍

ନୂଆଦିଲ୍ଲୀ: ଅତୀତରେ ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ୭୦ ଘଣ୍ଟା କାର୍ଯ୍ୟସପ୍ତାହ ଉପରେ ମନ୍ତବ୍ୟ ଦେଇ ବିବାଦରେ ରହିଥିଲେ । ଏବେ ଇନଫୋସିସ୍ ତାର କର୍ମଚାରୀମାନଙ୍କୁ ବୃତ୍ତି ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଛି । ଯାହା ଜଣାପଡୁଛି କମ୍ପାନି ତା'ର ଆଭ୍ୟନ୍ତରୀଣ ଅଭିଯାନ ଆରମ୍ଭ କରି ସାରିଲାଣି । ଯେଉଁଥିରେ ମାନବ ସମ୍ବଳ (ଏଚ୍ଆର୍) ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ ସମୟ ଉପରେ ନଜର ରଖୁଛି ଏବଂ କାର୍ଯ୍ୟ ଘଣ୍ଟା ପାଳନ କରିବାକୁ ଅନୁରୋଧ କରୁଛି । ଯେଉଁ




କର୍ମଚାରୀମାନେ ସମୟସୀମାରୁ ଅଧିକ କାମ କରୁଛନ୍ତି ସେମାନଙ୍କୁ ନିୟମିତ କାର୍ଯ୍ୟସୂଚୀ ପାଳନ କରିବାକୁ ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଅନୁରୋଧ କରାଯାଉଛି । ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀର ମାନବ ସମ୍ବଳ କର୍ମଚାରୀମାନଙ୍କୁ ଇମେଲ୍ ପଠାଇ କାର୍ଯ୍ୟ-ଜୀବନ ସନ୍ତୁଳନ ବଜାୟ ରଖିବାର ଗୁରୁତ୍ୱକୁ ଜଣାଉଛନ୍ତି । କମ୍ପାନୀ ଏହାକୁ କେବଳ ବ୍ୟକ୍ତିଗତ ମଙ୍ଗଳ ପାଇଁ ନୁହେଁ ବରଂ ଦୀର୍ଘକାଳୀନ ବୃତ୍ତିଗତ ପ୍ରଭାବଶାଳୀତା ପାଇଁ ମଧ୍ୟ ଅତ୍ୟାବଶ୍ୟକ ବୋଲି କହିଛି । ଏହାବ୍ୟତୀତ କମ୍ପାନି କର୍ମଚାରୀମାନଙ୍କୁ କାମରେ ଚାପ ଉପଜିଲେ ମଝିରେ ବିରତି ନେବାକୁ, ନିଜ ସମସ୍ୟା ଖୋଲିକି ପ୍ରକାଶ କରିବାକୁ ପରାମର୍ଶ ଦେଉଛି ।

## ସୁପ୍ରିମକୋର୍ଟରେ ଲାଗୁ ହେଲା ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଏକ ଐତିହାସିକ ନିଷ୍ପତ୍ତି ନେଇ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ବର୍ଗ ପାଇଁ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣର ଆନୁଷ୍ଠାନିକ ନୀତି କାର୍ଯ୍ୟକାରୀ କରିଛନ୍ତ । ଜୁନ୍ ୨୪ ତାରିଖରେ ସୁପ୍ରିମକୋର୍ଟର ସମସ୍ତ କର୍ମଚାରୀଙ୍କୁ ଜାରି ଏକ ସର୍କୁଲାରରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି ।ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ, ସୁପ୍ରିମକୋର୍ଟରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ୧୫ ପ୍ରତିଶତ ପଦବୀ ଏସସି ବର୍ଗ ପାଇଁ ଏବଂ ୭.୫ ପ୍ରତିଶତ ଏସଟି ବର୍ଗ ପାଇଁ ସଂରକ୍ଷିତ ରହିବ । ଏହି ବ୍ୟବସ୍ଥା ୨୩ ଜୁନ୍ ୨୦୨୫ରୁ କାର୍ଯ୍ୟକାରୀ ହୋଇଛି ।ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ, ସୁପ୍ରିମକୋର୍ଟରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ୧୫ ପ୍ରତିଶତ ପଦବୀ ଏସସି ବର୍ଗ ପାଇଁ ଏବଂ ୭.୫ ପ୍ରତିଶତ ଏସଟି ବର୍ଗ ପାଇଁ ସଂରକ୍ଷିତ ରହିବ । ଏଠାରେ ଏହା ମଧ୍ୟ ସ୍ପଷ୍ଟ କରିଦେବା ଉଚିତ ଯେ ଏହି ସଂରକ୍ଷଣ ବିଚାରପତିଙ୍କ ପାଇଁ ନୁହେଁ ବରଂ ଏହି ନୀତି ରେଜିଷ୍ଟ୍ରାର, ବରିଷ୍ଠ ବ୍ୟକ୍ତିଗତ ସହାୟକ, ସହାୟକ ଲାଇବ୍ରେରିଆନ୍, ଜୁନିଅର କୋର୍ଟ ଆସିଷ୍ଟାଣ୍ଟ ଏବଂ ଚାମ୍ବର ଆଟେଣ୍ଡାଣ୍ଟ ଭଳି ଅନେକ ପଦବୀରେ ପ୍ରଯୁଜ୍ୟ ହେବ ।ମୁଖ୍ୟ ବିଚାରପତି ଗଭାଇ କହିଥିଲେ ଯେ ସମସ୍ତ ସରକାରୀ ପ୍ରତିଷ୍ଠାନ ଏବଂ ଅନେକ ହାଇକୋର୍ଟରେ ପୂର୍ବରୁ ଏସସି ଏବଂ ଏସଟି ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଛି, ତେଣୁ ସୁପ୍ରିମକୋର୍ଟକୁ ଏଥିରୁ କାହିଁକି ଦୂରରେ ରଖାଯିବ? ଆମେ ଅନେକ ଐତିହାସିକ ନିଷ୍ପତ୍ତିରେ ସକାରାତ୍ମକ କାର୍ଯ୍ୟକୁ ସମର୍ଥନ କରିଛୁ ଏବଂ ଏକ ଅନୁଷ୍ଠାନ ଭାବରେ ଆମକୁ ଏଠାରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଉଚିତ । ଆମର କାର୍ଯ୍ୟ ଆମର ନୀତିଗୁଡ଼ିକୁ ପ୍ରତିଫଳିତ କରିବା ଉଚିତ ।

## 'ସାର୍କ'କୁ ବଦଳାଇବାକୁ ପାକ୍-ଚୀନର ଯୋଜନା

ନୂଆଦିଲ୍ଲୀ: ପାକିସ୍ତାନ, ଚୀନ୍ ଓ ବାଂଲାଦେଶ ଏକ ନୂତନ ଆଞ୍ଚଳିକ ସଂଗଠନ ପାଇଁ ପ୍ରସ୍ତୁତି ଚଳାଇଛନ୍ତ । ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଘ (ସାର୍କ)କୁ ବଦଳାଇବା ଚକ୍କରରେ ଏହି ରାଷ୍ଟ୍ରମାନେ ଅଛନ୍ତି । ବର୍ତ୍ତମାନର ଆଞ୍ଚଳିକ ଗୋଷ୍ଠୀରେ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଭାରତ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କା ସାମିଲ ଅଛନ୍ତି ।

ଖବର ଅନୁଯାୟୀ, ଆଞ୍ଚଳିକ ଏକୀକରଣ ଓ ଯୋଗାଯୋଗକୁ ସୁଗମ କରିବା ପାଇଁ ଏକ ନୂତନ ପ୍ଲାଟଫର୍ମର ଆବଶ୍ୟକତାକୁ ସ୍ୱୀକାର କରି ଏସବୁ ଦେଶ ସେମାନଙ୍କ ଆଲୋଚନାରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ନିକଟରେ ଚୀନର କୁନମିଙ୍ଗଠାରେ ପାକିସ୍ତାନ, ଚୀନ୍ ଓ ବାଂଲାଦେଶ ମଧ୍ୟରେ




ହୋଇଥିବା ତ୍ରିମୁଖୀ ବୈଠକ ଏ ଦିଗରେ ଏକ ରଣନୈତିକ ପଦକ୍ଷେପ ଥିଲା ।

ଜୁନ୍ ୧୯ରେ କୁନମିଙ୍ଗ ବୈଠକରେ ଅନ୍ୟ ପୂର୍ବତନ ସାର୍କ ସଦସ୍ୟ ରାଷ୍ଟ୍ରମାନଙ୍କୁ ଏହି ନୂତନ ମେଣ୍ଟରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ତେବେ କିଛି ଦିନ ତଳେ ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ଏମ୍ ତୌହିଦ ହୁସେନ୍ ବାଂଲାଦେଶ, ଚୀନ୍ ଓ ପାକିସ୍ତାନ ମଧ୍ୟରେ କୌଣସି ଉଦୀୟମାନ ମେଣ୍ଟର ଧାରଣାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ନିକଟରେ ତିନି ଦେଶ ମଧ୍ୟରେ ହୋଇଥିବା ବୈଠକ ରାଜନୈତିକ ପ୍ରକୃତିର ନୁହେଁ ।

ଆମେ କୌଣସି ମେଣ୍ଟ ଗଠନ କରୁନାହୁଁ ବୋଲି ସେ ବୈଦେଶିକ ମନ୍ତ୍ରଣାଳୟରେ ସାମ୍ବାଦିକମାନଙ୍କୁ କହିଛନ୍ତି ।

ରିପୋର୍ଟ ଅନୁଯାୟୀ, ଚୀନ୍ ଓ ପାକିସ୍ତାନ ଏହି ପ୍ରସ୍ତାବ ପାଇଁ ଭାରତକୁ ନିମନ୍ତ୍ରଣ କରିବାକୁ ଯୋଜନା କରୁଛନ୍ତି । ଶ୍ରୀଲଙ୍କା, ମାଳଦ୍ୱୀପ ଓ ଆଫଗାନିସ୍ତାନ ସମେତ ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ଏହି ନୂତନ ଗୋଷ୍ଠୀରେ ଅଂଶଗ୍ରହଣ କରିବା ପାଇଁ ନିମନ୍ତ୍ରଣ ପାଇବାର ସମ୍ଭାବନା ରହିଛି । ଉନ୍ନତ ବାଣିଜ୍ୟ ଓ ଯୋଗାଯୋଗ ମାଧ୍ୟମରେ ଆଞ୍ଚଳିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଉପରେ ଏହି ପଦକ୍ଷେପ ଗୁରୁତ୍ୱାରୋପ କରୁଛି ।

## ମଣିପୁରରେ ପୁଣି ହିଂସା

### କୁକି କମାଣ୍ଡର ମୃତ

ଇମ୍ଫାଲ: ମଣିପୁରରେ ପୁଣି ହିଂସା ଉପୁଜି ୪ ଜଣଙ୍କ ଜୀବନ ଯାଇଛି । ଚୁରାଚାନ୍ଦପୁର ଜିଲ୍ଲାରେ ଆଜି ଦୁର୍ବୃତ୍ତ ଏକ କାରରେ ଯାଉଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ । ଫଳରେ ଏହି ଘଟଣାରେ କୁକିର ଜଣେ ଶୀର୍ଷ କମାଣ୍ଡରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁବରଣ କରିଥିବା କୁକିର କର୍ମକର୍ତ୍ତାଜଣକ ହେଉଛନ୍ତି ଥାଙ୍ଗବୋଇ ହାଓକିପ୍ ଓ ଥାପି । କୁକି ଜାତୀୟ ସଂଗଠନ/ କୁକି ନ୍ୟାସନାଲ ଆର୍ମିର ଡେପୁଟି କମାଣ୍ଡର ଇନ ଚିଫ୍ ଭାବେ ସେ କାର୍ଯ୍ୟ କରୁଥିଲା ବୋଲି ଜଣାଯାଇଛି । ଏହି ଗୁଳିକାଣ୍ଡରେ ୟୁନାଇଟେଡ କୁକି ନ୍ୟାସନାଲ ଆର୍ମିର ହାତ ଥିବା ପୁଲିସ ସନ୍ଦେହ କରୁଛି ।

ମୃତକଙ୍କ ମଧ୍ୟରେ ଜଣେ ୬୦ ବର୍ଷୀୟା ମହିଳା ମଧ୍ୟ ଅଛନ୍ତି । ଅପରାହ୍ନ ପ୍ରାୟ ୨ଟା ସମୟରେ ମୋଙ୍ଗଜାଙ୍ଗ ଗ୍ରାମ ନିକଟରେ ଏହି ଘଟଣା ଘଟିଛି । ଚୁରାଚାନ୍ଦପୁର ସହରଠାରୁ ମୋଙ୍ଗଜାଙ୍ଗ ପ୍ରାୟ ୭ କିମି ଦୂର । ପ୍ରାଥମିକ ରିପୋର୍ଟ ଅନୁଯାୟୀ ସେମାନଙ୍କୁ ଏକ ପଏଣ୍ଟ ବ୍ଲାଙ୍କ୍ ରେଞ୍ଜରୁ ଗୁଳି କରି ହତ୍ୟା କରାଯାଇଛି ।

କୁକି ଉଗ୍ରପନ୍ଥୀ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷକୁ ନେଇ ଏହି ଅଘଟଣ ଘଟିଛି ବୋଲି ବିଶ୍ୱାସ କରାଯାଉଛି । ପୁଲିସ ଅନୁଯାୟୀ କାରରେ ଯାଉଥିବା ୩ ଜଣ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଅନ୍ୟପକ୍ଷେ ଗୁଳିମାଡ଼ ସମୟରେ ସେହି ବାଟ ଦେଇ ଯାଉଥିବା ଜଣେ ମହିଳା ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ । ତାଙ୍କୁ ହସ୍ପିଟାଲ୍ ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଛି ।

# ଜିଏସ୍‌ଟିର ୮ ବର୍ଷ ପୂର୍ତ୍ତି : ବାର୍ଷିକ ୯.୪ ପ୍ରତିଶତ ଅଭିବୃଦ୍ଧି

ନୂଆଦିଲ୍ଲୀ : ୨୦୨୪-୨୫ ରେ ମୋଟ ଜିଏସଟି ସଂଗ୍ରହ ରେକର୍ଡ ୨୨.୦୮ ଲକ୍ଷ କୋଟି ଟଙ୍କା ଛୁଇଁଛି, ଯାହା ବାର୍ଷିକ ୯.୪ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି । ଏହି ବୃଦ୍ଧି ଅର୍ଥନୀତିର ବର୍ଦ୍ଧିତ ଆନୁଷ୍ଠାନିକୀକରଣ ଏବଂ ଉନ୍ନତ ଟିକସ ଅନୁପାଳନକୁ ପ୍ରତିଫଳିତ କରେ ।

ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଜିଏସଟି ଅନେକ ସୁବିଧା ଆଣିଦେଇଛି ।ଦ୍ରବ୍ୟ ପାଇଁ ଜିଏସଟି ଛାଡ଼ ସୀମା ୨୦ ଲକ୍ଷରୁ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଫଳରେ କ୍ଷୁଦ୍ର ବ୍ୟବସାୟୀ ଏବଂ ନିର୍ମାତାଙ୍କ ପାଇଁ ଅନୁପାଳନ ବୋଝ ଲାଘବ ହୋଇଛି । କମ୍ପୋଜିସନ ସ୍କିମ ଅଧୀନରେ ଯେଉଁ ବ୍ୟବସାୟଗୁଡ଼ିକର କାରବାର ୧.୫ କୋଟି (ଦ୍ରବ୍ୟ) କିମ୍ବା ୫୦ ଲକ୍ଷ (ସେବା) ପର୍ଯ୍ୟନ୍ତ, ସେମାନେ ସର୍ବନିମ୍ନ କାଗଜପତ୍ର ସହିତ ଏକ ସ୍ଥିର ଟିକସ ହାର ବାଛିପାରିବେ । ୫ କୋଟି ଟଙ୍କା ପର୍ଯ୍ୟନ୍ତ ଟର୍ଣ୍ଣଓଭର ଥିବା କ୍ଷୁଦ୍ର କରଦାତାମାନେ ମାସିକ ବଦଳରେ ତ୍ରୈମାସିକ ରିଟର୍ଣ୍ଣ ଦାଖଲ କରିପାରିବେ । ସେହିପରି ଟ୍ରେଡ ରିସିଭେବଲସ ଡିସକାଉଣ୍ଟିଙ୍ଗ ସିଷ୍ଟମ ମାଧ୍ୟମରେ ଏମଏସଏମଇ ମାନଙ୍କୁ




ଋଣ ପାଇବା ସହଜ ହୋଇପାରିଛି ।

ଦେଶରେ ଜିଏସଟି ଲାଗୁ ହେବା ପରେ ବ୍ୟବସାୟ କରିବା ସହଜ ହୋଇଯାଇଛି ଓ ବିଶ୍ୱ ଇଜ୍ ଅଫ ଡୁଇଙ୍ଗ ବିଜନେସ ମାନ୍ୟତାରେ ଭାରତ ଉନ୍ନତି ହାସଲ କରିପାରିଛି । ୨୦୧୪ରେ ଭାରତର ମାନ୍ୟତା ୧୪୨ ଥିବାବେଳେ ୨୦୧୯ ସୁଦ୍ଧା ତାହା ୬୩କୁ ଉନ୍ନୀତ ହୋଇଥିଲା । ସେହିପରି ବିଶ୍ୱ ବ୍ୟାଙ୍କର ଲଜିଷ୍ଟିକ୍ସ କାର୍ଯ୍ୟଦକ୍ଷତା ସୂଚକାଙ୍କରେ ଭାରତର ମାନ୍ୟତା ୨୦୨୩ ସୁଦ୍ଧା ୩୮ରେ ପହଞ୍ଚିଛି । ଇ-ଇନଭଏସିଂ ଏବଂ ଇ-ୱେ ବିଲ୍ ସମେତ ଜିଏସଟିର ଡିଜିଟାଲ୍ ଢାଞ୍ଚା, ରାଜସ୍ୱ ସଂଗ୍ରହ ଏବଂ ଅନୁପାଳନରେ ସ୍ୱଚ୍ଛତା ବୃଦ୍ଧି କରିଛି ଏବଂ ଟିକସ ଚୋରି ହ୍ରାସ କରିଛ । ଜିଏସଟି ଲାଗୁ ହେବାର ୨୩ ଦିନ ମଧ୍ୟରେ, ଜିଏସଟି ନେଟୱାର୍କରେ ପ୍ରାୟ ୭୮ ଲକ୍ଷ ବ୍ୟକ୍ତି ପଞ୍ଜୀକୃତ ହୋଇଥିଲେ । ମେ ୨୦୨୫ ସୁଦ୍ଧା ଏହା ୧.୫୨ କୋଟିକୁ ବୃଦ୍ଧି ପାଇଲା, ଯାହା ଟିକସ ଆଧାରକୁ ବିସ୍ତାର କରିଥିଲା । ଅନ୍ୟପକ୍ଷରେ ବାର୍ଷିକ ଜିଏସଟି ରାଜସ୍ୱ ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି । ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୭ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ମସିହାରେ ୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ମେ ୨୦୨୫ ସୁଦ୍ଧା ୧୬୨ କୋଟିରୁ ଅଧିକ ଜିଏସଟି ରିଟର୍ଣ୍ଣ ଦାଖଲ କରାଯାଇଛି । ସେହିପରି ଦେଶର ଜିଏସଟି ରାଜସ୍ୱ ସଂଗ୍ରହ ଏପ୍ରିଲ ୨୦୨୫ରେ ସର୍ବାଧିକ ୨.୩୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ଜିଏସଟି ବ୍ୟବସ୍ଥା ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଇଚାଲିଛି । ଅଗଷ୍ଟ-ସେପ୍ଟେମ୍ବର ୨୦୧୬ରେ ମାତ୍ର ତିନି ସପ୍ତାହ ମଧ୍ୟରେ ୧୭ଟି ରାଜ୍ୟ ଜିଏସଟି ସାମ୍ବିଧାନିକ ସଂଶୋଧନକୁ ଅନୁମୋଦନ କରିଥିଲେ, ଯାହାକି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହଯୋଗମୂଳକ ସଂଘୀୟ ସିଦ୍ଧାନ୍ତର ସର୍ବୋତ୍ତମ ଉଦାହରଣ ଥିଲା । ୨୦୧୭ ମସିହାରେ ଆରମ୍ଭ ହେବାର ଆଠ ବର୍ଷ ପରେ, ସାମଗ୍ରୀ ଏବଂ ସେବା କର (ଜିଏସଟି) ଭାରତର ଆର୍ଥିକ ସଂସ୍କାରର ଏକ ମୂଳଦୁଆ ହୋଇ ରହିଛି, ଯାହା ପୂର୍ବରୁ ଥିବା ପରୋକ୍ଷ କରର ଏକ ଅଡୁଆ ଜାଲକୁ ଏକ ସୁଗମ, ଏକୀକୃତ କର ବ୍ୟବସ୍ଥାରେ ବଦଳାଇଛି । ଏକ ସାଧାରଣ ଜାତୀୟ ବଜାରକୁ ପ୍ରୋତ୍ସାହିତ କରି, ଜିଏସଟି ଦକ୍ଷତା ବୃଦ୍ଧି କରିଛି, ବ୍ୟବସାୟିକ ଖର୍ଚ୍ଚ ହ୍ରାସ କରିଛି ଏବଂ କରରେ ସ୍ୱଚ୍ଛତା ବୃଦ୍ଧି କରିଛି ।

## ରେଲଓ୍ୱାନ ଆପ୍ ଲଞ୍ଚ

### ସମସ୍ତ ଯାତ୍ରୀ ସେବା ପାଇଁ ଏକକ ସମାଧାନ



ନୂଆଦିଲ୍ଲୀ: ରେଳବାଇ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ନିରନ୍ତର ପଦକ୍ଷେପ ନେଉଛିଛ ନୂତନ ପିଢ଼ିର ଟ୍ରେନ୍ ପ୍ରଚଳନ, ଷ୍ଟେସନଗୁଡ଼ିକର ପୁନଃବିକଶିତକରଣ, ପୁରୁଣା କୋଚଗୁଡ଼ିକୁ ନୂତନ ଏଲଏଚବି କୋଚରେ ଅପଗ୍ରେଡ୍ କରିବା ଏବଂ ଏପରି ଅନେକ ପଦକ୍ଷେପ ଗତ ଦଶନ୍ଧିରେ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିଛି ।କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସେଣ୍ଟର ଫର୍ ରେଲୱେ ଇନଫର୍ମେସନ ସିଷ୍ଟମ୍ସର ୪୦ତମ ପ୍ରତିଷ୍ଠା ଦିବସରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଏକ ନୂତନ ଆପ୍,ରେଲଓ୍ୱାନ ଲଞ୍ଚ କରିଛନ୍ତି ।ରେଲଓ୍ୱାନ ରେଳବାଇ ସହିତ ଯାତ୍ରୀ ଇଣ୍ଟରଫେସ୍ ଉନ୍ନତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ।

ଏହା ଏକ ବ୍ୟାପକ, ଅଲ୍-ଇନ୍-ୱାନ୍ ଆପ୍ଲିକେସନ୍ ଯାହା ବ୍ୟବହାରକାରୀ-ଅନୁକୂଳ ଇଣ୍ଟରଫେସ୍ ସହିତଛ ଆପ୍ ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର ଏବଂଆଇଓଏସ ଆପ୍ ଷ୍ଟୋରରେ ଡାଉନଲୋଡ୍ ପାଇଁ ଉପଲବ୍ଧ । ଏହା ସମସ୍ତ ଯାତ୍ରୀ ସେବାକୁ ଆଇଆରସିଟିସିରେ ସଂରକ୍ଷିତ ଟିକେଟ୍ ପ୍ରଦାନ ଜାରି ରହିବ । ଆଇଆରସିଟିସି ସହିତ ସହଭାଗୀତା କରିଥିବା ଅନେକ ବାଣିଜ୍ୟିକ ଆପ୍ ପରି ରେଲଓ୍ୱାନ ଆପ୍ ମଧ୍ୟ ଆଇଆରସିଟିସି ଦ୍ୱାରା ଅନୁମୋଦିତ ହୋଇଛି ।

# ବୁମରାଙ୍କ ବିନା ୨୦ ୱିକେଟ ନେବାକୁ ଆମେ ସକ୍ଷମ



ଅଧିନାୟକ ଶୁଭମନ ଗିଲଙ୍କ ବୟାନ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ବୁମରା ଉପଲବ୍ଧ ଅଛନ୍ତି ତ ? ପ୍ରଶ୍ନର ଉତରରେ ସେ କହିଥିଲେ ସେ ଉପଲବ୍ଧ ଅଛନ୍ତି । ଆମେ ତାଙ୍କ ଉପରେ ଅଧିକ ଚାପ ପକାଇବାକୁ ଚାହୁଁନି । ପଡିଆରେ ପହଚିବା ପରେ ଆମେ ବୁମରାହ ଖେଳିବେ କି ନାହିଁ ତାହା ସ୍ଥିର କରିବୁ । ବୁମରାଙ୍କ ଅନୁପସ୍ଥିତି ଦଳର ବୋଲିଂ ବିଭାଗକୁ ଦୁର୍ବଳ କରିବ କି ? ଗିଲ କହିଥିଲେ ଆମ ନିକଟରେ ବିପକ୍ଷ ଦଳର ୨୦ ୱିକେଟ ହାସଲ କରିବା ପାଇଁ ଦକ୍ଷତା ସମ୍ପନ୍ନ ବୋଲର ଅଛନ୍ତି ।

ରିପୋର୍ଟ ମୁତାବକ ଏହି ମ୍ୟାଚରେ ଆକାଶ ଦୀପ, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ଅର୍ଶଦୀପ ସିଂ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି । ଏଠାରେ ଭାରତ ଟେଷ୍ଟରେ ଗୋଟିଏ ବି ମ୍ୟାଚରେ ବିଜୟ ହାସଲ କରିନି । ୮ରୁ ୭ଟି ମ୍ୟାଚରେ ପରାଜିତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ଡ୍ର ରହିଛି । ସିରିଜରେ ତିଷ୍ଠି ରହିବା ସହ ଚାପମୁକ୍ତ ହେବା ପାଇଁ ଭାରତକୁ ଏହି ମ୍ୟାଚ ଜିତିବା କିମ୍ବା ଡ୍ର ରଖିବାକୁ ପଡିବ ।

**ଆଜିର ମ୍ୟାଚ୍**

**ସ୍ଥାନ- ଏଜବଷ୍ଟନ**

**ସମୟ- ଅପରାହ୍ନ ୩.୪୫**

**ପ୍ରସାରଣ- ଷ୍ଟାର୍ ନେଟୱାର୍କ**

# ଜାତୀୟ କ୍ରୀଡା ନୀତିକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୦୧।୭ (ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜାତୀୟ କ୍ରୀଡା ନୀତି ୨୦୨୫ କୁ ଅନୁମୋଦନ ମିଳିଛି । ଦେଶର କ୍ରୀଡା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ଏବଂ କ୍ରୀଡା ମାଧ୍ୟରେ ନାଗରିକଙ୍କ ସଶକ୍ତିକରଣ ଉଦେଶ୍ୟରେ ଏହି ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ଥିବା ଜାତୀୟ କ୍ରୀଡା ନୀତି ୨୦୦୧ ସ୍ଥାନରେ ଏହି ନୂଆ କ୍ରୀଡା ନୀତି କାର୍ଯ୍ୟକାରୀ ହେବ । ଭାରତକୁ ଏକ ବିଶ୍ୱ କ୍ରୀଡା ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ଲାଗି ଦୂରଦୃଷ୍ଟିପୂର୍ଣ୍ଣ ଏବଂ ରଣନୀତିକ ରୂପରେଖ ପ୍ରସ୍ତୁତ କରାଯାଇଛି ।୨୦୩୬ ଅଲମ୍ପିକ୍ସ କ୍ରୀଡା ସମେତ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାଗୁଡିକରେ ସଫଳତା ପାଇଁ ଭାରତକୁ ଏକ ଦୃଢ ଦାବିଦାର ଭାବେ ପରିଣତ କରିବ ।

ଏହି ସ୍ତମ୍ଭର ଲକ୍ଷ ହେଉଛି ପ୍ରତିଭାର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା ସମେତ ତୃଣମୂଳ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ କ୍ରୀଡା କାର୍ଯ୍ୟକ୍ରମକୁ ସୁଦୃଢ କରିବା ।ପ୍ରତିଯୋଗିତା ମୂଳକ ଲିଗ୍ ଓ ପ୍ରତିଯେଗିତା ଆୟୋଜନକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ କ୍ଷେତ୍ରରେ କ୍ରୀଡା ଭିତ୍ତି ଭୂମିର ବିକାଶ କରିବା । ସେହିଭଳି ତାଲିମ୍, ପ୍ରଶିକ୍ଷଣ ଓ ସାମଗ୍ରିକ କ୍ରୀଡାବିତ୍ ସମର୍ଥନ ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା କରିବା । ଜାତୀୟ କ୍ରୀଡା ସଂଘଗୁଡିକର କ୍ଷମତାକୁ ବୃଦ୍ଧି କରିବା । ତତ୍ ସହିତ କ୍ରୀଡା ପ୍ରଦର୍ଶନରେ ସୁଧାର ଆଣିବା ପାଇଁ କ୍ରୀଡା ବିଜ୍ଞାନ, ଔଷଧ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା । ପ୍ରଶିକ୍ଷକ, ବୈଷୟିକ ଅଧିକାରୀ ଏବଂ ସହାୟକ କର୍ମଚାରୀଙ୍କ ସମେତ ସମସ୍ତଙ୍କୁ ତାଲିମ୍ ଦେବା ।

ଆର୍ଥିକ ବିକାଶ ପାଇଁ କ୍ରୀଡାକୁ ଗୁରୁତ୍ୱ ଦିଆଯାଇଛି । କ୍ରୀଡା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଭାରତରେ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡା ସମାରୋହ ଆୟୋଜନକୁ ଆକର୍ଷିତ କରିବା । କ୍ରୀଡା ଉତ୍ପାଦନ ଇକୋ ସିଷ୍ଟମକୁ ସୁଦୃଢ କରିବା ତଥା ଏହି କ୍ଷେତ୍ରରେ ଷ୍ଟାର୍ଟଅପ୍ ଓ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ । ସରକାରୀ ବେସରକାରୀ ସହଭାଗିତା, କର୍ପୋରେଟ୍ ସାମାଜିକ ଦାୟିତ୍ୱ ଏବଂ ଅଭିନବ ପାଣ୍ଠି ପଦକ୍ଷେପ ମାଧ୍ୟମରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ କରିବା ।



କ୍ରୀଡାକୁ ଜନ ଆନ୍ଦୋଳନର ରୂପ ଦେବା ପାଇଁ ଯୋଜନା ହୋଇଛି । ତେଣୁ ଏସବୁ ଦିଗ ଉପରେ ଅଧିକ ଧ୍ୟାନ ଦିଆଯିବ । ଦେଶବ୍ୟାପି ଅଭିଯାନ ଏବଂ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ବହୁଳ ଅଂଶଗ୍ରହଣ ତଥା ଫିଟ୍‌ନେସ୍ ସଂସ୍କୃତିକୁ ପ୍ରୋତ୍ସାହନ କରିବା । ସ୍କୁଲ, କଲେଜ ଏବଂ କର୍ମକ୍ଷେତ୍ର ଇତ୍ୟାଦି ପାଇଁ ଫିଟ୍‌ନେସ୍ ସୂଚକାଙ୍କ ଆରମ୍ଭ କରିବା ତଥା କ୍ରୀଡା ସୁବିଧାର ସାର୍ବଜନୀନ ଉପଲବ୍ଧିତାକୁ ବୃଦ୍ଧି କରିବା । ଶିକ୍ଷା ସହିତ କ୍ରୀଡାର ଏକକୀକରଣ ହୋଇପାରିଲେ ଆମ କ୍ରୀଡା କ୍ଷେତ୍ର ଆହୁରୀ ବ୍ୟାପକ ହେବ । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁରୂପ ଏନ୍‌ଏସ୍‌ପି ୨୦୨୫ ରେ ଦୁଇଟି କାର୍ଯ୍ୟ ହାତକୁ ନିଆଯିବ । ପ୍ରଥମତଃ ବିଦ୍ୟାଳୟ ପାଠ୍ୟକ୍ରମରେ କ୍ରୀଡାର ଏକକୀକରଣ କରିବା ଏବଂ କ୍ରୀଡା ଶିକ୍ଷା ଓ ସଚେତନାତାକୁ ପ୍ରୋତ୍ସାହନ ଲାଗି ସ୍ୱତନ୍ତ୍ର ତାଲିମ ସହିତ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ସକ୍ଷମ କରିବା ।

ଏନ୍‌ଏସ୍‌ପି ୨୦୨୫ ରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପାଇଁ ଏକ ମଡେଲ୍ ଭାବେ କାର୍ଯ୍ୟ କରିବ । ସେମାନଙ୍କୁ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି ନିଜର ନୀତି ସଂଶୋଧନ କିମ୍ବା ପ୍ରଣୟନ କରିବାକୁ ଉତ୍ସାହିତ କରିବ । ଏହା ଡାଞ୍ଚାଗତ ଦୃଷ୍ଟିକୋଣ ଓ ଭବିଷ୍ୟତ ରଣନୀତି ସହିତ ଜାତୀୟ କ୍ରୀଡା ନୀତି ୨୦୨୫ ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ କ୍ରୀଡା ରାଷ୍ଟ୍ର ହେବା ପାଇଁ ଏକ ପରିବର୍ତ୍ତନଶୀଳ ପଥରେ ରଖିବା ସହିତ ସୁସ୍ଥ ଓ ସଶକ୍ତ ନାଗରିକ ସୃଷ୍ଟି କରିବାକୁ ଲକ୍ଷ ରହିଛି ।

# ଆଜିଠୁ ଦ୍ୱିତୀୟ ଟେଷ୍ଟ

ବର୍ମିଂହାମ୍, ୦୧।୭ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ - ତେନ୍ଦୁଲକର ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ବର୍ମିଂହାମ୍‌ର ଏଜବଷ୍ଟନରେ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି । ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ପାଇଁ ଭାରତୀୟ ଦଳ ସ୍ୱତନ୍ତ୍ର ପ୍ରସ୍ତୁତି କରିଛି । ପ୍ରଥମ ଟେଷ୍ଟରେ ବ୍ୟାଟର ସଫଳ ହୋଇଥିବା ବେଳେ ବୋଲରଙ୍କ ଚରମ ବିଫଳତା ଯୋଗୁଁ ଭାରତ ଜିତିବା ମ୍ୟାଚ୍ ହାତଛଡା କରିଥିଲା । ଲିଡ୍ସ ଟେଷ୍ଟରେ ଦଳ ହାରିବା ପରଠୁ ଅଧିନାୟକ ଶୁଭମନ୍ ଗିଲ୍ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଚାପରେ ଅଛନ୍ତି । ବିଗତ ୪ ଦିନ ହେବ ଭାରତୀୟ ଦଳ ବର୍ମିଂହାମ୍‌ର ଏଜବଷ୍ଟନ୍‌ରେ ଝାଳବୁହା ଅଭ୍ୟାସ କରି ଘରୋଇ ଦଳକୁ ମାତ୍ ଦେବା ପାଇଁ ଯୋଜନା କରିଛି । ଭାରତୀୟ ସମୟ ଅପରାହ୍ନ ୩.୪୫ରେ ମ୍ୟାଚ୍ ଆରମ୍ଭ ହେବ । ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ ହୋଇନଥିବା ବେଳେ ଭାରତୀୟ ଦଳରେ ଅତି କମ୍‌ରେ ଗୋଟିଏ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ୧-୦ରେ ଆଗୁଆ ରହିଛି । ତେଣୁ ଭାରତୀୟ ଦଳ ଶୃଙ୍ଖଳାକୁ ଫେରିବା ଲକ୍ଷରେ ରହିଛି ।



ୱାଶିଂଟନ ନା କୁଳଦୀପ

ଏଜବଷ୍ଟନ୍ ଟେଷ୍ଟରେ ଭାରତୀୟ ଚୂଡାନ୍ତ ଏକାଦଶ ରୂପରେଖ କିଭଳି ହେବ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ଯେହେତୁ ଘରୋଇ ଦଳ ୧-୦ ଶୃଙ୍ଖଳା ଆଗୁଆ ଅଛି ତେଣୁ ଦ୍ୱିତୀୟ ମ୍ୟାଚ୍ ଟିମ୍ ଇଣ୍ଡିଆ ପାଇଁ ଚ୍ୟାଲେଞ୍ଜିଂ ରହିବ । ଭାରତକୁ ଚୂଡାନ୍ତ ଏକାଦଶ ଚୟନରେ ପାରମ୍ପରିକ ଚିନ୍ତାଧାରାରୁ ହଟି କଡା ନିଷ୍ପତ୍ତି ନେବାକୁ ପଡିବ । ବ୍ୟାଟିଂ ଉପଯୋଗୀ ପିଚ୍‌ରେ ଏମିତି ବୋଲରଙ୍କୁ ଚୟନ କରିବାକୁ ପଡିବ ଯେଉଁମାନେ ପ୍ରତିପକ୍ଷର ୨୦ ୱିକେଟ୍ ଦଖଲ କରିବାକୁ ସକ୍ଷମ । ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ଶେଷ ଦିନ ଇଂଲଣ୍ଡ ୩୭୧ର ବିଜୟ ଲକ୍ଷକୁ ସହଜରେ ହାସଲ କରି ନେଇଥିଲା । ସେହି ସମୟରେ ଭାରତୀୟ ଦଳରେ କୁଳଦୀପ ଯାଦବଙ୍କ ଅନୁପସ୍ଥିତି ଅନୁଭବ ହୋଇଥିଲା । ସହାୟକ କୋଚ୍ ରିଆନ୍‌ଟେନ୍ ଡୋଶେଟ୍ କହିଛନ୍ତି ଭାରତ ପ୍ରବନ୍ଧକ ଦଳ ସଠିକ ସଂଯୋଜନ ପାଇଁ ଉଦ୍ୟମ କରୁଛି । ଯଦ୍ୱାରା ବ୍ୟାଟିଂର ଗଭୀରତା ଉପରେ ପ୍ରଭାବ ପଡିବ ନାହିଁ । ବୋଲର ମଧ୍ୟ ୨୦ ୱିକେଟ୍ ଅକ୍ତିଆର କରିପାରିବେ ।

ଇଂଲଣ୍ଡ ମଧ୍ୟ ସମାନ ପ୍ରୟାସରେ ରହିବ । ସେ ଦିଗରେ ଭାରତକୁ ଅଧିକ ଧ୍ୟାନ ଦେବାକୁ ପଡିବ । ଏଜବଷ୍ଟନରେ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ତେଣୁ ଟିମ୍ ଇଣ୍ଡିଆକୁ ନିଷ୍ପତ୍ତି ନେବାକୁ ହେବ ଯେ, ରବିନ୍ଦ୍ର ଜାଡେଜାଙ୍କୁ ସହାୟତା କରୁଥିବା ୱାଶିଂଟନ୍ ସୁନ୍ଦର ନା କୁଲଦୀପ ଯାଦବ କାହାକୁ ସୁଯୋଗ ଦିଆଯିବ । ଏହା ନିଶ୍ଚିତ ଯେ, ଭାରତ ଦୁଇ ସ୍ପିନ୍‌ର ସହ ମଇଦାନକୁ ଓହ୍ଲାଇବ । ଚାଇନାମ୍ୟାନ୍ ସ୍ପିନ୍‌ର କୁଲଦୀପ ଯାଦବ ବିଦେଶୀ ମାଟିରେ ୱିକେଟ୍ ନେବାରେ ପାରଙ୍ଗମ କିନ୍ତୁ ୱାଶିଂଟନ୍ ସୁନ୍ଦର ଚମତ୍କାର ସ୍ପିନ୍ ସହ ରନ୍ ସଂଗ୍ରହ କରିବାରେ ମାହିର । ଏ ଦୃଷ୍ଟିରୁ ଭାରତ ଶେଷ ଭାଗରେ ବ୍ୟାଟିଂ ଲାଇନକୁ ମଜଭୁତ କରିବା ପାଇଁ ୱାଶିଂଟନ୍ ସୁନ୍ଦରଙ୍କ ଉପରେ ଅଧିକ ଭରସା ଦେଖାଇପାରେ ।

ପ୍ରଥମ ଟେଷ୍ଟରେ ଦ୍ରୁତ ବୋଲର ସାର୍ଦ୍ଦୁଲ୍ ଠାକୁରଙ୍କୁ ଅଲ୍ ରାଉଣ୍ଡର ଭାବେ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିଥିଲା । ମାତ୍ର ୨ୟ ଟେଷ୍ଟରେ ବ୍ୟାଟିଂ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡିଙ୍କୁ ସୁଯୋଗ ମିଳିପାରେ । ସେହିଭଳି ଯଶପ୍ରୀତ ବୁମରାଙ୍କ ଖେଳିବା ନେଇ ସନ୍ଦେହ ରହିଛି । ଯଦି ସେ ଦ୍ୱିତୀୟ ଟେଷ୍ଟ ନଖେଳନ୍ତି ତେବେ ଦ୍ରୁତ ବୋଲିଂ ବର୍ଗ ଦାୟିତ୍ୱ ମହମ୍ମଦ ସିରାଜ, ଆକାଶ ଦୀପ ଓ ପ୍ରସିଦ୍ଧ କ୍ରୀଷ୍ଣା ସମ୍ଭାଳିବେ । ବୁମରା ନଖେଳିଲେ ଏହି ୩ ବୋଲରଙ୍କୁ ଅତିରିକ୍ତ ଦାୟିତ୍ୱ ନେବାକୁ ପଡିବ । ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ୍, ରିଷଭ ପନ୍ତ ଓ ଅଧିନାୟକ ଶୁଭମନ୍ ଗିଲ୍‌ଙ୍କୁ ଏହି ଲୟ ବଜାୟ ରଖିବାକୁ ପଡିବ । ସାଇ ସୁଦର୍ଶନ ଓ କରୁଣ ନାୟରଙ୍କୁ ଖରାପ ଆରମ୍ଭ ପରେ ବି ଆଉ ଏକ ସୁଯୋଗ ମିଳିପାରେ ।

ଇଂଲଣ୍ଡର ଚୂଡାନ୍ତ ଏକାଦଶ

ତେନ୍ଦୁଲକର -ଆଣ୍ଡରସନ୍ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ଜିତି ୧-୦ ରେ ଆଗୁଆ ରହିଛି । ବୁଧବାର ଠାରୁ ଦ୍ୱିତୀୟ ମ୍ୟାଚ୍ ବିଗୁଲ ବାଜିବ । ମ୍ୟାଚ୍‌ର ଦିନକ ଆଗରୁ ଇଂଲଣ୍ଡ ଚୂଡାନ୍ତ ଏକାଦଶ ଘୋଷଣା କରିଛି । ଦ୍ୱିତୀୟ ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳରେ ଯୋଫ୍ରା ଆର୍ଚର ସାମିଲ ହୋଇଛି । କିନ୍ତୁ ଚୂଡାନ୍ତ ଏକାଦଶରେ ତାଙ୍କ ନାଁ ନାହିଁ । ଇଂଲଣ୍ଡ ପ୍ରଥମ ଟେଷ୍ଟ ଚୂଡାନ୍ତ ଏକାଦଶରେ କୌଣସି ପରିବର୍ତ୍ତନ କରିନାହିଁ । ଅର୍ଥାତ୍ ପ୍ରଥମ ଟେଷ୍ଟ ଯେଉଁମାନେ ଖେଳୁଥିଲେ ଦ୍ୱିତୀୟ ଟେଷ୍ଟରେ ସେମାନେ ନଜର ଆସିବେ । ପ୍ରଥମ ଟେଷ୍ଟରେ ଇଂଲଣ୍ଡ ସହଜରେ ୩୭୧ ରନ୍ ଟାର୍ଗେଟ୍‌କୁ ହାସଲ କରିନେଇଥିଲା । ଟେଷ୍ଟର ପଞ୍ଚମ ଦିନ ଇଂଲଣ୍ଡ ଏତେ ସଂଖ୍ୟାରେ ରନ୍ ସଂଗ୍ରହ କରି କୀର୍ତ୍ତିମାନ ରଚିଥିଲା ।

ଇଂଲଣ୍ଡ ଚୂଡାନ୍ତ ଏକାଦଶ : ଜ୍ୟାକ୍ କ୍ରାୱଲି, ବେନ୍ ଡକେଟ୍, ଓଲିପୋପ୍, ଜୋରୁଟ୍, ହ୍ୟାରି ବ୍ରୁକ୍, ବେନ୍ ଷ୍ଟୋକ୍ସ, ଜାମିସ୍ମିଥ୍, କ୍ରିଷ ୱକ୍ସ, ବ୍ରାଇଡନ୍ କାରସେ , ଯୋସ୍ ଟଙ୍ଗ ଓ ଶୋଏବ ବଶିର ।

ଭାରତୀୟ ସମ୍ଭାବ୍ୟ ଏକାଦଶ : ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁଭମନ୍ ଗିଲ୍, ରିଷଭ ପନ୍ତ, କରୁଣ ନାଏର, ରବିନ୍ଦ୍ର ଜାଡେଜା, ସାର୍ଦ୍ଦୁଲ୍ ଠାକୁର, ନୀତିଶ ରେଡ୍ଡି, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରୀଷ୍ଣା ଓ ଆକାଶ ଦୀପ ।

## ଛକା ମାରିବା କ୍ଷଣି ପିଚ୍‌ରେ ଟଳିପଡ଼ିଲେ କ୍ରିକେଟର୍

ନୂଆଦିଲ୍ଲୀ, ୦୧।୭ (ଏଜେନ୍ସି) : ମୃତ୍ୟୁ କେତେବେଳେ କେଉଁଠି ଆସିବ, ସେକଥା କାହାକୁ ଜଣା ନାହିଁ । ମୃତ୍ୟୁ ଅପ୍ରତ୍ୟାଶିତ । ବାରମ୍ବାର ହଠାତ ମୃତ୍ୟୁ ସମସ୍ତଙ୍କୁ ଚକିତ କରିବାରେ ଲାଗିଛି । ବିଶେଷ କରି ୨୦୨୦ ପର ଠାରୁ ହୃଦଘାତ ଜନିତ ମୃତ୍ୟୁ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । ଶାରିରୀକ ସ୍ତରରେ ଫିଟ ଥିବା ଲୋକ ମଧ୍ୟ ହୃଦଘାତର ଶିକାର ହେଉଛନ୍ତି ।ଏହାର ଆଉ ଏକ ଜ୍ୱଳନ୍ତ ଉଦାହରଣ ଏବେ ସାମ୍ନାକୁ ଆସିଛି । ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ମୃତ୍ୟୁର ଦୃଶ୍ୟ ରହିଛି । ଏହି ଭିଡିଓରେ ଦେଖାଯାଉଛି ଯେ ଜଣେ ବ୍ୟାଟର କ୍ରିକେଟ ମ୍ୟାଚ୍ରେ ଛକା ମାରିବା କ୍ଷଣି ପିଚ୍ରେ ଟଳି ପଡୁଛନ୍ତି । ଏହି ଭିଡିଓଟି ପଞ୍ଜାବର ଫିରୋଜପୁରରୁ ଆସିଛି । ବ୍ୟାଟର ଜଣଙ୍କ ପିଚ୍ରେ ଗାର୍ଡ ନେବା ସହ ସାମ୍ନା କରିଥିବା ବଲକୁ ବାଉଣ୍ଡରୀ ବାହାରକୁ ପଠାଇ ଦେଉଛନ୍ତି ।ଛକା ମାରିବା ପରେ ସେ ପିଚ୍ର ମଝିକୁ ଯାଉଛନ୍ତି । ଏହାପରେ ଛାତିରେ ଯନ୍ତ୍ରଣା ହେବାରୁ ସେ ଆଣ୍ଠେଇ ବସୁଛନ୍ତି ବିସିବାକୁ ଚେଷ୍ଟା କରୁଛନ୍ତି । ହେଲେ ସେହି ଅବସ୍ଥାରେ ହିଁ ସେ ପିଚ୍ରେ ଟଳି ପଡୁଛନ୍ତି । ତାଙ୍କୁ ଏପରି ଅବସ୍ଥାରେ ଦେଖି ସାଥୀ ଖେଳାଳିମାନେ ଦୌଡ଼ି ଆସିବା ସହ ସିପିଆର ଦେବାକୁ ଚେଷ୍ଟା କରିଥିଲେ ।

# ଡିପିଏଲ ଅକ୍ସନରେ ସାମିଲ ହେବେ ପନ୍ତ

ନୂଆଦିଲ୍ଲୀ, ୦୧।୭ (ଏଜେନ୍ସି) : ଇତିହାସର ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତ ଏବେ ଦିଲ୍ଲୀ ପ୍ରିମିୟର ଲିଗ ବା ଡିପଏଲରେ ନଜର ଆସିବେ । ଆଇପିଏଲ ଅକ୍ସନ ବେଳେ ତାଙ୍କୁ ରେକର୍ଡ ୨୭ କୋଟି ଟଙ୍କା ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବା ଏଲଏସଜି କିଣିଥିଲା । ଏବେ ପନ୍ତ ଡିପିଏଲ ଅକ୍ସନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ଅକ୍ସନ ବେଳେ ତାଙ୍କୁ ନେବାକୁ ୮ଟି ଯାକ ଫ୍ରାଞ୍ଚାଇଜ ଟଙ୍କା ବର୍ଷା କରି ପାରନ୍ତି ।ପନ୍ତଙ୍କ ବ୍ୟତୀତ ଆଉ ୯ ଜଣ ଆଇପିଏଲ ଷ୍ଟାର ମଧ୍ୟ ଡିପିଏଲ ଖେଳିବାକୁ ଆଗ୍ରହ ଦେଖାଇଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଯୁବ ତାରକା ପ୍ରିୟାଂଶ ଆର୍ଯ୍ୟ ଓ ଦିଗବେଶ ରାଠି ରହିଛନ୍ତି । ଏମାନେ ସମସ୍ତେ ଅକ୍ସନରେ ସାମିଲ ହେବା । ଆସନ୍ତା ଜୁଲାଇ ୬ ଓ ୭ ତାରିଖରେ ଡିପିଏଲ ପାଇଁ ଦିଲ୍ଲୀରେ ଅକ୍ସନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।ମଙ୍ଗଳବାର ଦିଲ୍ଲୀ ଓ ଡିଷ୍ଟ୍ରିକ କ୍ରିକେଟ ଆସୋସିଏସନ ବା ଡିଡିସିଏ କହିଛି ଯେ ଡିପିଏଲରେ ଚଳିତ ବର୍ଷ ଆଉ ୨ଟି ନୂଆ ଫ୍ରାଞ୍ଚାଇଜ ସାମିଲ ହେବ । ଫଳରେ ୬ ବଦଳରେ ଏଣିକି ୮ଟି ଟିମକୁ ନେଇ ଡିପିଏଲ ଖେଳଯିବ ।ଆଉଟର ଦିଲ୍ଲୀ ଫ୍ରାଞ୍ଚାଇଜକୁ ସବିତା ପେଣ୍ଟସ ପ୍ରାଇଭେଟ ଲିଃ ୧୦.୬ କୋଟିରେ କିଣିଛି । ସେହିପରି ନୂଆ ଦିଲ୍ଲୀ ଫ୍ରାଞ୍ଚାଇଜକୁ ୯.୨ କୋଟି ଟଙ୍କାରେ ଭୀମା ଟୋଲିଂ ଆଣ୍ଡ ଟ୍ରାଫିକ ସଲ୍ୟୁସନ୍ସ ପ୍ରାଇଭେଟ ଲିଃ ଓ କ୍ରାୟନ ଆଡଭରଟାଇଜିଂ ଲିଃ ଦଖଲ କରିଛି । ଏହି ଦୁଇ ନୂଆ ଦଳ ବ୍ୟତୀତ ପୂର୍ବରୁ ୬ଟି ଟିମ ମଧ୍ୟ ଡିପିଏଲ ଖେଳିବେ । ସେମାନେ ହେଲେ ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗସ, ଇଷ୍ଟ ଦିଲ୍ଲୀ ରାଇଡର୍ସ, ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ, ପୁରାନି ଦିଲ୍ଲୀ ୬, ସାଉଥ ଦିଲ୍ଲୀ ସୁପରଷ୍ଟାର୍ସ ଓ ୱେଷ୍ଟ ଦିଲ୍ଲୀ ଲାୟନ୍ସ ।

ଡିପିଏଲ ଓ ଡିଡିସିଏ ସଭାପତି ରୋହନ ଜେଟଲୀ କହିଛନ୍ତି, "ଦିଲ୍ଲୀ ପ୍ରିମିୟର ଲିଗ ଗୋଟିଏ ଟୁର୍ଣ୍ଣାମେଣ୍ଟ ଠାରୁ ଅଧିକ । ଏହା ରାଜଧାନୀର ମୂଳ କ୍ରିକେଟ ସଂସ୍କୃତିକୁ ପାଳନ କରିବାର ଉତ୍ସବ । ସିଜନ ୧ରେ ଯେଉଁ ଭଳି ଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା, ତାହା ବେଶ ଆନନ୍ଦ ଦାୟକ । ଆମେ ଅଧିକରୁ ଅଧିକ ଖେଳାଳିଙ୍କୁ ଚମକିବା ପାଇଁ ମଞ୍ଚ ଦେବାକୁ ଚାହୁଁଛୁ । ଡିପିଏଲ ଯୋଗୁ ପ୍ରିୟାଂଶ ଆର୍ଯ୍ୟ ଓ ଦିଗବେଶ ରାଠିଙ୍କ ଭଳି ଖେଳାଳି ସାମ୍ନାକୁ ଆସିଛନ୍ତି । ସେମାନେ ଆଇପିଏଲରେ ନିଜର ଦକ୍ଷତା ପ୍ରକାଶ କରିପାରିଛନ୍ତି । ଏଥର ଅକ୍ସନରେ ଆହୁରି ବଡ଼ବଡ଼ ଖେଳାଳି ସାମିଲ ହେବେ ।



# ବର୍ମିଂହାମ୍‌ରେ ଓଡ଼ିଶା କନଷ୍ଟେବଲଙ୍କ ସଫଳତା

ଭୁବନେଶ୍ୱର, ୦୧।୭ (ସବ୍ୟୁ) : ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର କନଷ୍ଟେବଲ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ରାଜ୍ୟ ପୋଲିସ ପାଇଁ ଗୌରବ ଆଣିଛନ୍ତି ।

ଅଶୋକ ଦଣ୍ଡସେନା ୮୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୮୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି । ଉଭୟଙ୍କ ଏହି ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉଭୟ ଅଶୋକ ଓ ସୁସ୍ମିତା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅସାଧାରଣ କ୍ରୀଡା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶାର ପୋଲିସର ସୁନାମ ବଢ଼ାଇଛନ୍ତି ।





ଉଲ୍ଲେଖଯୋଗ୍ୟ, ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି ।

ଅଶୋକ ଓ ସୁସ୍ମିତାଙ୍କ ବିଜୟ ଓଡ଼ିଶା ପୋଲିସର କ୍ରୀଡା ଉତ୍କର୍ଷତା, ଦୃଢ଼ତା ଏବଂ ଶୃଙ୍ଖଳାର ପ୍ରମାଣ । ଉଭୟଙ୍କ ପଦକ ବିଜୟ ଓଡିଶା ପୋଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଉଛି ।

## ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍

# ଦ୍ୱିତୀୟ ରାଉଣ୍ଡରେ ସିନର୍, ମିନାଉର, ପଲ

ଲଣ୍ଡନ, ୦୧।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ୍ ଇଂଲଣ୍ଡରେ ଜାରି ରହିଛି । ଅଲ୍ ଇଂଲଣ୍ଡ ଲନ୍ ଟେନିସ୍ ଓ କ୍ରକେଟ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିନ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ଗୁଡିକରେ ଜାନିକ୍ ସିନର୍, ମିନାଉର୍, ପଲ, ଭାନ୍ ଡି ଜାଣ୍ଡସ୍କୁପ୍, ଭୁକି, ସୁନେଗୋ, ଜମାଣିଆ ବିଜୟର ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।




ୱିମ୍ବଲଡନ୍‌ର ୧ ନମ୍ବର ସିଡ୍ ଖେଳାଳି ଜାନିକ୍ ସିନର୍ ଜମାଣିଆ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରତିପକ୍ଷ ଲୁକା ନାରଡିଙ୍କୁ ୬-୪, ୬-୩, ୬-୦ ସିଧାସଳଖ ସେଟ୍‌ରେ ଧରାସାୟୀ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ୧୧ ତମ ସିଡ୍ ଆଲେକ୍ସ ଡି ମିନାଉର ୬-୨, ୬-୨, ୭-୬ ସେଟ୍‌ରେ ରୋବେର୍ଟୋ କାର୍ବନ୍‌ସ ବାୟେନାଙ୍କୁ ପରାଜିତ କରି ଆଗକୁ ବଢିଛନ୍ତି । ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଆର୍ଯ୍ୟାନା ସାବାଲେଙ୍କା ଜମାଣିଆ ପ୍ରଦର୍ଶନ ଦେଖାଇ ଆଗକୁ ବଢିଛନ୍ତି । ଟପ୍‌ସିଡ୍ ଆର୍ଯ୍ୟାନା ୬-୧, ୭-୫ ସେଟ୍‌ରେ କାନାଡାର କାର୍ସନ୍ ବ୍ରାନଷ୍ଟିନଙ୍କୁ ହରାଇଥିଲେ । ଉଭୟଙ୍କ ମଧ୍ୟରେ ୭୪ ମିନିଟର କଡା ସଂଘର୍ଷ ହୋଇଥିଲା । ସିଙ୍ଗଲ୍ସର ଅନ୍ୟ ମ୍ୟାଚ୍‌ଗୁଡିକରେ ମ୍ୟାକ୍‌ନେଲି, ୱାଙ୍ଗଜିନ୍ୟୁ, ବାର୍ବୋରାକ୍ରେଜସି କୋଭା, ଆନା କାଲିନସ୍କା, ଇରିନା କାମେଲିଆ ବେଗୁ, କାଟେରିନା ସିନିଆ କୋଭା ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି